

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 APRIL 2021
Vol.No. 32 ■ No. 109 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କୋଭିସିଲ୍ଡ ଟିକାର ଦର କମାଇଲା ସେରମ ଇନଷ୍ଟିଚ୍ୟୁଟ୍

### ରାଜ୍ୟକୁ ୩୦୦ ଟଙ୍କାରେ ମିଳିବ କୋଭିସିଲ୍ଡ ଟିକା




ନୂଆଦିଲ୍ଲୀ,୨୮/୦୪ (ନି.ପ୍ର): କମିଲା ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡ ଟିକାର ଦାମ୍। କମ୍ପାନୀ ୨୫ ପ୍ରତିଶତ ଦାମ୍ କମାଇଛି। କୋଭିଶିଲ୍ଡ ଟିକା କମ୍ପାନୀର ସିଇଓ ଅଦର ପୁନାୱାଲା ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ସେରମ୍ ରାଜ୍ୟ ସରକାର ପାଇଁ ଦର କମାଇ ଡୋଜ ପିଛା ୩୦୦ ଟଙ୍କା କରିଛନ୍ତି। ଆଉ ଏହା ତୁରନ୍ତ କାର୍ଯ୍ୟକାରୀ କରିବାକୁ ପୁନାୱାଲା ନିର୍ଦ୍ଦେଶ ଦେଇଥିବା ସିଏନବିସି ଟିଭିକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। କମ୍ପାନୀର ଏହି ନିଷ୍ପତ୍ତି ଦ୍ୱାରା ଅଧିକରୁ ଅଧିକ ଟିକାକରଣ ହୋଇପାରିବ ଏବଂ ରାଜ୍ୟ ସରକାର ପାଇଁ ଆର୍ଥିକ ଭାର କମିଯିବ ବୋଲି ପୁନାୱାଲା କହିଛନ୍ତି। ମେ ୧ରୁ ସାରା ଦେଶରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେଉଛି। ଏହା ପୂର୍ବରୁ ଟିକା ଦାମକୁ ନେଇ ବିରୋଧୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ କେନ୍ଦ୍ର ସରକାର ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ଭାରତ ବାୟୋଟେକକୁ ଟିକା ଦାମ କମେଇବାକୁ କହିଥିଲେ। ଏବେ କେନ୍ଦ୍ରର ଆହ୍ୱାନ କ୍ରମେ ସେରମ୍ ଟିକା ଦର କମାଇବା ପରେ ରାଜ୍ୟ ସରକାରଙ୍କ ପାଇଁ ଆଶ୍ୱସ୍ତି ଦେଇଛି। ଏସଆଇଆଇ କୋଭିଶିଲ୍ଡର ଦାମ ରାଜ୍ୟ ସରକାର ଏବଂ ବେସରକାରୀ ଡାକ୍ତରଖାନାକୁ ଯଥାକ୍ରମେ ୪୦୦ ଏବଂ ୬୦୦ ଟଙ୍କାରେ ବିକ୍ରି କରିବ ବୋଲି ପ୍ରଥମେ ଘୋଷଣା କରିଥିଲା। ଏବେ ଏହି ଟିକାର ଦାମ ୨୫ ପ୍ରତିଶତ କମାଇ ୩୦୦ ଟଙ୍କା କରାଯାଇଥିବା ପୁନାୱାଲା କହିଛନ୍ତି। ହେଲେ ଘରୋଇ ଡାକ୍ତରଖାନା ▶▶ପୃଷ୍ଠା ୭

## ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖୁଥିଲେ ୩ ପୁଲିସ କର୍ମଚାରୀ :

### ମିଛ ରେଡ୍ କରି ଟଙ୍କା ଗାଏବ କରିବାକୁ ଦୁଇ କନେଷ୍ଟବଲ ଓ ଜଣେ ହାବିଲଦାର କରିଥିଲେ ଷଡଯନ୍ତ୍ର



ଭୁବନେଶ୍ୱର,୨୮/୦୪ (ନି.ପ୍ର): କେବେ ଦେଖିଛନ୍ତି ନଗଦ କୋଟିଏ ଟଙ୍କା । ଏକାଠି ନଗଦ କୋଟିଏ ଟଙ୍କାର ବିଡା ବିଡା ନୋଟ ଆପଣ ଓ ଆମ ପରି ସାଧାରଣ ଲୋକ ଯେଉଁଠି ଦେଖିବା ସ୍ୱପ୍ନ, ସେଠି ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖିଥିଲେ ୩ ପୁଲିସ କର୍ମଚାରୀ । ଆଉ ସେଥିପାଇଁ ରଚିଥିଲେ ମିଛ ରେଡର ଷଡଯନ୍ତ୍ର । ଜଣେ ବ୍ୟବସାୟୀଙ୍କୁ ଲୁଟ୍ କରିବା ପାଇଁ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଥିଲେ ▶▶ପୃଷ୍ଠା ୭

## ପ୍ରଣମ୍ୟ ମନୋଜ ଦାସଙ୍କ ବିୟୋଗରେ୍ ଶୋକାଞ୍ଜଳି



ଓଡ଼ିଆ ସାହିତ୍ୟର ମହାନାୟକ ତଥା ଭାରତୀୟ ସାହିତ୍ୟର ଚଳନ୍ତି ସ୍ୱର, ବାଲେଶ୍ୱର ମାଟିର ଗର୍ବ ଗୌରବ ଶ୍ରୀଯୁକ୍ତ ମନୋଜ ଦାସ ଆମ ଗହଣରେ ନାହାନ୍ତି। ସେହି ମହାନ୍ ବ୍ୟକ୍ତିଙ୍କ ଦେହାବସାନ କେବଳ ଆମ ଜାତି ପାଇଁ ଗୋଟେ ଅପୂରଣୀୟ କ୍ଷତି। ସେଇ ମହାନ ଆତ୍ମା ପ୍ରତି ଧ୍ୱନି ପ୍ରତିଧ୍ୱନିର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ତାଙ୍କ ଅମର ଆତ୍ମାର ସଦଗତି ହେଉ ଏତିକି ପ୍ରାର୍ଥନା ।

– ଧ୍ୱନି ପ୍ରତିଧ୍ୱନି

ଭୋଗରାଇ ମାଟିର ସୁଯୋଗ୍ୟ ସନ୍ତାନ, ବିଶ୍ୱ ସାହିତ୍ୟର ଅନନ୍ୟ ପ୍ରତିଭାଧର କଥାକାର ମନୋଜ ଦାସଙ୍କ ଦେହାନ୍ତ ଆମପାଇଁ ଅବିଶ୍ୱସନୀୟ ଓ ଆମ ଜାତି ପାଇଁ ଅପୂରଣୀୟ କ୍ଷତି । ସବୁଦିନ ପାଇଁ ବାଲେଶ୍ୱର ମାଟି ତାଙ୍କୁ ମନେ ରଖିବ। ତାଙ୍କ କାଳଜୟୀ ସୃଷ୍ଟି ବାଲେଶ୍ୱର ମାଟିକୁ ଚିରଦିନ ବିଶ୍ୱ ମାନସରେ ଜାଜ୍ୱଲ୍ୟମାନ କରୁଥିବ । ତାଙ୍କର ଅମର ଆତ୍ମାର ସଦ୍ଗତି ହେଉ ଏତିକି ବିଶ୍ୱନିୟନ୍ତାଙ୍କ ପାଖରେ ପ୍ରାର୍ଥନା ।

– ରଘୁନାଥ ମହାନ୍ତି
ପୂର୍ବତନ ମନ୍ତ୍ରୀ, ବାଲେଶ୍ୱର

ମହାଜାଗତିକ ଚେତନାର ଅଧିକାରୀ ଓ ସାରସ୍ୱତ ସାଧକ ପଦ୍ମଭୂଷଣ ମନୋଜ ଦାସଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଶୋକବାର୍ତ୍ତାରେ କହିଛନ୍ତି। ସୁଦୂର ଭୋଗରାଇର ଶଙ୍ଖାରୀ ଗ୍ରାମରୁ ଆରମ୍ଭ ତାଙ୍କର ସାରସ୍ୱତ କୃତି ସାରାବିଶ୍ୱରେ ସ୍ୱୀକୃତି ଲାଭ କରିବା ସଙ୍ଗେସଙ୍ଗେ ତାଙ୍କର ଓଡ଼ିଶା ମାଟି ତଥା ଓଡ଼ିଶାର ଜନଜୀବନ ସହିତ ଶେଷ ପର୍ଯ୍ୟନ୍ତ ତାଙ୍କର ସଂପର୍କ ହେତୁ ସମସ୍ତେ ତାଙ୍କର ମହାପ୍ରୟାଣରେ ଅତ୍ୟନ୍ତ ଦୁଃଖିତ। ଭଗବାନ ତାଙ୍କର ଅମର ଆତ୍ମାର ସଦ୍ଗତି କରନ୍ତୁ।

–ଶୁଭଙ୍କର ମହାପାତ୍ର
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ବିଜେପି

ବିଶ୍ୱ ବିଦିତ ମହାନ କଥାକାର ମନୋଜ ଦାସଙ୍କ ଆକସ୍ମିକ ପରଲୋକ ସମସ୍ତ ସାହିତ୍ୟିକମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ଫକୀରମୋହନ ଓ ଗୋପିନାଥଙ୍କ ପରେ ଯେଉଁ ନୂଆ କଥା ସାହିତ୍ୟର ଯୁଗ ଆରମ୍ଭ ହୋଇଥିଲା ଆଜି ତାର ଅବସାନ ଘଟିଲା । ବ୍ୟକ୍ତିଗତ ଭାବରେ ମୋର ତାଙ୍କ ସହିତ ଯେଉଁ ସମ୍ପର୍କ ଥିଲା ତାହା ଆମୃତ୍ୟୁ ଅବିସ୍ମରଣୀୟ

– ଡ. କୁଞ୍ଜ ବିହାରୀ ଧଳ, କବି
ବାଲେଶ୍ୱର

ଓଡ଼ିଆ ମାଟି ମା'ର ଲଲାଟ ତିଳକ ସଦୃଶ ଯଶସ୍ୱୀ କଥାଶିଳ୍ପୀ ମନୋଜ ଦାସଙ୍କ ବର୍ତ୍ତମାନ ଉତ୍କଳର ବାଣୀଭଣ୍ଡାର ପାଇଁ ଏକ ବିରାଟ ଶୂନ୍ୟତା । ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ ସ୍ରଷ୍ଟାମାନଙ୍କ ମଧ୍ୟରେ କୋଟି ଜନତାଙ୍କ ହୃଦୟର ଲେଖକ ଥିଲେ ସେ । ତାଙ୍କର ସ୍ନେହସିକ୍ତ ସାନିଧ୍ୟ ଓ ଆଶିର୍ବାଦରୁ ମୁଁ ବଞ୍ଚିତ ହେଲି । ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପାଇଁ ଏହା ଅପୂରଣୀୟ କ୍ଷତି । ସେହି ମହାନ ସାଧକଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

– କବି କାଳିପଦ ପଣ୍ଡା,
ସଦସ୍ୟ, ଓଡ଼ିଶା ସାହତ୍ୟ ଏକାଡେମୀ

ବିଶ୍ୱ ସାହିତ୍ୟର ଏହି ମହାନ ଋଷିଙ୍କ ଦେହାବସାନ ଏକ ଯୁଗର ଅବସାନ । ଦୁଃଖ ରହିଗଲା ଏହି ମହାନ ସ୍ରଷ୍ଟା ଜ୍ଞାନପୀଠ ସମ୍ମାନରୁ ବଂଚିତ ରହିଗଲେ । ଏହା ଓଡ଼ିଆ ସାହିତ୍ୟର ବିମର୍ଶ ଭାଗ୍ୟ । ତାଙ୍କ ଅମର ଆତ୍ମାର ସଦଗତି ପ୍ରାର୍ଥନା କରୁଛି ।

– ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ଗାଳ୍ପିକ
ଭୁବନେଶ୍ୱର

ଭାରତବର୍ଷର ପ୍ରଥିତଯଶା ସାହିତ୍ୟିକ ଏ ମାଟିର ଗର୍ବ ଗୌରବ ପୂଜ୍ୟ ପିତୃ ପ୍ରତିମ ମନୋଜ ଦାସଙ୍କ ମହାପ୍ରୟାଣ ଖବର ମୋ ପରି ହଜାର ହଜାର ସାହିତ୍ୟିକଙ୍କୁ ସ୍ତବ୍ଧ କରିଥିବ । ଆସନ୍ତୁ ଯିଏ ଯାହାର ସ୍ଥାନରେ ନୀରବରେ ଈଶ୍ୱରଙ୍କୁ ପ୍ରାର୍ଥନା କରି ତାଙ୍କ ଆତ୍ମାର ସଦ୍ଗତି କାମନା କରିବା ।

– ନିବାରଣ ଜେନା, ଗାଳ୍ପିକ
ପୂର୍ବତନ ସମ୍ପାଦକ, ଫକୀରମୋହନ ସାହିତ୍ୟ ପରିଷଦ

ଖୁବ ଦୁଃଖଦ ବାର୍ତ୍ତା ଆମ ପାଇଁ । ବିଶ୍ୱ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ ଉଚ୍ଚାରଣ ବାଗ୍ମୀ ତଥା ସାରସ୍ୱତ ସାଧକ ଆଜି ଆଉ ଆମ ଗହଣରେ ନାହାନ୍ତି । ମୁଁ ବ୍ୟକ୍ତିଗତ ଭାବେ ମର୍ମାହତ। ତାଙ୍କର ଶୂନ୍ୟସ୍ଥାନ କାଳ କାଳ ରହିଯିବ ଅପୂରଣୀୟ ହୋଇ । ଦିବଂଗତ ଆତ୍ମାଙ୍କୁ ମୋର ତଥା ବାଲେଶ୍ୱର ସାହିତ୍ୟ ସଂସ୍କୃତି କଳା ପରିଷଦ ପକ୍ଷରୁ ଶ୍ରଦ୍ଧା ସୁମନ ।

– ରାଧାରଞ୍ଜନ ପଟ୍ଟନାୟକ, ସମ୍ପାଦକ
ସାହିତ୍ୟ ସଂସ୍କୃତି କଳା ପରିଷଦ, ବାଲେଶ୍ୱର

ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳତମ ଦୀପଶିଖାଟି ଲିଭିଗଲା ।

– ଅଭୟ ଦାସ, କବି
ପ୍ରକାଶକ 'ବହିଘର', ବାଲେଶ୍ୱର

ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ପଦ୍ମଭୂଷଣ ମନୋଜ ଦାସଙ୍କ ବିୟୋଗରେ ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦ୍ଗତି କାମନା କରୁଛି। ଓଡ଼ିଆ ସାହିତ୍ୟ ଜଗତ ସ୍ତବ୍ଧ, ଭାଷା ନାହିଁ ଲେଖିବାକୁ, ପରିବାରକୁ ଶକ୍ତି ଦିଅ ପ୍ରଭୁ।

– ଗୌରାଙ୍ଗ ଦାଶ, କବି
ରାଉରକେଲା

ପଦ୍ମଭୂଷଣ ଡ ମନୋଜ ଦାସଙ୍କ ବିୟୋଗ ଜନିତ ଦୁଃଖଦ ଖବର ମୋତେ ଅତ୍ୟନ୍ତ ମର୍ମାହତ କରିଛି। ତାଙ୍କ ଅବର୍ତ୍ତମାନ ଓଡ଼ିଆ ସାହିତ୍ୟ ପାଇଁ ବିରାଟ ଶୂନ୍ୟତା । ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରୁଛି ।

– ଡ. ରଜନୀରଞ୍ଜନ
ବିଶିଷ୍ଟ ସଂଳାପ ଲେଖକ ଓ କବି

ଓଡ଼ିଆ ଓ ଇଂରାଜୀ ଭାଷା ସାହିତ୍ୟ ଆକାଶର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ତଥା ଆନ୍ତର୍ଜାତିକ ପ୍ରଥିତଯଶା କଥାକାର ପଦ୍ମଭୂଷଣ ମନୋଜ ଦାସଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତର ଏକ ଅପୂରଣୀୟ କ୍ଷତି। 'ଯୁଗଶ୍ରୀ ଯୁଗନାରୀ' ପତ୍ରିକା ସହ ତାଙ୍କର ସମ୍ପର୍କ ବହୁ ଦଶନ୍ଧିର ଓ ଏହାର ବିକାଶ, କଳେବର ଓ ପାଠକୀୟ ଆଦୃତିରେ ତାଙ୍କର ପ୍ରଚ୍ଛନ୍ନ ଭୂମିକା ରହିଥିଲା। ତାଙ୍କର ବହୁ ସାହିତ୍ୟକୃତି ଓ ସାକ୍ଷାତକାର 'ଯୁଗଶ୍ରୀ ଯୁଗନାରୀ'ରେ ସମୟାନୁଯାୟୀ ସ୍ଥାନିତ ହୋଇଛି। ସେହି ଅମ୍ଲାନ ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

– ମମତା ମହାପାତ୍ର
ସଂପାଦିକା, 'ଯୁଗଶ୍ରୀ ଯୁଗନାରୀ'

## ଟ୍ୱିନ୍ ସିଟିରେ ଗୋଷ୍ଠୀ ସଂକ୍ରମଣ ଭଳି ସ୍ଥିତି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୮/୦୪ (ନି.ପ୍ର): କଟକ ଓ ଭୁବନେଶ୍ୱରରେ କଟକଣାକୁ ଅଧିକ କଡାକଡି କରାଯିବା ଦରକାର। ନଚେତ୍ ସ୍ଥିତି ଅସମ୍ଭାଳ ହେବ। ପରିବା ଓ ମାଛ ମାର୍କେଟ୍ ସହ ମଦ ଦୋକାନ ସଂକ୍ରମଣ ବୃଦ୍ଧିର ମୁଖ୍ୟ କାରଣ। ରାଜ୍ୟରେ ସଂକ୍ରମଣ ବଢୁଥିବା ପରିପ୍ରେକ୍ଷୀରେ ଏହା କହିଛନ୍ତି ଡାକ୍ତର ଅଶୋକ ମହାପାତ୍ର। ପୂର୍ବ ଷ୍ଟ୍ରାଟେଜିକୁ ବଦଳାଇ ସ୍ୱେଶାଲ ଷ୍ଟ୍ରାଟେଜି ଆପଣେଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଟ୍ୱିନ୍ ସିଟିରେ କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତିଯେ ଟ୍ୱିନ୍ ସିଟିରେ ଗୋଷ୍ଠୀ ସଂକ୍ରମଣ ଭଳି ସ୍ଥିତି ଉପୁଜିଲାଣି। ସଂକ୍ରମଣ ବଢୁଛି ଜଣେ ସଂକ୍ରମିତ ଏକାଧିକଙ୍କୁ ସଂକ୍ରମିତ କରୁଛନ୍ତି। ଏକାଧିକ ଲୋକ ବାହାରୁ ଆସୁଥିବାରୁ ସଂକ୍ରମଣ ବଢୁଛି। ତେଣୁ ଏହି ୨ ସହରରେ ସଂକ୍ରମଣ ଆହୁରି ବଢିବ। ଜଣେ ଲୋକ ୨୦୦ ଲୋକଙ୍କୁ ସଂକ୍ରମିତ କରିପାରିବ। ଭୁବନେଶ୍ୱରର ସ୍ୱାସ୍ଥ୍ୟ ସେବା ନେଇ କମିଶନର କହିଛନ୍ତି, ଏବେ ୩ହଜାର ବେଡ୍ ରହିଛି । ୧୦ ଦିନ ଭିତରେ ଆହୁରି ୩ହଜାର ବେଡ୍ ବଢ଼ାଯିବ । ବର୍ତ୍ତମାନ ଥିବା ୩ ହଜାର ବେଡ୍ରୁ ୫୦% ଭର୍ତ୍ତି ଅଛି । ୮୫%ରୁ ଅଧିକ ଲୋକ ଘରୋଇ ସଂଗରୋଧରେ ଥିବା ସୂଚନା ଦେଇଛି ବିଏମସି କର୍ତ୍ତୃପକ୍ଷ ।

## ଗୋଆରେ ୪ ଦିନ ପାଇଁ ଲକଡାଉନ୍ ଘୋଷଣା କଲେ ସରକାର



ଗୋଆ,୨୮/୦୪ (ନି.ପ୍ର): ଦେଶରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅଲଗା ଅଲଗା ରାଜ୍ୟ ଭିନ୍ନ ଭିନ୍ନ ତରିକାରେ ଲକଡାଉନ୍ ଘୋଷଣା କରୁଛନ୍ତି । କେଉଁଠି ସପ୍ତାହନ୍ତ ଲକଡାଉନ୍ ତ କେଉଁଠି ନାଇଟ୍ କର୍ଫ୍ୟୁ । ଏହି କ୍ରମରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ରାଜ୍ୟରେ ଏପ୍ରିଲ ୨୯ ତାରିଖ ସନ୍ଧ୍ୟା ୭ ଟାରୁ ମେ ୩ ତାରିଖ ସକାଳ ପର୍ଯ୍ୟନ୍ତ ଲକଡାଉନ୍ ଘୋଷଣା କରିଛନ୍ତି । ଏହି ଲକଡାଉନ ସମୟରେ ଆବଶ୍ୟକ ସେବା ଓ ଶିଳ୍ପ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି କୁହାଯାଇଛି । ଅନ୍ୟପଟେ ସାର୍ବଜନୀନ ପରିବହନ ସେବା, ହୋଟେଲ ଓ ପବ୍ ବନ୍ଦ ରହିବ ବୋଲି କୁହାଯାଇଛି । ହେଲେ ଆବଶ୍ୟକୀୟ ସେବା ପାଇଁ ପରିବହନ ଖୋଲା ରହିବ ବୋଲି ନିର୍ଦ୍ଦେଶରେ କୁହାଯାଇଛି । କହିରଖୁ କି ଦେଶରେ କରୋନା ସଂକ୍ରମଣ ସ୍ଥିତି ଉଦବେଗଜନକ ରହିଛି । ଗତ ୨୪ ଘଂଟା ମଧ୍ୟରେ ଦେଶରେ ୩.୬୦ ଲକ୍ଷରୁ ଉର୍ଦ୍ଧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୩ ହଜାରରୁ ଅଧିକ ସଂକ୍ରମିତଙ୍କ ଜୀବନ ଯାଇଛି ।

## ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ଆଜିଠାରୁ ଅନଲାଇନ୍ ପଞ୍ଜିକରଣ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ମେ' ତାରିଖରୁ ତୃତୀୟ ପର୍ଯ୍ୟାୟ କରୋନା ଟିକାକରଣ ପାଇଁ ଆଜିଠାରୁ ଆରମ୍ଭ ହେବ ପଞ୍ଜିକରଣ । କେନ୍ଦ୍ର ସରକାରଙ୍କ କୋ-ୱିନ ଆପ ଓ ଆରୋଗ୍ୟ ସେତୁ ଆପ ଜରିଆରେ ଟିକା ନେବା ପାଇଁ ପଞ୍ଜିକରଣ କରିପାରିବେ ୧୮ରୁ ଅଧିକ ଓ ୪୫ ବର୍ଷରୁ କମ୍ ବୟସ୍କ । ଦେଶରେ ଜାନୁଆରୀ ୧୬ ତାରିଖରୁ କରୋନା ଟିକାକରଣ ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଆଗଧାଡିର କୋଭିଡ ଯୋଦ୍ଧାଙ୍କ ଟିକାକରଣ କରାଯାଇଥିଲା । ପରେ ୬୦ ବର୍ଷରୁ ଅଧିକ ବୟସ୍କ ଏବଂ ଏକାଧିକ ଜଟିଳ ରୋଗଥିବା ୪୫ ବର୍ଷରୁ ଅଧିକ ବୟସ୍କଙ୍କୁ ଏଥିରେ ସାମିଲ କରାଗଲା । ୨୮ ଏପ୍ରିଲରେ ଏହି ଟିକାକରଣ ପାଇଁ ପଞ୍ଜିକରଣ ଆରମ୍ଭ ହେବ ବୋଲି ପୂର୍ବରୁ କେନ୍ଦ୍ର ସରକାର କହିଥିଲେ । କିନ୍ତୁ ନିର୍ଦ୍ଦିଷ୍ଟ ସମୟ ସଂକ୍ରାନ୍ତରେ କୌଣସି ସୂଚନା ଦେଇ ନ ଥିଲେ। ତେଣୁ, ପଞ୍ଜିକରଣ କରାଇବା ପାଇଁ ରାତି ୧୨ଟାରୁ ଲୋକେ ଉଦ୍ୟମ କରି ବିଫଳ ହେବା ପରେ କେନ୍ଦ୍ର ସରକାର ଏହି ସୂଚନା ଦେଇଛନ୍ତି। ଆରୋଗ୍ୟ ସେତୁର ଅଫିସିଆଲ୍ ଆକାଉଣ୍ଟ୍ରୁ ଜଣାପଡ଼ିଛି, ଏପ୍ରିଲ୍ ୨୮ ତାରିଖ ଅପରାହ୍ଣ ୪ଟା ବେଳେ 'ଆରୋଗ୍ୟ ସେତୁ ଆପ୍' ଏବଂ 'ଉମଙ୍ଗ୍ ଆପ୍' ମାଧ୍ୟମରେ http://cowin.gov.inରେ ୧୮ ବର୍ଷରୁ ▶▶ପୃଷ୍ଠା ୭

## ଅକ୍ସିଜେନ ଯୋଗାଣ ନେଇ ପ୍ରଧାନମନ୍ତ୍ରୀଙ୍କ ବଡ ନିଷ୍ପତ୍ତି

## ପିଏମ୍ କେୟାର୍ସ ଫଣ୍ଡରୁ କିଣାଯିବ ୧ ଲକ୍ଷ ଅକ୍ସିଜେନ କନସେନଟ୍ରେଟର



ନୂଆଦିଲ୍ଲୀ,୨୮/୦୪ : ଦେଶରେ ବଢୁଥିବା କରୋନା ସଂକ୍ରମଣ ଭିତରେ ଅକ୍ସିଜେନର ଅଭାବ ଏବେ ସରକାରଙ୍କୁ ଚିନ୍ତାରେ ପକାଇଛି । ଏହାକୁ ନଜରରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କେୟାର୍ସ ଫଣ୍ଡରୁ ୧ ଲକ୍ଷ ପୋର୍ଟେବଲ ଅକ୍ସିଜେନ କନସେନଟ୍ରେଟର କିଣିବାକୁ ମଞ୍ଜୁରୀ ଦେଇଛନ୍ତି । ବୁଧବାର ଦିନ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି । କହିରଖୁ କି କରୋନା ସଂକଟ ବେଳେ ତରଳ ମେଡିକାଲ ଅମ୍ଳଜାନର ଅଭାବ ପୂରଣ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ କି ତୁରନ୍ତ ଅକ୍ସିଜେନ କନସେନଟ୍ରେଟର କିଣାଯାଇ ରାଜ୍ୟମାନଙ୍କୁ ଯୋଗାଇ ଦିଆଯାଉ । ବୈଠକରେ ପିଏମ କେୟର୍ସ ଫଣ୍ଡରୁ ୭୧୩ ପିଏସଏ ପ୍ଲଟେ। ବ୍ୟତୀତ ୫୦୦ ନୂଆ ଅକ୍ସିଜେନ ପ୍ଲାଣ୍ଟ ପାଇଁ ମଞ୍ଜୁରୀ ଦିଆଯାଇଥିଲା । ସୂଚନା ଥାଉକି କରୋନା ସଂକଟ ଭିତରେ ଦେଶରେ ଅନେକ ରାଜ୍ୟରେ ଏବେ ଅକ୍ସିଜେନର ଅଭାବ ଦେଖା ଦେଇଛି । ଅକ୍ସିଜେନ ଅଭାବରୁ ମେଡିକାଲରେ ଦୈନିକ କରୋନା ସଂକ୍ରମିତଙ୍କ ମୃତ୍ୟୁ ହେଉଥିବା ଦେଖାଦେଉଛି । ଏହି ମାମଲା ଏବେ ହାଇକୋର୍ଟରେ ପହଂଚିଛି । ଏନେଇ କୋର୍ଟ ବି ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଭତ୍ସନା କରିଛନ୍ତି । ଏହାପରେ ସରକାର ଯୁଦ୍ଧକାଳୀନ ଭିତ୍ତିରେ ମେଡିକାଲ ମାନଙ୍କୁ ଅକ୍ସିଜେନ, ବେଡ ଓ ଭେଣ୍ଟିଲେଟର ଯୋଗାଇବାକୁ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ।

## ଗୋଟିଏ ଦିନରେ ୮୩୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୩୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୨୮୫୧୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୭୧୨୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୫୫୨୪୫ ରହିଛି। ଆଜି ଚିହ୍ନଟ ହୋଇଥିବା ୮୩୮୬ ଜଣଙ୍କ ମଧ୍ୟରୁ ୪୭୮୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬୦୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ▶▶ପୃଷ୍ଠା ୭

## ୪୮ ଘଣ୍ଟା ପାଇଁ ସିଲ୍ ହେଲା ମାର୍କେଟ ବିଲ୍ଡିଂ



ଭୁବନେଶ୍ୱର,୨୮/୦୪ (ନି.ପ୍ର): କୋଭିଡର ଦ୍ୱିତୀୟ ଲହର ଓ ସଂକ୍ରମଣ ବଢୁଥିବା ଭିତରେ ସିଲ୍ ହେଲା ଭୁବନେଶ୍ୱରର ମାର୍କେଟ ବିଲ୍ଡିଂ । କୋଭିଡ୍ ନିୟମ ପାଳନ ନହେଉଥିବା କାରଣରୁ ବିଏମସି ଓ କମିସନରେଟ୍ ପୋଲିସ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ୨ ଦିନ ପାଇଁ ଏହାକୁ ସିଲ୍ କରିଛନ୍ତି । ଆଗାମୀ ଦୁଇ ଦିନ ମାର୍କେଟ୍ ବିଲ୍ଡିଂ ସିଲ୍ ହୋଇରହିବ । ଗତ କିଛି ଦିନ ଧରି ମାର୍କେଟ ବିଲ୍ଡିଂ ଅଂଚଳରେ ପ୍ରବଳ ଜନଗହଳି ଦେଖିବାକୁ ମିଳୁଥିଲା । ଲୋକଙ୍କ ସହିତ କିଛି ଦୋକାନୀ ମଧ୍ୟ ଖୋଲାଖୋଲି ନିୟମ ଉଂଲ୍ଲଘନ କରୁଥିଲେ । ଯାହା ବିଏମସି କାନକୁ ଯିବା ପରେ ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିଛି । ଅନ୍ୟପଟେ ଭୁବନେଶ୍ୱରର ସଂକ୍ରମଣ ମଧ୍ୟ ବଢୁଥିବାରୁ ବିଏମସି ଏପରି ଆଗୁଆ ପଦକ୍ଷେପ ନେବା ସହିତ ବଜାରକୁ ସିଲ୍ କରିଛି ।

## ୫ ଦିନ ଯାଏଁ କାଳବୈଶାଖୀ ସମ୍ଭାବନା : ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର,୨୮/୦୪ (ନି.ପ୍ର): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା। ସମ୍ଭାବନା ରହିଥିବାର ପୂର୍ବାନୁମାନ କରିଛି ପାଣିପାଗବିଭାଗ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନାଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୦ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ନବରଙ୍ଗପୁର, ଗଜପତି, କନ୍ଧମାଳ ଓ ରାୟଗଡ଼ା ଆଦି ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ବଜ୍ରପାତ ହୋଇପାରେ। ଏହି ସମୟରେ ୩୦ରୁ ୪୦କିମି ବେଗରେ ପବନ ବହିବାର ବି ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୯ରୁ ୩୦ ତାରିଖ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, ▶▶ପୃଷ୍ଠା ୭

# ଗଞ୍ଜାମ ଜିଲ୍ଲାରେ ଅଙ୍ଗନବାଡ଼ି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗଞ୍ଜାମ, ୨୮/୪ (ନି.ପ୍ର.): ଗଞ୍ଜାମ ଜିଲ୍ଲାରେ କୋଭିଡ୍ - ୧୯ ମେଗାସ୍କ୍ରିନିଂ ସର୍ବେକ୍ଷଣ କାର୍ଯ୍ୟକ୍ରମରୁ ନିବୃତ ରହିବା ଲାଗି ଦୁଇଟି ଅଙ୍ଗନବାଡ଼ି ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦିଆଯାଇଛି । ଏ ସଂକ୍ରାନ୍ତରେ ଦୁଇ ସଂଘର କର୍ମକର୍ତାଙ୍କୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଲୋଚନା ହୋଇଛି । ଅତିରିକ୍ତ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଦୀର୍ଘ ସମୟ ଆଲୋଚନା ପରେ ମଧ କୌଣସି ସୁଫଳ ମିଳିନାହିଁ । ଫଳରେ କୋଭିଡ୍ ଦ୍ୱିତୀୟ ଲହରର ମେଗା ସ୍କ୍ରିନିଂ ସର୍ବେକ୍ଷଣ କାର୍ଯ୍ୟକ୍ରମରେ ଦୁଇ ଅଙ୍ଗନବାଡ଼ି ସଂଘର କର୍ମକର୍ତା ସହଯୋଗ କରିବେ ନାହିଁ ବୋଲି ଗଣମାଧମରେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ମୃତ କୋଭିଡ୍ ଯୋଦ୍ଧାଙ୍କ ବିଷୟକୁ ନେଇ ଫାଇଲ୍ ସରକାରଙ୍କୁ ପଠାଯାଇଛି । ଆଶାକର୍ମୀ ମାନଙ୍କୁ ଅଙ୍ଗନବାଡ଼ି କର୍ମୀଙ୍କ ସହ ଏହି ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅନ୍ୟ ପ୍ରସଙ୍ଗକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଏହି ଆଲୋଚନା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ ଓ ଅତିରିକ୍ତ ଅଧିକାରୀ ସାଧନ ଚନ୍ଦ୍ର ଦାଶ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଓ ଲେଡ଼ିଜ୍ ୱାର୍କରସ୍ ଆସୋସିଏସନର ସଭାନେତ୍ରୀ ରଞ୍ଜିତା ରଥ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ଜିଲ୍ଲା ସଭାନେତ୍ରୀ ମମତା ଖୁଂଟିଆ, ଜିଲ୍ଲା ସମ୍ପାଦିକା ମଞ୍ଜୁବାଳା ପାଣିଗ୍ରାହୀ ଓ ନର୍ମଦା ନାହକଙ୍କ ସମେତ ବହୁ ସଂଖ୍ୟାରେ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ । ଗଞ୍ଜାମ ଜିଲ୍ଲାରେ କରୋନାର ଦ୍ୱିତୀୟ ଲହରରେ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ବହୁ ସଂଖ୍ୟାରେ ପ୍ରବାସୀ ଜିଲ୍ଲାକୁ ଫେରୁଛନ୍ତି । ଏହାକୁ ନଜରରେ ରଖି ଗତ ବର୍ଷ ଭଳି ଚଳିତ ବର୍ଷ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଯାଂଚ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଗତ ବର୍ଷ କୋଭିଡ୍ ମୁକାବିଲା ନେଇ ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଓ ସହାୟିକା ମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଥିଲେ । କିନ୍ତୁ, ଆଜି ସୁଦ୍ଧା ସେମାନଙ୍କୁ ଗତ ବର୍ଷର ପ୍ରାପ୍ୟ ମିଳିନାହିଁ । ଗତ ବର୍ଷ କୋଭିଡ୍ କାର୍ଯ୍ୟକ୍ରମରେ ଆଶାକର୍ମୀ, ଶିକ୍ଷକଙ୍କ ସହଯୋଗରେ କାର୍ଯ୍ୟ କରିବା ସ୍ଥଳେ ବର୍ତମାନ ତାହା ପତ୍ରରେ ତାହା କୌଣସି ଉଲ୍ଲେଖ ନାହିଁ । ଏବଂ ପାରିଶ୍ରମିକ ଦେବା ସମ୍ପର୍କରେ ପତ୍ରରେ ଉଲ୍ଲେଖ ନାହିଁ । ଗତ ବର୍ଷ କରୋନାରେ ପ୍ରାଣ ହରାଇଥିବା କୋଭିଡ୍ ଯୋଦ୍ଧାଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ଘୋଷଣା କରିଥିବା କ୍ଷତିପୂରଣ ମଧ ଏଯାଏଁ ମିଳିନାହିଁ । ସେମାନଙ୍କୁ କୋଭିଡ୍ ସୁରକ୍ଷା ପାଇଁ କିଟ୍ ମଧ ପ୍ରଦାନ କରାଯାଇନାହିଁ । ଗତବର୍ଷ ଭଳି ମଧ ଅଙ୍ଗନବାଡ଼ି କର୍ମୀଙ୍କୁ କାର୍ଯ୍ୟ ପାଇଁ ଟିମ୍ ଯୋଗାଯାଉ ବୋଲି ସେମାନେ ଦାବି କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ନିଜର ମୂଲ୍ୟବାନ୍ ଜୀବନକୁ ଜଳାଞ୍ଜଳି ଦେଇ ବିନା ପାରିଶ୍ରମିକରେ ସେମାନେ ଚଳିତ ମେଗା ସ୍କ୍ରିନିଂ ସର୍ବେକ୍ଷଣ କାର୍ଯ୍ୟକ୍ରମ କରିବା ସମ୍ଭବପର ନୁହେଁ ବୋଲି ପୂର୍ବରୁ ପୃଥକ୍ ପୃଥକ୍ ଭାବେ ସମ୍ପୃକ୍ତ ଦୁଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ମଇ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା କରୋନା ପିକ୍ କୁ ଯିବାର ସମ୍ଭାବନା ଥିବା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଅଙ୍ଗନବାଡ଼ି କର୍ମୀଙ୍କ ଦାବିକୁ ମାନି ନେଇ ସର୍ବେକ୍ଷଣ କାର୍ଯ୍ୟକୁ ଆଗେଇ ନେବାକୁ ସାଧାରଣରେ ଦାବି ହେଉଛି ।

# କରୋନା ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ସହ ବିଜେପିର ଆଲୋଚନା

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ସଂଗଠନ ପକ୍ଷରୁ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସହ ଆଲୋଚନା କରାଯାଇ କରୋନା ମୁକାବିଲା ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଜେପି ପକ୍ଷରୁ ସେବା ହିଁ ସଂଗଠନ ଦଳୀୟ ଯୋଜନା ମୁତାବକ କୋଭିଡ ପରିଚାଳନା ସମ୍ବନ୍ଧରେ ଏହି ଆଲୋଚନା କରାଯାଇ ଥିଲା । ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣର ବେଡ, ଔଷଧ, ଅମ୍ଳଯାନ ଗଚ୍ଛିତ ରଖିବା, ମଇ ୧ ତାରିଖରୁ ୧୮ବର୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ଟୀକା କରଣ ଯୋଜନା ଥିବାରୁ ଏହାକୁ ପଂଚାୟତ ସ୍ତରରେ ପରିଚାଳନା ପାଇଁ କ୍ୟାମ୍ପ ସ୍ଥାପନ କରାଯାଉ । ପର୍ଯ୍ୟାପ୍ତ ବାସଗୃହ ନଥିବା ପ୍ରବାସୀ ମାନଙ୍କ ପାଇଁ ପଂଚାୟତ ସ୍ତରରେ ସଂଗରୋଧ ଗୃହ ସ୍ଥାପନ କରିବା, ଗ୍ରାମାଂଚଳରେ କ୍ୟାମ ସ୍ଥାପନ କରାଯାଇ କରୋନା ପରୀକ୍ଷା କରାଇବା, ରୋଗୀ ପରିବହନ ପାଇଁ ଅଧିକ ଆମ୍ବୁଲାନ୍ସ ନିୟୋଜିତ କରିବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସୁନାକର ବେହେରା, ଅଭିମନ୍ୟୁ ଗୋଛାୟତ, ଶଶାଙ୍କ ଶେଖର ସେଠୀ, ମୁକ୍ତିକାନ୍ତ ସ୍ୱାଇଁ, ଦିଲିପ କୁମାର ଦାସ, ପ୍ରଦୀପ କୁମାର ନାୟକ, ନେହେରୁ ସାହୁ, ଉପିନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବତନ ସାଂସଦ ସୁଗ୍ରୀବ ସିଂଙ୍କ ଉଦେଶ୍ୟରେ କନ୍ଧମାଳ ବିଜେଡିର ଶୋକସଭା

କନ୍ଧମାଳ, ୨୮/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ବିଜୁଜନତା ଦଳ ପକ୍ଷରୁ ଆଜି ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପଠାରେ କନ୍ଧମାଳ ଜିଲ୍ଲାର ପୂର୍ବତନ ସାଂସଦ ସ୍ୱର୍ଗତ ସୁଗ୍ରୀବ ସିଂଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶୋକ ସଭାର ଆୟୋଜିତ ହୋଇଯାଇଛି । ଶୋକ ସଭା କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ହୋଇଥିଲା । ଦଳର ବରିଷ୍ଠ ସଦସ୍ୟ ଅଶୋକ କୁମାର ବେହେରା ପ୍ରଥମେ ସ୍ୱର୍ଗତ ସୁଗ୍ରୀବ ସିଂଙ୍କ ଫୋଟ ଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ସମବେତ ନୀରବ ପ୍ରର୍ଥନା କରାଯାଇ ଥିଲା । ସଭାପତି ସରୋଜ କର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସୁଗ୍ରୀବ ସିଂ ଜଣେ କର୍ମଠ ଏବଂ ଅମାୟୀକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି କହିବା ସହିତ ଶିକ୍ଷା ଗ୍ରହଣ ଶେଷ କରିବାପରେ ସେ ପ୍ରଥମେ ଜଣେ ସାମ୍ବାଦିକ ଭାବରେ କାର୍ଯ୍ୟ କରି ପରେ ରାଜନୀତିରେ ପାଦ ଥାପି ଫୁଲବାଣୀ ଏନଏସିର ଜଣେ କାଉନସିଲର ଭାବରେ ନିର୍ବାଚିତ ହେବା ସହିତ ପରେ ଫୁଲବାଣୀ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହେବା ସହିତ ତତ୍ ପରେପରେ କନ୍ଧମାଳ ଜିଲ୍ଲା ସାଂସଦ ଭାବରେ ମଧ୍ୟ ନିର୍ବାଚିତ ହୋଇ ଉଭୟ ଦାୟୀତ୍ୱ ସୁଚାରୁରୁପରେ ନିର୍ବାହ କରିଥିଲେ, ତାଙ୍କ ଦେହାନ୍ତରେ ଦଳ ତଥା କନ୍ଧମାଳ ଜିଲ୍ଲା ରାଜନୀତି କ୍ଷେତ୍ରରେ ଏକ ଅପୁରଣୀୟ କ୍ଷତି ହୋଇଛି ବୋଲି ତାଙ୍କର ସ୍ମୃତି ଚାରଣ କରିଥିଲେ ସରୋଜ କର୍ଣ୍ଣ । ଜିଲ୍ଲା ସମ୍ପାଦକ କମଳ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ହୋଇଥିବାବେଳେ ଏଥିରେ ବିଜୁ ଜନତା ଦଳର ଫୁଲବାଣୀ ନଗର ସଭାପତି ସୁଧିର କହଁର, ପ୍ରଦୀପ କୁମାର ମୁନୀ, ଭାଗବତ ବେହେରା, ପାର୍ଥସାରଥି ବିଶ୍ୱାଳ, ଗୀତାଞ୍ଜଳି ବେହେରା ଏବଂ ଅନ୍ୟ ସଦସ୍ୟସଦସ୍ୟା ମାନେ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟ ସ୍ୱର୍ଗତ ସୁଗ୍ରୀବ ସିଂ କୋଭିଡରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଭର୍ତି ହୋଇ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା ।

## ତୁଳସୀ ମହାବିଦ୍ୟାଳୟରେ ଇଂରାଜୀ ଓ ଇତିହାସ ବିଭାଗର ୱେବିନାର

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ତୁଳସୀ ମହାବିଦ୍ୟାଳରେ ଇଂରାଜୀ ଓ ଇତିହାସ ବିଭାଗର ୨ଟି ୱେବିନାର ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ ବିଭାଗ ୱେବିନାରରେ ଉଚ୍ଚ ଶିକ୍ଷା ବିଭାଗର ପ୍ରାକ୍ତନ ଆଂଚଳିକ ନିର୍ଦ୍ଦେଶକ ଡ଼ଃ କମଳା ପ୍ରସାଦ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସକ୍ସପିୟରଙ୍କ କାଳଜୟୀ ନାଟକ ଉପରେ ଆଲୋକପାତ କରିଥିଲେ । ସେହିଭଳି ଇତିହାସ ବିଭାଗ ୱେବିନାରରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ଼ଃ ସୋମା ଚାନ୍ଦ ଓଡିଶା ଇତିହାସର ଉତ୍ସ ଉପରେ ବକ୍ତବ୍ୟ ରଖିଥିଲେ । ଉଭୟ କାର୍ଯ୍ୟକ୍ରମରେ ଅଧକ୍ଷ ଡ଼ଃ ରଞ୍ଜିତ ରଞ୍ଜନ ସାହୁ ଅଧକ୍ଷତା କରିଥିବା ବେଳେ ଅଧ୍ୟାପିକା ପ୍ରଜ୍ଞା ମହାନ୍ତି, ଅଧ୍ୟାପକ ପ୍ରଭାକର ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଇଏକ୍ୟୁସିର ସଂଯୋଜକ ଡ଼ଃ ମଥୁରି ଚରଣ ନାୟକ , ଅଧ୍ୟାପକ ନିତ୍ୟ ସୁନ୍ଦର ମାଣିକ, ସନ୍ଦିପ କୁମାର ଜେନା, ଗାୟତ୍ରୀ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଆଦର୍ଶ ପଂଚାୟତର କେ. ଦିଶାରୀଗୁଡ଼ା ଗାଁରେ ପାନୀୟଜଳ ସମସ୍ୟା: ଭୋଟ ବର୍ଜନ କରିବା ପାଇଁ ଗ୍ରାମବାସୀଙ୍କ ଚେତାବନୀ

ଜୟପୁର, ୨୮/୪ (ନି.ପ୍ର): ଗ୍ରୀଷ୍ମ ଦିନ ଆସିଲେ ଅନେକ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଯାଏ । କିନ୍ତୁ ସରକାରଙ୍କ ଆଦର୍ଶ ଗ୍ରାମରେ ଦେଖା ଦେଇଛି ପାନୀୟ ଜଳ ସମସ୍ୟା । ଏହି ସମସ୍ୟା ଦେଖାଦେବାରୁ ଗ୍ରାମବାସୀମାନେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସରକାରଙ୍କୁ ଖୋଲାଖୋଲି ଚେତାବନୀ ଦେଇଛନ୍ତି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ କେନ୍ଦୁଗୁଡ଼ା ପଂଚାୟତ କେ. ଦିଶାରୀଗୁଡ଼ା ଗ୍ରାମରେ । ଜଳ ସମସ୍ୟା ଯୋଗୁଁ ଲୋକେ ଅତିଷ୍ଠ ହୋଇ ଭୋଟ ବର୍ଜନ ପାଇଁ ଗ୍ରାମବାସୀଙ୍କ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି । ଏ ନେଇ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । କାରଣ ଏହି ଗ୍ରାମରେ ୨ ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ହେବ । ହେଲେ ଗ୍ରାମରେ ୨ଟି ନଳକୂପ ରହିଥିବା ବେଳେ ଗୋଟିଏ ନଳକୂପ ଠିକ୍ ଚାଲିଥିବା ବେଳେ ଅନ୍ୟଟିରେ ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଛି । ଏହି ଗୋଳିଆ ପାଣି ପିଇବା ଦ୍ୱାର ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏହି ବିଷୟରେ ବାରମ୍ବାର ପଂଚାୟତ ଅଫିସଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କୁ ଜଣାଇଲେ ସୁଦ୍ଧା କୌଣସି ଫଳ ମିଳୁନଥିବା ଗ୍ରାମବାସୀ ଦୁଃଖର ସହ ପ୍ରକାଶ କରିଛନ୍ତି । ଜିଲ୍ଲାରେ ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଯୋଗୁଁ ବିଭିନ୍ନ ପ୍ରକାର ରୋଗ ହେବା ସହ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳିଛି । ଖରାଦିନ ଆରମ୍ଭ ହୋଇ ଶେଷ ହେବାକୁ ବସିଲାଣି । ତଥାପି ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଲାରି । ବୈପାରୀଗୁଡ଼ା ବ୍ଲକର ଏହି କେନ୍ଦୁଗୁଡ଼ା ଗ୍ରାମ ପଂଚାୟତ ଯାହାକି ସରକାରଙ୍କ ଆଦର୍ଶ ଗ୍ରାମ ଭାବରେ ପରିଚିତ, ସେଠାରେ ପାନୀୟ ଜଳ ପାଇଁ ବାରମ୍ବାର ଦାବି ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରି ଆଗାମୀ ନିର୍ବାଚନରେ କେ. ଦିଶାରୀଗୁଡ଼ା ଗ୍ରାମାବାସୀ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି । କିଛି ଦିନ ପୂର୍ବରୁ ଜିଲ୍ଲାପାଳ ଖୋଦ ଏହି ସମସ୍ୟାର ସମାଧାନ କରି ଆଗାମୀ ଦିନରେ ଏକ ବୃହତ ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା ପ୍ରତିଶ୍ରୁତିରେ ହିଁ ରହିଗଲା ବୋଲି ଗ୍ରାମବାସୀ ଜାନକୀ ଖରା, ଲକ୍ଷ୍ମୀ ଗୌଡ଼, ଦଉନା ଦାରଲୀ, ସନୀ କମାର, ଦୈମତୀ କମାର, ମଇନା ହନ୍ତାଳ, ବଳରାମ ଖରା, ଯୋଗେନ୍ଦ୍ର କମାର, ଅଶୋକ ଦାରଲୀ, ତ୍ରିନାଥ ହନ୍ତାଳ ପ୍ରମୁଖ ପ୍ରକାଶ କରିଛନ୍ତି । ତାହା ସହିତ ଏହାର ଶୀଘ୍ର ସମାଧାନ କରା ନଗଲେ ଅଗାମୀ ଦିନରେ ଭୋଟ ବର୍ଜନ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

# ପୁରୁଣା ଦୋକାନ ଘରକୁ ମିଶାଇ ନୂଆ ଆରଏମସି ଘର ନିର୍ମାଣ ପାଇଁ ବ୍ୟବସାୟୀମାନଙ୍କ ଦାବି

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ତହସିଲ ଅଫିସ ପାଖରେ ଥିବା ଆରଏମସି ଦୋକାନ ଘର ନେଇଥିବା ବ୍ୟବସାୟୀ ମାନେ ସେମାନଙ୍କ ଅସୁବିଧା ସଂପର୍କରେ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ମୁତାବକ ପଟ୍ଟାମୁଣ୍ଡାଇ ଆରଏମସି ଦୋକାନ ଗୃହ ଗୁଡିକ ତହସିଲ ରାସ୍ତା ନିକଟରେ ହୋଇଥିବାରୁ ଯାନବାହନ ରଖି ସଉଦା କିଣୁଥିବା ଗ୍ରାହକମାନେ ଅନେକ ସମୟରେ ତହସିଲଦାର ମାମନଙ୍କ ଜୁଲମର ଶିକାର ହୋଇ ଜୋରିମାନା ଦେଉଛନ୍ତି । ଏହାସହ ଏହି ଘରଗୁଡିକ ୧୦/୮ ସାଇଜର ହୋଇଥିବାରୁ ବର୍ଷାଦିନେ ପାଣି ଘରର ମଝି ପର୍ଯ୍ୟନ୍ତ ଛିଟିକା ମାରି ଦୋକାନ ସାମଗ୍ରୀ ନଷ୍ଟ କରୁଛି । ଏବେ ଆରଏମସି ପକ୍ଷରୁ ଏହି ଦୋକାନକୁ ଲାଗି ପଛପଟେ ନୂଆ ଦୋକାନ ଘର କରାଯାଉ ଥିବାରୁ ପୁରୁଣା ଘର ସହ ନୂଆ ଘର ଯୋଡାଗଲେ ବ୍ୟବସାୟୀ ମାନେ ଉପକୃତ ହେବେ ବୋଲି ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପ୍ରମୋଦ କୁମାର ପୁହାଣ, କେତନ ଦାସ, ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## କୋର୍ଟ ପରିସରରେ କଡାକଡି ହେଲା କରୋନା କଟକଣା

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): କେନ୍ଦ୍ରାପଡା ଅଦାଲତ ପରିସରରେ କରୋନା ସଂକ୍ରମଣ ଜନିତ କଟକଣା କଡାକଡି ଭାବେ ପାଳନ କରାଯାଉ ଥିବା ଦେଖିବାକୁ ମିଳିଛି । କୋର୍ଟକୁ ଆସୁଥିବା ପ୍ରତ୍ୟେକ ଆଇନଜୀବି, ମୋହରିର୍, ମହକିଲଙ୍କ ସମେତ କୋର୍ଟ ପରିସରରେ ଚଳ ପ୍ରଚଳ ହେଉଥିବା ପତ୍ୟେକ ବ୍ୟକ୍ତି ମାକ୍ସ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଏପରିକି ଏହି ପରିସରରେ ଥିବା ଚାହା ଦୋକାନ ଓ ଜଳଖିଆ ଦୋକାନରେ ଗହଳି ହେଉଥିବାରୁ ଏହାକୁ ସାମୟିକ ବନ୍ଦ କରାଯାଇଛି । ଏହା ସହ ପୁରୁଣା ଓ ନୂଆ କୋର୍ଟ ପରିସରରେ ଓକିଲ ମାନେ ବସୁଥିବା ସଂଘ ଗୃହକୁ କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ସଂଘର ନିଷ୍ପତି କ୍ରମେ ଏହି ଗୃହକୁ ବନ୍ଦ କରାଯାଇଛି ।

## ଡାକ୍ତରଙ୍କୁ ଦେଖାଇବା ପାଇଁ ଲମ୍ବା ଲାଇନରେ ଖରାରେ ଛିଡା ହେଉଛନ୍ତି ରୋଗୀ

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମାନଙ୍କ ଅଭାବ ଥିବାବେଳେ ଜଣେ ଜଣେ ଡାକ୍ତରଙ୍କ ନିକଟରେ ଚିକିତ୍ସା ହେବା ପାଇଁ ଦୈନିକ ବହୁ ସଂଖ୍ୟକ ରୋଗୀ ଖରାରେ ଘଣ୍ଟା ଘଣ୍ଟା ଧରି ଛିଡା ହେଉଥିବା ଦେଖିବାକୁ ମିଳୁଛି । ତେବେ ଏହି ରୋଗୀମାନେ ପଚଣ୍ଡ ଗ୍ରୀଷ୍ମ ତାତିରେ ଦୀର୍ଘ ସମୟ ଧରିଲାଇନରେ ଅପେକ୍ଷା କରିବା ଏକ ଯନ୍ତ୍ରଣାଦାୟକ ଅବସ୍ଥା ହୋଇଥିବା ବେଳେ ଏହାର ନିରାକରଣ ବ୍ୟବସ୍ଥା ଚିକିତ୍ସାଳୟ ପକ୍ଷରୁ କରାଯାଇ ନାହିଁ । ବର୍ହି ବିଭାଗରେ ଅଧିକ ସଂଖ୍ୟକ ଡାକ୍ତରଙ୍କୁ ଦାୟିତ୍ୱ ଦେବା ଓ ଅପେକ୍ଷା କରିଥିବା ରୋଗୀଙ୍କ ପାଇଁ ଉତାପ ନିରୋଧକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

# ଦରଦାମ୍ ନିୟନ୍ତ୍ରଣ ପାଇଁ ମଧବିତ୍ତ ପରିବାର ମହାସଂଘ ପକ୍ଷରୁ ଦାବି

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): ରାଷ୍ଟ୍ରୀୟ ମଧବିତ ପରିବାର ମହାସଂଘ ତରଫରୁ ରାଜ୍ୟରେ ଦରଦାମ୍ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକ ପତ୍ରରେ ସମଗ୍ର ଦେଶରେ ତଥା ରାଜ୍ୟରେ କ୍ରମାଗତ ଭାବରେ ହେଉଥିବା ଲକଡାଉନ ପ୍ରଭାବରେ ଦେଶର ଅର୍ଥନୀତି ମନ୍ଦା ହେଉଥିବା ବେଳେ ବେରୋଜଗାରୀ ବୃଦ୍ଧି ପାଇବା ସହ ଲୋକଙ୍କର ଆୟ ହ୍ରାସ ପାଇଛି । ଏହି ସମୟରେ ବିଭିନ୍ନ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ଦର ବୃଦ୍ଧି ଯୋଗୁଁ ମଧବିତ ପରିବର ଲୋକଙ୍କ ଉପରେ ଅର୍ଥନୈତିକ ଚାପ ସୃଷ୍ଟି କରିଛି । ଗତବର୍ଷ କରୋନା ମହାମାରୀ ସମୟରେ ରାଜ୍ୟ ସରକାର ଦରବୃଦ୍ଧି ନିୟନ୍ତ୍ରଣ କରିଥିବା ବେଳେ କରୋନାର ଦ୍ୱିତୀୟ ଲହର ସମୟରେ ଦରବୃଦ୍ଧି ନିୟନ୍ତ୍ରଣ ନକରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଷ୍ଟ୍ରୀୟ ମଧବିତ ପରିବାର ମହାସଂଘ ତରଫରୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ସଭାପତି ପ୍ରଦିପ ମିଶ୍ର, ଉପ ସଭାପତି ସମ୍ପଦ ସ୍ୱାଇଁ, ରାଜ୍ୟ ସଂପାଦକ ହରେକୃଷ୍ଣ ପାତ୍ର, ଜିଲ୍ଲା ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଦାବି କରିଛନ୍ତି ।

# ବିନା ଭକ୍ତରେ ହିଙ୍ଗୁଳା ଯାତ୍ରା ଆରମ୍ଭ

ଭୁବନ, ୨୮/୪ (ନି.ପ୍ର): ଭୁବନର ପ୍ରସିଦ୍ଧ ଶକ୍ତିପୀଠ ହିଙ୍ଗୁଳା ଠାକୁରାଣୀଙ୍କ ପବିତ୍ର ପୀଠରେ ଗତକାଲି ଠାରୁ ବିନା ଭକ୍ତରେ ୬୩ ତମ ହିଙ୍ଗୁଳା ଯାତ୍ରା ଓ ଝାମୁଯାତ୍ରା ଅନୁଷ୍ଠିତ ହେଉଅଛି । ଆଜି ପୂର୍ଣ୍ଣମୀ ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ମାନସିକ ବ୍ରତଧାରୀ ପାଟୁଆ ମାନସିକ ପୂରଣ ନିମନ୍ତେ ନିଆଁରେ ଚାଲିଥିଲେ । ମହାମାରୀ କରୋନା ସକାଶେ ସରକାରଙ୍କ ବାରଣ ଯୋଗୁ ଚଳିତବର୍ଷ ବିନା ଭକ୍ତରେ କେବଳ ହିଙ୍ଗୁଳା ଦେବୀ ଠାକୁରାଣୀ ଚାରିଟେବୁଲ ଟ୍ରଷ୍ଟ କର୍ମକର୍ତାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା, ଯଜ୍ଞ ଓ ନାମସଂକୀର୍ତନ ଅନୁଷ୍ଠିତ ହେଉଅଛି । ଆସନ୍ତା ୨୯ ତାରିଖ ଗୁରୁବାର ଦିନ ଗୋଶାଳା ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ ଓ ୩୦ ତାରିଖ ଶୁକ୍ରବାର ଅପରାହ୍ନରେ ମହାଯଜ୍ଞର ପୂର୍ଣ୍ଣାହୂତୀ ଦିଆଯିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଶଶୀ ଭୂଷଣ ପୃଷ୍ଟିଙ୍କ ସମେତ ସମ୍ପାଦକ କୁଂଜ ବିହାରୀ ଚିନରା, ମୁଖ୍ୟ ଉପଦେଷ୍ଟା ଦିଲ୍ଲୀପ ଦାସ, ଧନେଶ୍ୱର ସାହୁ, ଖଗେଶ୍ୱର ନାୟକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରୁଛନ୍ତି । ତେବେ ଭକ୍ତମାନେ କୋଭିଡ ନିୟମ ମାନି ଯୋଗଦେବାରେ କୌଣସି ଆପତି ନାହିଁ ବୋଲି କୁହାଯାଇଛି ।

# ବାରିପଦା ପୌରପରିଷଦର ତୋଗଲକି ଶାସନ ବ୍ୟବସ୍ଥା ଉପରକୁ ଉଠିଲା ଅଙ୍ଗୁଳି

ବାରିପଦା, ୨୮/୪ (ନି.ପ୍ର): ବାରିପଦା ପୌରପରିଷଦ ପକ୍ଷରୁ ବିକାଶ ନାମରେ ଚାଲିଛି ତୋଗଲକି ଶାସନ । ଏହି ତୋଗଲକି ଶାସନ ବ୍ୟବସ୍ଥା ଉପରକୁ ଜନସାଧାରଣ ଉଠାଇଛନ୍ତି ଅଙ୍ଗୁଳି । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଥିବା ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ମନ୍ଦିରର ସୌନ୍ଦର୍ଯ୍ୟ କରଣ ଓ ଉନ୍ନୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି ଏବଂ ଉକ୍ତ ଅନୁଦାନରେ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସମୟରେ ମନ୍ଦିର ସମ୍ମୁଖ ୱାର୍ଡ଼ ନମ୍ବର ୭ ଦେଉଳସାହିରେ ସାହିର ପିଲାମାନଙ୍କ ଖେଳକୁଦ ଓ ମନୋରଞ୍ଜନ ନିମନ୍ତେ ରହିଥିବା ଏକ ଛୋଟ ପାର୍କକୁ ଭାଙ୍ଗି ପୌର ପ୍ରଶାସନ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନିମନ୍ତେ ଲେଆଉଟ ଦିଆଯାଇ କାର୍ଯ୍ୟ ଆରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକୁ ନବ ଗଠିତ ମନ୍ଦିର ମଠ ସୁରକ୍ଷା ସମିତି ପକ୍ଷରୁ ଗତ ଏପ୍ରିଲ ୨୫ ସନ୍ଧ୍ୟାରେ ବିରୋଧ କରାଯିବା ଫଳରେ ନିଅଁ ଖୋଳା ବନ୍ଦ ରହିଛି । ସମିତିର ସଭାପତି ତଥା ପରିବେଶବିତ୍ ଓ ପୂର୍ବତନ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟଙ୍କ କହିବା ଅନୁସାରେ ବାରିପଦା ପୌରପରିଷଦ ଅମୃତ ଯୋଜନାରେ ସାମିଲ ହୋଇଛି । ଯୋଜନାରେ ରହିଥିବା ସର୍ତରେ ପାର୍କକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ପୌରପରିଷଦ ପକ୍ଷରୁ ବିଭିନ୍ନ ୱାର୍ଡ଼ରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ପାର୍କ ନିର୍ମାଣ କରିଚାଲିଛି । ଏହି ସମୟରେ ସାହିର ପିଲାମାନେ ଖେଳିବା ନିମନ୍ତେ ରହିଥିବା ଏକମାତ୍ର ପାର୍କକୁ ରକ୍ଷଣାବେକ୍ଷଣ ଓ ନବୀକରଣ କରାଯିବା ପରିବର୍ତେ ତାହାକୁ ଭାଙ୍ଗି ସେଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛନ୍ତି । ପୁଣି, ବାରିପଦା ପୌରପରିଷଦରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଯଥେଷ୍ଟ ଖୋଲା ସ୍ଥାନ ରହିଥିବା ବେଳେ ଛୋଟ ଛୋଟ ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପାର୍କକୁ ଭାଙ୍ଗି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି କହିଛନ୍ତି । ସେହିପରି ସମିତିର ମୁଖପାତ୍ର ନିମାଇଁ ତ୍ରିପାଠୀ ପୌରପରିଷଦ ପକ୍ଷରୁ ପୂଜ୍ୟପୂଜା ପରମ୍ପରାକୁ ଅଣଦେଖା ପ୍ରଦର୍ଶନ କରାଯାଇଥିବାର ଅଭିଯୋଗ କରିଛନ୍ତି । ଉକ୍ତ ପାର୍କରେ ମୟୂରଭଞ୍ଜ ଜିଲ୍ଲା ପ୍ରଥମ ପଦ୍ମଶ୍ରୀ ଉପାଧି ପାଇଥିବା ତଥା ପ୍ରତ୍ନତତ୍ତ୍ୱବିତ ଐତିହାସିକ ପରମାନନ୍ଦ ଆଚାର୍ଯ୍ୟଙ୍କ ପ୍ରତିମୂର୍ତି ରହିଛି । ପୁଣି କୃଷ୍ଣଚନ୍ଦ୍ର ଗୋଲେଇରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରହିଥିବା ରାସ୍ତା ସମ୍ପ୍ରସାରଣ ହେଲେ ଉକ୍ତ ନିର୍ମାଣ ହେବାକୁ ଯାଉଥିବା ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗିବାକୁ ପଡ଼ିବ । କୃଷ୍ଣଚନ୍ଦ୍ର ଗୋଲେଇରୁ ମହାପ୍ରଭୂଙ୍କ ମନ୍ଦିର ଯେପରି ଦୃଶ୍ୟମାନ ହୋଇ ପାରିବ ସେହି ଅନୁସାରେ ମନ୍ଦିରର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଆରମ୍ଭ ହୋଇଥିବାର କୁହାଯାଉଥିବା ବେଳେ ମାର୍କେଟ କମ୍ପ୍ଲେକ୍ସ ମନ୍ଦିର ସମ୍ମୁଖରେ ଏକ ପ୍ରାଚୀର ସଦୃଶ୍ୟ ଛିଡ଼ା ହେବ । ଏଥି ସହିତ ପୌରପ୍ରଶାସନ ସହରରେ ସୌନ୍ଦର୍ଯ୍ୟକରଣ ନାମରେ ଲୋକମାନଙ୍କୁ ଭୂଆଁ ବୁଲାଇବାରେ ଲାଗିଛି । ପୌରପରିଷଦରେ ବିକାଶ ନାମରେ ତୋଗଲକି ଶାସନ ବ୍ୟବସ୍ଥା ଚାଲିଛି । କୌଣସି ନିର୍ଦ୍ଦିଷ୍ଟ ପ୍ଲାନ ନଥାଇ ସର୍ବସାଧାରଣଙ୍କ ଟଙ୍କାର ସିଧାସଳଖ ଅପଚୟ କରାଯାଉଛି । ପୌରପ୍ରଶାସନ ଝିଂଟିକା ମାରି ବଣିପୋଷା ନୀତିକୁ ଆପଣେଇ ନେଇଛି । ଏଣୁ ଏହାକୁ ସେ ବିରୋଧ କରିବା ସହ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ବାରିପଦା ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ପାର୍କରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରା ନ ଯାଇ ପାର୍କର ସୌନ୍ଦର୍ଯ୍ୟୀକରଣ ଓ ନବୀକରଣ ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ସମିତି ପକ୍ଷରୁ ଦାବୀ କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

# କାଳିଆ ଦର୍ଶନେ ବିହୁନେ ବ୍ୟାକୁଳ ଭକ୍ତ, ପୁଣି ଭକ୍ତ ଭଗବାନଙ୍କ ଦୂରତ୍ୱ ବଢ଼ିଲା

ପୁରୀ, ୨୮/୪ (ନି.ପ୍ର): ଓଡିଶାର ପ୍ରାଣପ୍ରିୟ ଠାକୁର କାଳିଆ ସାଆନ୍ତ । କାଳିଆ ବିନା ଭକ୍ତ ବ୍ୟାକୁଳ ହୋଇଥାଏ । ପୂଜା କର୍ମଠାରୁ ଆରମ୍ଭ କରି ଶୁଭ ଅନୁକୂଳ, ବିବାହ, ବ୍ରତ ପାଇଁ କାଳିଆ ପାଖରେ ପ୍ରଥମ ନିମନ୍ତ୍ରଣ କାର୍ଡ ଅନୁକୂଳ ହୋଇଥାଏ । ପୁରୀଜିଲ୍ଲାର ଗାଁ ଗହଳିରେ ଥିବା ଗ୍ରାମଦେବତାମାନେ କାଳିଆର ସରପୂଳି ପ୍ରସାଦକୁ ଚାହିଁ ରହିଥାନ୍ତି । କାଳିଆର କୈବଲ୍ୟ ତୁଣ୍ଡରେ ଲାଗିଲେ ଶେଷ ସମୟରେ ଆତ୍ମା ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଭଗବାନଙ୍କ ଚାରିପଟେ ଭକ୍ତମାନେ ରହିଥାନ୍ତି । ଏହିପରି ଶ୍ରୀମନ୍ଦିର ଚାରିପଟେ ସାତି ସାହି ୪୨ କନ୍ଦିରେ ରହିଥିବା ଭକ୍ତମାନେ ମନ୍ଦିର ସହ ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନିବିଡ ସଂପର୍କରେ ବାନ୍ଧି ହୋଇଥାନ୍ତି । କେତେକ ଭକ୍ତ ମଙ୍ଗଳ ଆଳତୀ ସମୟରେ, ମଧ୍ୟାହ୍ନ ଧୂପ ସମୟରେ, ସନ୍ଧ୍ୟା ଆଳତୀ ସମୟରେ ଓ ଶେଷରେ କେତେକ ଭକ୍ତ ବଡସିଂହାର ବେଶ ଦେଖି ଘରକୁ ଫେରିଥାନ୍ତି । ଜଗାର ମହାପ୍ରସାଦ ଡାଲି, ଡାଲମା, ବେସର କେତେକ ଭକ୍ତଙ୍କ ଘରେ ପ୍ରତିଦିନ ମହକୁଥାଏ । ମହାମାରୀ ମହା ସଂଟକ ସମୟରେ ଶେଷରେ କାଳିଆ ଦର୍ଶନ ଦେବାକୁ ଇଚ୍ଛା କରୁନାହାଁନ୍ତି ବୋଲି ଭକ୍ତ କହୁଛନ୍ତି । ଶ୍ରୀମନ୍ଦିର ଚାରିପଟେ ଏବେ ଗହଳି ଚହଳି ଶୂନ୍ୟ ହୋଇପଡିଛି । କେବଳ ଭକ୍ତମାନେ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଟରେ ଛିଡା ହୋଇ ପତିତପାବନ ଦର୍ଶନ କରି ମନ ବୁଝାଉଛନ୍ତି । ଅନ୍ୟ କେତେକ ଭକ୍ତ ଏମାର ମଠ ଚକଡା ଉପରେ ଠିଆ ହୋଇ ପତିତପାବନ ଦର୍ଶନ କରି ଶୁଭ କାର୍ଯ୍ୟରେ ଯାଉଛନ୍ତି । କାଳିଆ ପାଇଁ ଶ୍ରୀକ୍ଷେତ୍ର ଗହଳି । କାଳିଆ ଦର୍ଶନେ ବିହୁନେ ବାହାର ଭକ୍ତ ଆଉ ପୁରୀ ଆସୁନାହାଁନ୍ତି । ଶ୍ରୀମନ୍ଦିର ସହ ସଂପୃକ୍ତ ବ୍ୟବସାୟୀମାନେ ଏବେ ହାତବାନ୍ଧି ବସିଛନ୍ତି । ନଖବଳିତା ଦୋକାନୀ, ଖଇକୋରା ଦୋକାନୀ, ଫୁଲ ତୁଳସୀ ବିକ୍ରି କରୁଥିବା ବ୍ୟକ୍ତି, ଖଜା ଦୋକାନୀ ଓ ମନ୍ଦିର ସହ ସଂପୃକ୍ତ ଥିବା ଅନେକ ବ୍ୟବସାୟୀ ଏବେ ଚିନ୍ତାମଗ୍ନରେ ବସିଛନ୍ତି । କେତେକ ଭକ୍ତ କାଳିଆର ନୀଳଚକ୍ରକୁ ଚାହିଁ କହୁଥାନ୍ତି । କାଳିଆ ଏ କି ତୋର ଲୀଳା । ପ୍ରତିବର୍ଷ କରୋନା ଆଳରେ ଆମକୁ ଦର୍ଶନ ନଦେଇ କାହିଁକି ଦୁଃଖ ଦେଉଛୁରେ କାଳିଆ । କାଳିଆର ରଥଯାତ୍ରା ପାଇଁ ରଥଖଳାରେ ରଥକାଠ ଗଦା ହେଲାଣି । ଶ୍ରୀରାମନବମୀ ଦିନ କଟକ ଖପୁରିଆ ସମିଲରେ ରଥକାଠ ଚିରଟ ଆରମ୍ଭ ହୋଇଛି । ମେ ୧୫ ଅକ୍ଷୟତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ ହେବ । ଗତବର୍ଷ ପରି ଚଳିତବର୍ଷ ରଥଖଳା କିମ୍ବା ସ୍ନାନବେଦୀ ପାଖରେ ରଥନିର୍ମାଣ ଅନୁକୂଳ ହେବା ନେଇ ସନ୍ଦେହ ସୃଷ୍ଟି ହେଲାଣି । ଏ ବର୍ଷ କଣ ଦ୍ୱିତୀୟ ଥର ପାଇଁ ବିନା ଭକ୍ତରେ କୋଭିଡ ରଥଯାତ୍ରା ହେବ ବୋଲି ଭକ୍ତ ମହଲରେ ଚର୍ଚ୍ଚା ହେଲାଣି । କାଳିଆ ଦର୍ଶନେ ବିହୁନେ ଶ୍ରୀକ୍ଷେତ୍ରର ହଜାର ହଜାର ଭକ୍ତ ଏବେ ବ୍ୟାକୁଳିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି ।

## ଉପଯୋଗୀ ହଳଦୀ



ଓଜନ ହ୍ରାସ କରିବାଠୁ ଆରମ୍ଭ କରି ଶରୀରକୁ ସୁସ୍ଥ ରଖିବାରେ ହଳଦୀ ବହୁ ଉପକାରୀ । ପ୍ରାଚୀନ କାଳରୁ ଔଷଧୀୟ ଗୁଣ ଯୋଗୁ ଏହାର ବ୍ୟବହାର କରାଯାଉଛି । ହଳଦୀରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଏହା ପେଟ ସମସ୍ୟା, ମେଟାବୋଲିକ୍ ଡିଜର୍ଡର, ମେଦବହୁଳତା ଓ ଅନ୍ୟ ସମସ୍ୟା ଦୂର କରିପାରେ । କ୍ଷୀରରେ ହଳଦୀ ମିଶାଇ ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଦରଜରୁ ଆରାମ ମିଳିଥାଏ । ସକାଳୁ ଉଷୁମ ପାଣିରେ ହଳଦୀ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ଦୂର ହୋଇଥାଏ । ହଳଦୀ ସୁଗାର ସ୍ତର କମ୍ କରି ଇନ୍‌ସୁଲିନ ପ୍ରତିରୋଧ ରୋକିବା ଦ୍ୱାରା ଓଜନ କମିଥାଏ । ପ୍ରତ୍ୟେକଙ୍କ ଖାଦ୍ୟରେ ହଳଦୀ ସାମିଲ ହେବା ଉଚିତ । ଏହା ପେଟରେ ପାଚକ ରସ ପିତ୍ତ ଉତ୍ପାଦନ ବୃଦ୍ଧି କରିଥାଏ । ଆୟୁର୍ବେଦରେ ହଳଦୀକୁ ଦରଜ ନିବାରଣ ଔଷଧୀ ଭାବେ ବ୍ୟବହାର କରାଯାଏ । ହଳଦୀର ଆଣ୍ଟବ୍ୟାକ୍ଟେରିଆ ଗୁଣ ମଧ୍ୟ ଅଛି ।

## ଭିଟାମିନ୍ ଡି' ଅଭାବ ଦୂର କରୁଥିବା ଖାଦ୍ୟ

**ନିକଟରେ ହୋଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଭାରତରେ ୬୫% ଲୋକ ଭିଟାମିନ୍ ଡି' ଅଭାବଜନିତ ରୋଗରେ ଆକ୍ରାନ୍ତ । ଏମାନେ ସମ୍ଭ୍ରାନ୍ତ ତଥା ଧନିକ ବର୍ଗର ଲୋକ ଅଟନ୍ତି । ଦିନରାତି ଶୀତତାପନିୟନ୍ତ୍ରିତ କକ୍ଷରେ ରହିବା ସହ ବିଦେଶୀ ଖାଦ୍ୟ ଓ ସୂର୍ଯ୍ୟକିରଣ ଶରୀର ସ୍ପର୍ଶ ନ କରିବା କାରଣରୁ ଭିଟାମିନ୍ ଡି' ଅଭାବ ଉପୁଜିଥାଏ ।**

- ଭିଟାମିନ୍ ଡି'ର ଖୋରାକ୍ ପାଇବା ନିମନ୍ତେ ନିଜ ଖାଦ୍ୟପାନୀୟର ଏକ ତାଲିକା ପ୍ରସ୍ତୁତ କରିବା ଜରୁରୀ । ପ୍ରତ୍ୟେକ ନିଜ ଡାଏଟ୍‌ରେ ଟୁନା ମାଛକୁ ସାମିଲ କରନ୍ତୁ । ଆଜିକାଲି ଏହି ମାଛ ଭାରତୀୟ ବଜାରରେ ସହଜରେ ମିଳୁଛି । ସପ୍ତାହରେ ଅନ୍ତତଃ ୨-୩ ଥର ଟୁନା ମାଛ ବ୍ୟଞ୍ଜନ ନିଜ ଭୋଜନରେ ସାମିଲ କଲେ ଲାଭ ମିଳିଥାଏ ।
- ଚିକେନ୍, ଅଣ୍ଡା, ଛତୁ, ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇଲେ ମଧ ଶରୀରକୁ ଭିଟାମିନ୍ ଡି' ପର୍ଯ୍ୟାପ୍ତ ପରିମାଣରେ ମିଳେ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ସବୁଜ ବିନ୍ସର ସାଲାଡ୍ ହେଉ କିମ୍ବା ଭଜା, ଏହାକୁ ମଧ ନିଜ ଭୋଜନରେ ସାମିଲ କରନ୍ତୁ । ଭିଟାମିନ୍ ଡି'ର ଏହା ଏକ ଉତ୍ତମ ସ୍ରୋତ ବୋଲି ଜଣାପଡିଛି ।
- ଆଭାକାଡୋ, ଏଇ ବିଦେଶୀ ଫଳ ଏବେ ଭାରତୀୟ ଫିଡ୍ ବଜାର୍‌ରେ ମିଳୁଛି । ଭିଟାମିନ୍ ଡି' ପୋଷକତତ୍ତ୍ୱ ଏହି ଫଳରେ ପ୍ରଚୁର ପରିମାଣରେ ଥିବାରୁ ତାହା ଖାଇଲେ ମଧ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡେ ।




## ସ୍ୱାସ୍ଥ୍ୟ ମନ୍ତ୍ର

- ଦହିରେ ଅନେକ ଗୁଣକାରୀ ଉପାଦାନ ଭରିରହିଛି । ନିୟମିତ ଦହି ଦ୍ୱାରା ଖାଦ୍ୟ ହଜମ ସହଜ ହୁଏ । ମଳକଣ୍ଟକ ସମସ୍ୟା ହୁଏନାହିଁ ।
- ଦହି କାଲ୍‌ସିୟମ୍‌ରେ ଭରପୂରା ଅସ୍ଥି ଓ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ଉପକାରୀ ।
- ଏହା ଶରୀରର ଓଜନ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ ।
- ନିୟମିତ ଦହି ଖାଇଲେ ହୃତ୍‌ପିଣ୍ଡ ସୁସ୍ଥ ରହେ । ଉଚ୍ଚ ରକ୍ତଚାପ ଆଶଙ୍କା ହ୍ରାସ ପାଏ । ଶରୀରରୁ ଅଦରକାରୀ ମେଦ କମେ ।
- ଦହି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୁଏ ।
- ଦହିରେ ଜିଙ୍କ୍ ସମେତ ଭିଟାମିନ୍ ଡି ଏବଂ ଇ ଉପାଦାନ ରହିଛି । ଏହା ତ୍ୱଚାକୁ ଉଜ୍ଜ୍ୱଳ ରଖେ । ରୁପି ସମସ୍ୟା ଥିଲେ ଦହି ଦ୍ୱାରା ଉପଚାର କରିପାରିବେ ।
- ଖିର ବଦଳରେ ଦହି ଖାଇପାରିବେ । କାରଣ ଅଜୀର୍ଣ୍ଣ କରାଉଥିବା ଲାକ୍ଟୋସ୍ ଏଥିରେ ନାହିଁ ।

## କିଡ୍‌ନୀ ଷ୍ଟୋନ୍ ଦୂର କରେ ଜହ୍ନି





ବ୍ୟସ୍ତବହୁଳ ଜୀବନରେ ଖାଦ୍ୟରେ ଅନିୟମିତତା ଯୋଗୁ କେତେକଙ୍କଠାରେ କିଡ୍‌ନୀ ଷ୍ଟୋନ ଦେଖାଯାଇଥାଏ । ତେବେ ଏଥିରୁ ଦୂରେଇ ରହିବାର ଉପାୟ ହାତ ପାଆନ୍ତାରେ ରହିଛି । ନିୟମିତ ଜହ୍ନି ଖାଇଲେ ଏଥିରୁ ମୁକ୍ତି ମିଳିଥାଏ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ ଓ ପ୍ରୋଟିନ୍ ରହିଥାଏ । ନିୟମିତ ଜହ୍ନି ଖାଇବା ଦ୍ୱାରା ମଧ ମୁକ୍ତି ମିଳିଥାଏ । ଏହା ଶରୀରରେ ଜମି ରହିଥିବା ଅଦରକାରୀ ଚର୍ବିକୁ ବାହାର କରିଦେଇଥାଏ । ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏହା ମହୌଷଧି ସଦୃଶ କାର୍ଯ୍ୟ କରିଥାଏ । ଜହ୍ନିରେ କ୍ୟାରୋଟନ୍ ନାମକ ରାସାୟନିକ ପଦାର୍ଥ ଥାଏ, ଯାହା ଦୃଷ୍ଟିଶକ୍ତି ବୃଦ୍ଧି କରେ । ବିଭିନ୍ନ ଚର୍ମ ସଂକ୍ରମଣରୁ ଜହ୍ନି ଦୂରେଇ ରଖେ । ଏହା ଶରୀରର ରୋଗ ପ୍ରତିରୋଧ ଶକ୍ତି ମଧ ବଢାଇଥାଏ ।

## କ୍ଷୀର ତୁଳନାରେ ବିଅର୍ ସ୍ୱାସ୍ଥ୍ୟକର!

କ୍ଷୀର ତୁଳନାରେ ବିଅର୍ ଅଧିକ ସ୍ୱାସ୍ଥ୍ୟପ୍ରଦ । ବିସ୍ମୟକର ମନେହେଉଥିଲେ ହେଁ ଏ ଭଳି ସୂଚନା ମିଳିଛି 'ପେଟା' (ପିଉପଲ୍ ଫର୍ ଦ ଏଥିକାଲ୍ ଟ୍ରିଟ୍‌ମେଣ୍ଟ୍ ଅଫ୍ ଆନିମଲ୍‌ସ) ସୂତ୍ରରୁ । 'ହାର୍ଭାର୍ଡ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ'ର କିଛି ଗବେଷକ, 'ପେଟା' ପାଇଁ ଦଗ୍ଧ ପାନ ରୋକିବା 'ପେଟା'ର ଲକ୍ଷ୍ୟ । ତେଣୁ, ଏହାର ବିକଳ୍ପ ବାବଦରେ ଲୋକଙ୍କୁ ସଚେତନ କରାଯାଉଛି । ବିକଳ୍ପ ସଂପର୍କିତ ସଚେତନତା ବାର୍ତ୍ତା ବିଜ୍ଞାନସମ୍ମତ ହେବା ଦରକାର । ତେଣୁ, 'ପେଟା' ପ୍ରୋତ୍ସାହନରେ ବିଭିନ୍ନ ଗବେଷଣା ଚାଲିଛି । ଗବେଷଣା ଆଧାରରେ 'ପେଟା' କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ପାଇଁ ଏକ ବିବୃତ୍ତି ରଖିଛନ୍ତି । ଉକ୍ତ ବିବ୍ୟତ୍ତି ଅନୁଯାୟୀ, କ୍ଷୀର ତୁଳନାରେ ବିଅର୍ ସ୍ୱାସ୍ଥ୍ୟକର । ବିଅର୍ ପିଇଲେ ହାଡ ଶକ୍ତ ହୁଏ ଓ ଆୟୁ ବଢେ । ଅପରପକ୍ଷେ କ୍ଷୀର ମଣିଷକୁ ମୋଟା କରେ, ଏହା ମଧୀ ବିଭିନ୍ନ ପ୍ରକାରର ହୃତ୍‌ପିଣ୍ଡ ରୋଗ, ମଧୁମେହ ଓ କର୍କଟର କାରଣ । ତେଣୁ, ଦାୟିତ୍ୱବାନ ଭାବେ ବିୟର ପିଅ ଏବଂ କ୍ଷୀର ପାଅନାହିଁ । ଦ୍ରବଣୀୟ ତନ୍ତୁ, ଲୌହ ଓ କାଲ୍‌ସିଅମ୍ ରହୁଥିବାରୁ ବିଅର୍ ଉପାଦେୟ ।




## ବେସନର ଚମତ୍କାରୀ ଗୁଣ

**ପ୍ରାକୃତିକ ଉପାୟରେ ସୌନ୍ଦର୍ଯ୍ୟ ପାଇବା ପାଇଁ ହେଲେ ଲୋକମାନେ ବେସନର ବ୍ୟବହାର କରିଛନ୍ତି । ବେସନର ବ୍ୟବହାର ସବୁ ପ୍ରକାରର ସ୍କିନ୍‌ରେ କରାଯାଇପାରିବ ।**



- ଶୁଷ୍କ ସ୍କିନ୍ ପାଇଁ ବେସନକୁ ମହୁ, କ୍ଷୀର ଓ ହଳଦୀ ସହିତ ପେଷ୍ଟ କରି ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ । ଏହାପରେ ମୁହଁ ଧୋଇ ଦିଅନ୍ତୁ । ଏହା ଦ୍ୱାରା ଚେହେରାରେ ଚମକ ଆସିବା ସହିତ ସ୍କିନ୍‌ରେ ଆର୍ଦ୍ରତା ମଧ ରହିବ ।
- ମୁହଁରେ ବ୍ରଣ କିମ୍ବା ଦାଗ ଯଦି ରହୁଛି ତେବେ ବେସନ, ହଳଦୀ ଓ ଗୋଲାପ ଜଳକୁ ମିଶାଇ ମୁହଁରେ ଲଗାନ୍ତୁ । ଏହା ଦ୍ୱାରା ଚେହେରା ଗୋରା ହେବା ସହିତ ବ୍ରଣ ଓ ଦାଗର ସମସ୍ୟା ଦୂର ହେବ ।
- ଚେହେରାରେ ଅନାବଶ୍ୟକ କେଶକୁ ହଟାଇବାକୁ ହେଲେ ବେସନ ସବୁଠାରୁ ଉତ୍ତମ ଉପାୟ । ସେଥିପାଇଁ ବେସନରେ ଅଳ୍ପ ସୋରିଷ ତେଲ ମିଶାଇ ଚେହେରାରେ ହାଲୁକା ଭାବରେ ମାଲିସ କରନ୍ତୁ । ଏପରି କରିବା ଦ୍ୱାରା ଚେହେରାରେ ଅନାବଶ୍ୟକ କେଶରୁ ରକ୍ଷା ମିଳିବ ।
- ଚେହେରାର କଳା ଅଂଶ ଓ ଦାଗ ହଟାଇବା ପାଇଁ ବେସନର ଅଳ୍ପ ଲେମ୍ବୁରସ ଓ ଗୋଲାପ ଜଳ ମିଶାଇ ଏକ ଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ ଓ ପରେ ପାଣିରେ ମୁହଁ ଧୋଇଦିଅନ୍ତୁ । ଏହାଦ୍ୱାରା ଖରାରେ କଳା ଦେଖା ଯାଉଥିବା ମୁହଁ ଗୋରା ଦେଖାଯିବ ।
- ତୈଳୀୟ ସ୍କିନ୍ ପାଇଁ ଆପଣ ଦହି, ଗୋଲାପ ଜଳ ଓ ବେସନର ପେଷ୍ଟ ଲଗାଇ ସଫା ହେବା ସହିତ ସ୍କିନ୍ କୋମଳ ହୋଇଯିବ ।
- ବେସନ, ମହୁ, ଏକ ଚୁଟକୀ ହଳଦୀ ଓ ଅଳ୍ପ କ୍ଷୀର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ଓ ଚେହେରାରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଧୋଇ ଦିଅନ୍ତୁ ।
- ଆଣ୍ଠୁର କଳାଦାଗ ପାଇଁ ଗୋଟେ ଗିନାରେ କ୍ଷୀର ଓ ଅଧ ଗିନା ବେସନ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଆଣ୍ଠୁ ଓ କହୁଣୀରେ ଲଗାଇ ଧୀରେ ଧୀରେ ଘଷନ୍ତୁ । କିଛି ସମୟ ପରେ ଧୋଇଦିଅନ୍ତୁ । ପ୍ରଥମେ ବ୍ୟବହାରରେ ଆପଣଙ୍କୁ ଫରକ ନଜର ଆସିବ ।




## ଲାଲ କଙ୍କଡାର ଦ୍ୱୀପ

ଅଷ୍ଟ୍ରେଲିଆର କୁଇନ୍‌ସଲ୍ୟାଣ୍ଡ ନିକଟସ୍ଥ ଏକ ଦ୍ୱୀପ ହେଉଛି କ୍ରିସ୍‌ମାସ୍ ଦ୍ୱୀପ, ସ୍ଥାନୀୟ ଅଞ୍ଚଳକୁ ନିୟମିତ ଭାବେ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ପର୍ଯ୍ୟଟକଙ୍କ ଭିଡ ପଛର ମୁଖ୍ୟ କାରଣ ହେଲା ସେହି ଅଞ୍ଚଳରେ ହେଉଥିବା ଲାଲ କଙ୍କଡାଙ୍କ ଭିଡ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ । ଏହି ଦ୍ୱୀପର ଅନ୍ୟ ନାମ 'କ୍ରାବ୍ ଆଇଲ୍ୟାଣ୍ଡ' ।

ବର୍ଷର ସବୁ ସମୟରେ ସେଠାରେ ଘର, ରେଷ୍ଟୋରାଁ, ରାସ୍ତାଘାଟରେ ଏହି ଲାଲ କଙ୍କଡା ଦେଖାଯାଇଥାନ୍ତି । ହେଲେ ଏକ ନିର୍ଦ୍ଦିଷ୍ଟ ସମୟରେ ଏମାନଙ୍କ ସଂଖ୍ୟା ବଢିଥିବାବେଳେ ରାସ୍ତାଘାଟରେ ମଧ ଚଲାବୁଲା କରିବା କାଠିକର କାମ ହୋଇପଡେ । କାରଣ ଚତୁର୍ଦ୍ଦିଗରେ ଲାଲ କଙ୍କଡା ଥାନ୍ତି । ୧୮୦ ହେକ୍ଟର ପରିସୀମା ବ୍ୟାପ୍ତ ଏହି କଙ୍କଡା ଦ୍ୱୀପରେ କଙ୍କଡାଙ୍କ ସଂଖ୍ୟା ବଢିଲେ ରାସ୍ତାଘାଟରେ ଯାନବାହନ ଚଳାଚଳ ବନ୍ଦ କରିବାକୁ ସ୍ଥାନୀୟ ମେୟର୍ କଡା କଟକଣା ରଖିଥାନ୍ତି । ଯାନ ଚଳାଚଳ ସମୟରେ ଯଦି କୌଣସି କଙ୍କଡା ଗାଡି ତଳେ ଆସି ମରିଯାନ୍ତି, ତେବେ ଚାଳକଙ୍କୁ ମୋଟା ଅଙ୍କର ଜୋରିମାନା ଦେବାକୁ ପଡେ ।



## ଜୋତା ପାଇଁ ବର୍ଷାତି

ବର୍ଷାରେ ଜୋତା ଭିଜିବା କିଛି ନୂଆ କଥା ନୁହେଁ । ତେବେ, ବାରମ୍ବାର ଭିଜିଲେ ଶୀଘ୍ର ନଷ୍ଟ ହେବାର ଆଶଙ୍କା ଥାଏ । ଖେଳ ପାଇଁ ଉଦ୍ଦିଷ୍ଟ ଜୋତା ଭିଜିଲେ, ବେଳେ ବେଳେ ଆକାର ବଦଳିଯାଏ; ପୂର୍ବାବସ୍ଥା ଫେରିପାଏନାହିଁ । ଏହି ସମସ୍ୟା ଦୂରକରିବା ପାଇଁ ଏକ ବିଦେଶୀ କଂପାନୀ ପକ୍ଷରୁ ଜୋତା ଲାଗି ବର୍ଷାତିର ଉତ୍ପାଦନ ହେଉଛି ଏବଂ ଅନ୍‌ଲାଇନ୍‌ରେ ଏଥିରେ ରବର୍ ସୋଲ୍ ଅଛି । ତେଣୁ, ଜୋତା ଉପରେ ପିନ୍ଧି ଚାଲିବାରେ କୌଣସି ସମସ୍ୟା ନାହିଁ । ଏହା ବିଭିନ୍ନ ରଙ୍ଗ ଓ ଆକାରରେ ମିଳୁଛି ।

## ଅଂଶୁଘାତରୁ ବର୍ତ୍ତିବା ପାଇଁ ଖରାଦିନେ ପିଅନ୍ତୁ ଏହି ସରବତ

ଗ୍ରୀଷ୍ମ ପ୍ରଭାବରୁ ନିଜକୁ ଦୂରେଇ ରଖିବାକୁ ହେଲେ ଆମକୁ ଆବଶ୍ୟକୀୟ ସଚେତନତାର ଆବଶ୍ୟକତା ରହିଛି । ସବୁଠାରୁ ବଡ଼ ସଚେତନତା ହେଉଛି ପାନୀୟ ପ୍ରତି ଧ୍ୟାନ ଦେବା । ଖରାଗରମ ହେତୁ ଶରୀରରୁ ଜଳୀୟ ଅଂଶ ଶୁଖିଯାଏ । ଆମେ ଯଦି ଶରୀରକୁ ସୁସ୍ଥ ରଖିବା ପରି ପାନୀୟ ନପିଅନ୍ତି ତେବେ ନିଜ ଶରୀର ଅସୁସ୍ଥ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଗ୍ରୀଷ୍ମରୁ ଶରୀରକୁ ସୁସ୍ଥ ରଖୁଥିବା ଅନେକ ପାନୀୟ ମଧ୍ୟରୁ କାକୁଡ଼ି ଓ ଲେମ୍ବୁ ରସ ସରବତ ଅନ୍ୟତମ । ତେବେ, ଚାଲନ୍ତୁ ଜାଣିବା ଏହି ଦୁଇ ଉପକାରୀ ଜିନିଷର ମିଶ୍ରଣରେ ହୋଇଥିବା ସରବତ କିପରି ଭାବେ ପ୍ରସ୍ତୁତ କରାଯାଏ । ଗୋଟାଏ ମଧ୍ୟମ ଧରଣର କାକୁଡ଼ି ନିଅନ୍ତୁ । ତାହାକୁ ସାନ ସାନ କରି କାଟି ଦେଇ ଗ୍ରାଇଣ୍ଡିଂ କରି ରସ ତିଆରି କରନ୍ତୁ । ସେହି ରସରେ କିଛି ମିଣ୍ଟ ପତ୍ର ବି ମିଶାଇଥିବେ । ଅନ୍ୟପଟେ ଏକ ଗ୍ଲାସ୍‌ରେ କିଛି ବରଫ ରଖନ୍ତୁ । ସେହି ଗ୍ଲାସ୍‌ରେ ପରିମାଣ ମୁତାବକ ରକ୍ ସଲ୍ଟ ମିଶାନ୍ତୁ । ଏହାବ୍ୟତୀତ ଗୋଟାଏ ଚାମଚ୍ ମହୁ ଓ ଗୋଟାଏ ଚାମଚ୍ ଲେମ୍ବୁ ରସ ବି ମିଶାନ୍ତୁ । ଏ ସମସ୍ତ ରସକୁ ଅଧା ଗ୍ଲାସେ୍ ଥଣ୍ଡା ପାଣିରେ ମିଶାଇ ଫେଣ୍ଟନ୍ତୁ । ଏହା ପରେ ଆପଣଙ୍କ କାକୁଡି ଓ ଲେମ୍ବୁ ସରବତ୍ ପ୍ରସ୍ତୁତ ହୋଇ ଯାଇଥିବ । ତାହାକୁ ଆପଣ ପିଇପାରନ୍ତି ।



## ହାଡକୁ ନଷ୍ଟ କରିଦେବ ଏହି ୪ ଟି ଖାଦ୍ୟ ! ଆପଣ ମଧ ଏଭଳି ଖାଦ୍ୟ ଖାଉନାହାନ୍ତି ତ ?

**ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ଫୁଡ୍ ଓ ନ୍ୟୁଟ୍ରିସନ୍ ଏକ୍ସପର୍ଟଙ୍କ କହିବା ଅନୁସାରେ ଏମିତି ଅନେକ ଖାଦ୍ୟ ଅଛି ଯାହା କ୍ୟାଲସିୟମ୍ ଓ ଭିଟାମିନ୍ ଡି'କୁ ଶରୀରରେ ଠିକ୍ ଭାବେ ବିଶୋଷିତ କରାଇଦେଇ ନ ଥାଏ । ଏହା ଯୋଗୁଁ ହେଉଥିବା କ୍ୟାଲସିୟମ୍ ଅଭାବକୁ ଶରୀର ହାଡ଼ରୁ ନେଇ ପୂରଣ କରିଥାଏ । ଏହାଦ୍ୱାରା ହାଡ଼ ଦୁର୍ବଳ ହୋଇ ଫ୍ୟାକଚର୍ (ଭାଙ୍ଗିବା) ହେବାର ଆଶଙ୍କା ବଢ଼ିଯାଏ ।**

ନମକିନ୍ ଓ ଚିପ୍ସ୍ : ନମ୍କିନ୍ (ଖଟାମିଠା), ଚିପ୍ସ୍ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ ।

ଚିନିଜାତୀୟ ଖାଦ୍ୟ : ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ । ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ । ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ ।

ପ୍ୟାକେଟ୍ ଖାଦ୍ୟ : ପ୍ୟାକେଟରେ ଆସୁଥିବା ପ୍ରୋସେସ୍ଡ (ତିଆରି ହୋଇଥିବା) ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ । ଏହା ଶରୀରରେ କ୍ୟାଲସିୟମ୍ର ମାତ୍ରା କମ୍ କରିଥାଏ । ଏହାଯୋଗୁଁ ହାଡ଼ ଦୁର୍ବଳ ହୋଇଥାଏ ।

ଜଙ୍କ୍ ଫୁଡ୍ : ବର୍ଗର, ପିଜ୍ଜା, ପାସ୍ତା ଆଦି ଜଙ୍କ୍ ଫୁଡ୍ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ । ଏହା ମଧ ଶରୀରରେ କ୍ୟାଲ୍ସିୟମ୍ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ । ଆପଣଙ୍କ ଶରୀରର ହାଡ଼ ନଷ୍ଟ ହେବାର ବିପଦକୁ ବଢ଼ାଇଥାଏ ଏହି ୫ଟି ଖାଦ୍ୟ, ଆପଣ ଖାଉ ନାହାନ୍ତି ତ ?





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବଞ୍ଚିବାକୁ ପ୍ରାଥମିକତା ଦିଆଯାଉ...

ନଭେଲ କରୋନା ଭୂତାଣୁର ଦ୍ୱିତୀୟ ଲହରରେ ଦୈନନ୍ଦିନ ସଂକ୍ରମିତଙ୍କ ସଂଖ୍ୟା ସାଢ଼େ ତିନି ଲକ୍ଷ ପାଖାପାଖି ରହୁଛି। ତଥାପି କେତେକ ବିଶେଷଜ୍ଞଙ୍କ କହୁଛନ୍ତି ଯେ ଏହି ସଂଖ୍ୟା ଆହୁରି ଏବଂ ଏହା ଶୀର୍ଷ ସ୍ଥାନରେ ପହଂଚିବା ପାଇଁ ଆଉ କିଛି ସମୟ ଲାଗିଯିବ। ପୁଣି କେତେକ ବିଶେଷଜ୍ଞଙ୍କ ମତରେ ମେ' ମାସରେ ସଂକ୍ରମିତଙ୍କ ଦୈନିକ ସଂଖ୍ୟା ଏକ ମିଲିଅନ୍ ଓ ମୃତ୍ୟୁ ସଂଖ୍ୟା ପାଂଚ ହଜାର ହୋଇପାରେ। ସାମ୍ପ୍ରତିକ ପରିସ୍ଥିତିର ପରିପ୍ରେକ୍ଷୀରେ ଏପରି ଆକଳନ କରାଯିବାକୁ ସହଜରେ ଭୁଲ୍ ମଧ୍ୟ କହିହେବ ନାହିଁ। ଇତି ମଧ୍ୟରେ ଶେଷ ହୋଇଛି ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ର ପ୍ରଥମ ମାସ ଯାହା ଅତାବାହିତ ହୋଇଛି ଉପରୋକ୍ତ ପରିସ୍ଥିତି ମଧ୍ୟ ଦେଇ। ସଂକ୍ରମଣର ପ୍ରସାରକୁ ରୋକିବା ପାଇଁ ଅନେକ ରାଜ୍ୟରେ ଜାରି ହୋଇଛି ଲକ୍‌ଡାଉନ, ସପ୍ତାହାନ୍ତ ସଟଡାଉନ୍। ଏସବୁର ଯଥେଷ୍ଟ ପ୍ରଭାବ ପଡ଼ିଛି ଦେଶର ଅର୍ଥନୀତି ଉପରେ। ଏପ୍ରିଲ ୧୮ରେ ଶେଷ ହେଉଥିବା ସପ୍ତାହ ସୁଦ୍ଧା ନୋମୁରା ଇଣ୍ଡିଆ ବିଜିନେସ୍ ରିଜମ୍ପସନ୍ ଇଣ୍ଡେକ୍ସ ଖସିଥିଲା ୮୩.୮ ପ୍ରତିଶତ। ଏପ୍ରିଲ ୨୫ ତାରିଖ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ଏହା ୮୦ ପ୍ରତିଶତରୁ ତଳକୁ ଖସିବାର ସମ୍ଭାବନା ରହିଥିଲା ବେଳେ ଆଗାମୀ ଦିନମାନଙ୍କରେ ଏହା ତଳକୁ ତଳକୁ ଖସିବାର ଯେ ସମ୍ଭାବନା ରହିଛି, ତାହା କହିବାର ଆବଶ୍ୟକତା ନାହିଁ। ଏହାର ଅର୍ଥ, କରୋନାର ଦ୍ୱିତୀୟ ଲହର ଦେଶ ଉପରେ ବିରାଟ ଆର୍ଥିକ ବୋଝ ପକାଇବା ପକାଇବା ସୁନିଶ୍ଚିତ। ତେବେ ଅର୍ଥନୀତିର ଅବସ୍ଥାକୁ ବର୍ଣ୍ଣନା କରିବା ନିମନ୍ତେ ଚିରାଚରିତ ଭାବରେ ଯେଉଁସବୁ ସୂଚକଗୁଡ଼ିକୁ ବ୍ୟବହାର କରାଯାଇଥାଏ, ସେଗୁଡ଼ିକ କ୍ଷତିର ପ୍ରକୃତ ପରିମାଣକୁ ଆକଳନ କରି ପାରିବାର କ୍ୱଚିତ୍ ସମ୍ଭାବନା ରହିଛି। ଏହାର କାରଣ, ଏକ ଅନୁକୂଳ ମୌଳିକ ପ୍ରଭାବ ଯାହା ଗତ ବର୍ଷ ମାର୍ଚ୍ଚ ୨୫ ତାରିଖରେ ଜାରି କରାଯାଇଥିବା ୬୮ ଦିନିଆ ଜାତୀୟସ୍ତରୀୟ ଲକଡାଉନ କାରଣରୁ ସୃଷ୍ଟି ହୋଇଛି। ଉଦାହରଣ ସ୍ୱରୂପ, ଚଳିତ ସପ୍ତାହରେ ମାର୍ଚ୍ଚ ମାସ ପାଇଁ ଆଠଗୋଟି କୋର୍ ସେକ୍ଟର ଉଦ୍ୟୋଗର ସୂଚକାଙ୍କ ପ୍ରକାଶ ପାଇବ। ଫେବୃଆରୀ ୨୦୨୧ ସୁଦ୍ଧା ଏହି ଉଦ୍ୟୋଗଗୁଡ଼ିକ ବର୍ଷାନୁକ୍ରମିକ ଭିତ୍ତିରେ ୪.୬ ପ୍ରତିଶତ ସଂକୁଚିତ ହୋଇଥିଲା। କିନ୍ତୁ ମାର୍ଚ୍ଚ ପରଠାରୁ ଏହି ସଂଖ୍ୟାରେ ପରିସଂଖ୍ୟାନଗତ ଉନ୍ନତି ଦେଖାଯାଇପାରିବ, କାରଣ ମାର୍ଚ୍ଚ ୨୦୨୦ ପରଠାରୁ ଏଥିରେ ବଡ଼ ଧରଣର ସଂକୁଚନ ଦେଖାଯାଇଥିଲା। ମାର୍ଚ୍ଚ, ଏପ୍ରିଲ ଏବଂ ମେ' ୨୦୨୦ରେ ଏହି ସଂକୁଚନର ହାର ଯଥାକ୍ରମେ ୮.୫, ୩୭.୯ ଏବଂ ୨୧.୪ ପ୍ରତିଶତ ଥିଲା। ସମାନ କଥା ମଧ୍ୟ ଅନ୍ୟାନ୍ୟ ଅର୍ଥନୀତିକ ସୂଚକାଙ୍କଗୁଡ଼ିକ ପ୍ରତି ପ୍ରଯୁଜ୍ୟ ହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୌଳିକ ପ୍ରଭାବ ଦ୍ୱାରା ବିଷମ ସାବ୍ୟସ୍ତ ହୋଇଥିବା ଏହି ସଂଖ୍ୟାଗୁଡ଼ିକ ଆଥିର୍କ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସନ୍ତୁଷ୍ଟ ହୋଇ ବସି ପଡ଼ିବା ବା ଶାନ୍ତିରେ ନିଃଶ୍ୱାସ ମାରିବା ଦିଗରେ ଆଗେଇ ନେଇନଥିଲା। ଖୁବଶୀଘ୍ର ୨୦୨୦-୨୧ ପାଇଁ କେନ୍ଦ୍ର ସରକାରଙ୍କର ସାମୟିକ ରାଜସ୍ୱ ଆୟ ଏବଂ ବ୍ୟୟର ଅବସ୍ଥା ବାବଦରେ ମହାଲେଖା ନିୟନ୍ତ୍ରକ ହିସାବ ପ୍ରକାଶ କରିବେ। ଗଣମାଧ୍ୟମଗୁଡ଼ିକର ରିପୋର୍ଟ ଅନୁସାରେ ରାଜସ୍ୱ ଅର୍ଜନ ସଂଶୋଧିତ ଅଟକଳକୁ ଟପି ଯାଇଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଦେଶରେ ସବୁକିଛି ଠିକ୍ ଅଛି ଏବଂ ଶିଳ୍ପ ଉତ୍ପାଦନଠାରୁ ଆରମ୍ଭ କରି ବ୍ୟବସାୟ ବାଣିଜ୍ୟ ପର୍ଯ୍ୟନ୍ତ ସବୁ ଉତ୍ତମ ସ୍ଥିତିରେ ରହିଛି। ସମସ୍ତଙ୍କୁ ଏକଥା ଭଲ ଭାବରେ ଜଣା ଯେ ବେଶ୍ କିଛି ମାସ ଭିତରେ ତୈଳ ଦର ହୁ ହୁ ହୋଇ ବଢ଼ିଛି। ତେଣୁ ସରକାରଙ୍କ ପରୋକ୍ଷ କର ଆଦାୟ କ୍ଷେତ୍ରରେ ଯେ ଏହାର ଏକ ବଡ଼ ଭୂମିକା ରହିଛି, ତାହା ସହଜରେ ବୁଝାଯାଇପାରେ, ଅର୍ଥାତ ପେଟ୍ରୋଲିୟମ ଟିକସ ହେଉଛି ଏଭଳି ଆକଳନ ବହିର୍ଭୂତ ଉପାର୍ଜନ ପଛର କାରଣ । ତେବେ ମୁଦ୍ରାସ୍ଫୀତିକୁ ଏଡ଼ାଇ ଯାଇ ଏଭଳି ଟିକସ ସଂଗ୍ରହର ଦୀର୍ଘସ୍ଥାୟିତ୍ୱ ଉପରେ ସନ୍ଦେହ ଦେଖାଯିବା ସ୍ୱାଭାବିକ ଏବଂ ସଂଶୋଧିତ ଅଟକଳଗୁଡ଼ିକ ବଜେଟ୍ ଅଟକଳରୁ ବାଦ୍ ଦିଆଯାଇଥିଲା। ମହାମାରୀର ଦ୍ୱିତୀୟ ଲହରର ଭୟାବହତା ଦୃଷ୍ଟିରୁ ୨୦୨୧-୨୨ ପାଇଁ ଯଦି ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାରରେ କିଛି ବୁଝାମଣା କରାଯାଏ, ତା'ହେଲେ ରାଜସ୍ୱ ଅର୍ଜନର ଯେଉଁ ସଂଖ୍ୟା ପ୍ରକାଶିତ ହେବ, ତାହା ଅବଶ୍ୟ ନିରାଶାଜନକ ସାବ୍ୟସ୍ତ ହେବ। ଏହା ମଧ୍ୟ ସରକାରଙ୍କ ବ୍ୟୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ବର୍ତ୍ତମାନ କିନ୍ତୁ ଅର୍ଥନୀତି ଅପେକ୍ଷା ଲୋକମାନଙ୍କ ଜୀବନ ବଂଚାଇବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ।

# ଚିର ନିଦ୍ରାରେ ଓଡିଆ ସାହିତ୍ୟ ଜଗତର ମହାରଥୀ



**ପ୍ରଦୀପ୍ତ ଆଚାର୍ଯ୍ୟ**



୧୯୩୪ ମସିହା ଫେବୃୟାରୀ ମାସ ସତେଇଶ ତାରିଖ, ଯେଉଁ ତାରିଖରେ ଓଡିଆ ସାହିତ୍ୟ ଆକାଶରେ ଆବିର୍ଭାବ ହୋଇଥିଲା ଏକ ଉଜ୍ଜଳ ନକ୍ଷତ୍ର,ଠିକ୍ ସେହି ସତେଇଶ ତାରିଖ ୨୦୨୧ ମସିହା ଏପ୍ରିଲ୍ ମାସ ସନ୍ଧ୍ୟାରେ ତାହା ଅସ୍ତମିତ ହୋଇଗଲା। ଓଡିଆ ସାହିତ୍ୟର ମୁକୁଟ ବିହୀନ ସମ୍ରାଟ, ଅପ୍ରତିଦ୍ୱନ୍ଦୀ କଥାକାର, ଅସାଧାରଣ ପ୍ରତିଭା ଧାରୀ ସାହିତ୍ୟିକ, ଅଗଣିତ ସମ୍ବର୍ଦ୍ଧନା ସମ୍ମାନର ଅଧିକାରୀ ବିଶିଷ୍ଟ ସାହିତ୍ୟ ସାଧକ ମନୋଜ ଦାସ ଆଜି ଶୋଇ ଯାଇଛନ୍ତି ଚିର ନିଦ୍ରାରେ। ଓଡିଶାର ବାଲେଶ୍ୱର ର ଏକ ଉପକୁଳବର୍ତୀ ନିପଟ ମଫସଲ ଗ୍ରାମ ଶଙ୍ଖାରୀରେ ମଧୁସୂଦନ ଦାସଙ୍କ ଔରସରୁ ଜାତ ମନୋଜ ଆଜନ୍ମ ସାହିତ୍ୟିକ। ୧୯୪୯ ମସିହାରେ ହାଇସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ କବିତା ପୁସ୍ତକ "ଶତାବ୍ଦୀର ଆର୍ତନାଦ"। ସେହିଦିନ ଠାରୁ ଜୀବନର ଅର୍ଦ୍ଧଶତାବ୍ଦୀ ବ୍ୟାପୀ ସାହିତ୍ୟ ସାଧନା ଜାରି ରଖି, ସାହିତ୍ୟର ସମସ୍ତ ଦିଗକୁ ସମୃଦ୍ଧ କରିଛନ୍ତି, ତାଙ୍କ ଦ୍ୱାରା ସୃଷ୍ଟ ଅନେକ ଗଳ୍ପ, ପ୍ରବନ୍ଧ, କବିତା, ରମ୍ୟରଚନା, ଭ୍ରମଣ କାହାଣୀ ତଥା କିଶୋର ସାହିତ୍ୟ ମାଧ୍ୟମରେ। ତାଙ୍କର ସୃଜନଶୀଳତା ସ୍ୱତନ୍ତ୍ର ଏବଂ ଅତୁଳନୀୟ। ସୃଷ୍ଟିରେ ତାଙ୍କର ପରିସ୍ଫୁଟ ହୁଏ ସମାଜ ସଂସ୍କାରର ପରିଭାଷା। ପ୍ରାଚୀନ କଥା ପରମ୍ପରାର ନବୀନତମ ରୂପକାର, ଗଭୀର ଦାର୍ଶନିକ ଅନ୍ତର୍ଦୃଷ୍ଟି, ପ୍ରବନ୍ଧ ରଚନାର ସ୍ୱତନ୍ତ୍ର ବିଶ୍ଳେଷଣ, ତାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି , ପାଠକ ମାନଙ୍କ ହୃଦୟ କନ୍ଦରରେ। କେବଳ ଓଡିଆ ନୁହେଁ, ଇଂରାଜୀ ଭାଷାରେ ମଧ୍ୟ ଥିଲା ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ। ୧୯୫୦ରେ ସେ "ଦିଗନ୍ତ" ନାମକ ସାହିତ୍ୟ ପତ୍ରିକାର ପ୍ରଚଳନ କରିଥିଲେ। ୧୯୫୧ରେ ତାଙ୍କର କ୍ଷୁଦ୍ରଗଳ୍ପ ସଙ୍କଳନ "ସମୁଦ୍ରର କ୍ଷୁଧା" ପ୍ରକାଶିତ ହୋଇଥିଲା। କଟକରେ ବି.ଏ ପଢୁଥିବା ସମୟରେ ପ୍ରତ୍ୟକ୍ଷ ଛାତ୍ର ରାଜନୀତି ରେ ଅଂଶ ଗ୍ରହଣ କରି ବିପ୍ଳବାତ୍ମକ କାର୍ଯ୍ୟ ନିମନ୍ତେ କାରାବରଣ ମଧ୍ୟ କରିଥିଲେ। ୧୯୫୯ ମସିହାରେ ଇଣ୍ଡୋନେସିଆର ବାନ୍ଦୁଙ୍ଗ ଠାରେ ଅନୁଷ୍ଠିତ "ଆଫ୍ରୋ-ଏସିଆନ ଛାତ୍ର" ସମ୍ମିଳନୀକୁ ପ୍ରତିନିଧିତ୍ୱ କରିଥିଲେ। କଲେଜରେ ଅଧ୍ୟୟନ କରିବା ସମୟରେ "ଜୀବନର ସ୍ୱାଦ" ନାମକ ଉପନ୍ୟାସ, "ବିଷ କନ୍ୟାର କାହାଣୀ "ନାମକ କ୍ଷୁଦ୍ରଗଳ୍ପ ସଙ୍କଳନ, ଏବଂ "ପଦଧ୍ୱନୀ" ନାମକ ଏକ କବିତା ସଙ୍କଳନ ପ୍ରକାଶିତ ହୋଇଥିଲା। ଅମୃତର ଫଳ, ଶେଷ ତାନ୍ତ୍ରୀକର ସନ୍ଧାନରେ, କନକ ଉପତ୍ୟକାର କାହାଣୀ, ଗୋଧୁଳିର ବାଘ, ପ୍ରଭଞ୍ଜନ, ଆକାଶର ଇଶାରା, ତନ୍ଦ୍ରାଲୋକର ପ୍ରହରୀ ଇତ୍ୟାଦି ଉପନ୍ୟାସ, ଉପକଥା ଶତକ,ଆବୁ ପୁରୁଷ, ଶେଷ ବସନ୍ତର ଚିଠି, ମନୋଜ ଦାସଙ୍କ କଥା ଓ କାହାଣୀ,ଧୁମାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ ତଥା ଆରଣ୍ୟକ ପରି ଆହୁରି ଅନେକ କ୍ଷୁଦ୍ରଗଳ୍ପ, କେତେ ଦିଗନ୍ତ, ଅନ୍ତରଙ୍ଗର ଭାରତ ଓ ଦୁର ଦୁରାନ୍ତର ପରି ଭ୍ରମଣ କାହଣୀ, ତୁମ ଗାଁ ଓ ଅନ୍ୟାନ୍ୟ କବିତା ପରି କବିତା ସଙ୍କଳନ, ଭାରତୀୟ ଐତିହ୍ୟ, ମହାକାଳର ପ୍ରହେଳିକା ଓ ଅନ୍ୟାନ୍ୟ ଜିଜ୍ଞାସା ପରି ଅନେକ ରଚନା ଓଡିଆ ସାହିତ୍ୟର ବାଣୀ ଭଣ୍ଡାରକୁ କେତେଯେ ସମୃଦ୍ଧ କରିଛନ୍ତି ତାହା ଅବର୍ଣନୀୟ। ତାଙ୍କର ସାହିତ୍ୟିକ ଜୀବନରେ, ୧୯୬୫ ଏବଂ ୧୯୮୭ରେ ଦୁଇଦୁଇ ଥର ଓଡିଶା ସାହିତ୍ୟ ଆକାଡେମୀ ସମ୍ମାନ, ୧୯୭୨ରେ କେନ୍ଦ୍ର ସାହିତ୍ୟ ଆକାଡେମୀ ସମ୍ମାନ,୧୯୮୧ରେ ଶାରଳା ସମ୍ମାନ, ୧୯୮୬ରେ ବିଷୁବ ସମ୍ମାନ, ୧୯୯୫ରେ ସାହିତ୍ୟ ଭାରତୀ ସମ୍ମାନ,୨୦୦୦ରେ ସରସ୍ୱତୀ ସମ୍ମାନ,୨୦୦୧ରେ ଶ୍ରେଷ୍ଠ ଗଳ୍ପ ରଚୟିତା ଭାବରେ, ଓଡିଶା ରାଜ୍ୟ ଚଳଚିତ୍ର ପୁରଷ୍କାର ଏବଂ ପଦ୍ମଶ୍ରୀ ଉପାଧି,୨୦୦୬ରେ ସାହିତ୍ୟ ଆକାଡେମୀ ଫେଲୋସିପ୍,୨୦୦୭ରେ ଅତିବଡି ଜଗନ୍ନାଥ ଦାଶ ସମ୍ମାନ,୨୦୧୩ରେ ଅମୃତ କିର୍ତୀ ପୁରଷ୍କାର ଏବଂ ୨୦୨୦ରେ ପଦ୍ମଭୂଷଣ ଉପାଧି ଇତ୍ୟାଦି ଅନେକ ସମ୍ମାନ ପ୍ରାପ୍ତିର ଗୌରବାଧିକାରୀ ହୋଇଥିଲେ। ରେଭେନଶା ବିଶ୍ୱ ବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତର ଶିକ୍ଷା ସମାପ୍ତି ପରେ କିଛିଦିନ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ରୁପେ କାର୍ଯ୍ୟ ନିର୍ବାହ କରିଥିଲେ,ତତ୍‌ପରେ ପଣ୍ଡିଚେରୀ ସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମର ଅନ୍ତେବାସୀ ରୁପେ, ଶ୍ରୀ ଅରବିନ୍ଦ ଆନ୍ତର୍ଜାତୀୟ ଶିକ୍ଷା କେନ୍ଦ୍ରର ଇଂରାଜୀ ପ୍ରାଧ୍ୟାପକ ରୁପେ ଶିକ୍ଷାଦାନ କରୁଥିଲେ। କର୍କଟ ରୋଗରେ ପୀଡିତ ହୋଇ ଦୀର୍ଘ ଦିନର ଅସୁସ୍ଥତା ପରେ ପ୍ରାୟ ଏକବର୍ଷ ଧରି ସେହି ଆଶ୍ରମ ପରିଚାଳିତ ଏକ ନର୍ସିଂ ହୋମରେ ଚିକିତ୍ସିତ ହେଉଥିଲେ। କାଳର କରାଳ ଚକ୍ରରେ, ଗତ କାଲି ୨୭ ତାରିଖ ରାତ୍ର ପ୍ରାୟ ୮.୧୫ ମିନିଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରାଜ୍ୟ ସରକାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ତାଙ୍କର ଶେଷକୃତ୍ୟ ସଂପାଦନ କରିବେ ବୋଲି ସ୍ଥିର କରିଅଛନ୍ତି। ସାହିତ୍ୟ ଜଗତର ପିତାମହ ଭୀଷ୍ମ, ଯିଏକି ଓଡିଆ ସାହିତ୍ୟର ଗୁରୁତ୍ୱକୁ କେବଳ ଜାତୀୟ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇ ପାରିଛନ୍ତି, ସେ ଆଉ ଏ ଇହଧାମରେ ନାହାନ୍ତି ଶୁଣିବା ପରେ , ସାହିତ୍ୟ ଜଗତରେ ତାଙ୍କର ଅସଂଖ୍ୟ ପ୍ରଶଂସକ ଓ ଗୁଣମୁଗ୍ଧ ପାଠକ ମାନଙ୍କ ମଧ୍ୟରେ ଖେଳିଯାଇଛି ଶୋକର ଲହରୀ। ସାହିତ୍ୟ କ୍ଷେତ୍ରରେ ତାଙ୍କ ପରି ବହୁମୁଖୀ ପ୍ରତିଭାଧାରୀ ଙ୍କ ଶୂନ୍ୟସ୍ଥାନ ପୂରଣ ହେବାର ଆଶା କ୍ଷୀଣ ଏବଂ ସୁଦୁରପ୍ରସାରୀ।ତାଙ୍କର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ, ତାଙ୍କ ଶୋକସନ୍ତପ୍ତ ପରିବାର ଏ ଅପୂରଣୀୟ କ୍ଷତିକୁ ଧୈର୍ଯ୍ୟର ସହିତ ମୁକାବିଲା କରିବା ପାଇଁ ,ଜଗତର ନାଥ ଜଗନ୍ନାଥ ସେମାନଙ୍କର ମାନସିକ ଶକ୍ତିକୁ ଦୃଢ଼ କରନ୍ତୁ ,ଏହାହିଁ ଆଜି ଆମର ତାଙ୍କ ନିକଟରେ ନିବେଦନ ଓ ପ୍ରାର୍ଥନା।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଇଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦


# ପ୍ରଶାସନ ଅଧିକାରୀ ସଚ୍ଚୋଟ ଓ ଦାୟିତ୍ୱବାନ ହୁଅନ୍ତୁ

**ବନମାଳୀ ସାମନ୍ତରା**

ଦୀର୍ଘ ୩୮ ବର୍ଷ ସରକାରୀ ଚାକିରି ମଧରେ ମୋର ଧାରଣା ଥିଲା ଦାୟିତ୍ୱବାନ ପ୍ରଶାସନରେ ଯେଉଁମାନେ ଆସୀନ ସେମାନଙ୍କର ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବ ଯୋଗୁଁ ଦେଶର ଉନ୍ନତି ନିର୍ଭର କରୁଥିଲା ଓ ସେମାନେ ଠିକ୍ ସେପରି କରୁଥିଲେ ଏବଂ ଭୁଲରେ ମଧ କୁଶାସନ ପନ୍ଥା ଅବଲମ୍ବନ କରିବା ଅତି କମ୍ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଥିପାଇଁ ଦେଶର ଅଗ୍ରଗତି ଓ ସୁଶାସନରେ ଜନତା ବା ଦେଶବାସୀ ଓ ରାଜ୍ୟବାସୀ ସୁଶାସନରୁ ସମ୍ମାନ ଦେଖାଉଥିଲେ ଓ ଉଚ୍ଚ ପ୍ରଶାସନ ଅଧିକାରୀଙ୍କୁ ସମ୍ମାନ ଦେଇ ସେମାନଙ୍କର କଥାକୁ ଓ ନୀତି ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ ଏବଂ ଦେବତୁଲ୍ୟ ସମ୍ମାନର ଅଧିକାରୀ ହେଉଥିଲେ। ସେହିପରି ମର୍ଯ୍ୟାଦା ଓ ସମ୍ମାନ ପାଉଥିଲେ। କି ରାଜତନ୍ତ୍ର ଦେଶ, କି ରାଜା ସେମାନଙ୍କ ଠାରୁ ବି ଆହୁରି ମର୍ଯ୍ୟାଦା ପାଉଥିଲେ ଏବଂ ଗଲାବେଳେ ଅତି ସମ୍ମାନ ଜନସାଧାରଣଙ୍କ ଠାରୁ ପାଉଥିଲେ। କାର୍ଯ୍ୟାଳୟର କର୍ମଚାରୀମାନେ ଦାୟିତ୍ୱବାନ ହୋଇ କାର୍ଯ୍ୟ କରୁଥିଲେ। ସମୟାନୁବର୍ତୀତା ସଂଗେ ସଂଗେ କର୍ମାଭିମୁଖୀ ଥିଲେ।

କାର୍ଯ୍ୟାଳୟରେ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉନଥିଲା। ନିଜ ନିଜର ଦାୟିତ୍ୱରେ ସକ୍ରିୟ ହୋଇ କାର୍ଯ୍ୟ ସଂପାଦନରେ ଅବହେଳା କରିବା ନଜିର ନଥିଲା। ସେମାନେ ଜନତାଙ୍କ କାର୍ଯ୍ୟରେ ଅବହେଳା ନଥିଲା ଏବଂ ଠିକ୍ ସମୟରେ ସବୁ ହୋଇପାରୁଥିଲା। ମିଛ ଶବ୍ଦଟି ବୋଧେ ଉଭେଇ ଯାଇଥିଲା। ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ, ପୂର୍ବ ମହାପୁରୁଷଙ୍କ କଥା ଓ ବାଣୀକୁ ମନେ ପକାଇ କାମ କରି ଚାଲିଥିଲେ ଓ ଲୋକମାନଙ୍କର କିଛି ଅସୁବିଧା ହେଉନଥିଲା। ସୁନାର ଦେଶ ପଦବାଚ୍ୟ ହୋଇଥିଲା। ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିଶେଷ ଅଗ୍ରଗତି ହୋଇଥିଲା। ଲୋକମାନେ କାମ କରି ଖଟି ଖାଉଥିଲେ। ଅନ୍ୟକୁ ହାତ ପତାଉନଥିଲେ। ଅଳସୁଆ ଓ ବେକାରୀ ଶବ୍ଦ ମୋଟେ ନଥିଲା। ବିଭିନ୍ନ ପ୍ରକାର ଭତାର ପ୍ରଚଳନ ନଥିଲା। ଲୋକେ ଅତି ସୁଖରେ ଜାଉ, କାଂଜି ଓ ଶାଗ, ମୁଗ ଖାଇ ଅତି ଆନନ୍ଦରେ ଦିନ ବିତାଉଥିଲେ। ପରିବାର ମଧର ସ୍ନେହ, ସୌହାର୍ଦ୍ଦ୍ୟ ଓ ଆନନ୍ଦର ଭାବ ଥିଲା। ଗୁରୁଜନଙ୍କୁ ସମ୍ମାନ ଥିଲା। ସେମାନଙ୍କ କଥା ମାନୁଥିଲେ। ଏପରି ବିଭ୍ରାଟ ଓ ଅସମ୍ମାନ ନଥିଲା। ବୟସ୍କମାନଙ୍କ ସମ୍ମାନ ଥିଲା। ଲୋକଙ୍କର ଏତେ ଅଭାବ ନଥିଲା। ଯୁଗ ଯେତେ ଆଗେଇଲା ଆଶା ଆଉ ପୂରଣ ହେଲା ନାହିଁ। ମନରେ ଅଭାବ ପରିଲକ୍ଷିତ ହେଲା ଓ ଦୁଃଖର ଭାର ଅଧିକ ହେଲା। ବର୍ତମାନ ପିଲାମାନେ ଇଂରେଜୀ ଭାଷା ଓ ହିନ୍ଦିରେ କଥା ହେଲେ। ଯାହାକୁ ମନୁଷ୍ୟକୁ ଅତି ଅସୁନ୍ଦର ହେଲା। ଓଡ଼ିଆ ପିଲା ଓଡ଼ିଆକୁ ଭୁଲିଗଲା। ପିଲାଏ ପଛରେ ରହିଲେ ଅର୍ଥ ପଛରେ ଦୌଡ଼ିଲେ। ଧର୍ମ କର୍ମ ଭୁଲିଗଲେ, କେହି କାହାକୁ ଆଉ ପଚାରିଲେ ନାହିଁ।

ଅଭାବରେ ସ୍ୱଭାବ ନଷ୍ଟ ହେଲା। ସେଥିରେ ସମସ୍ତେ ପାଗଳ ହେଲେ। ଅତ୍ୟାଧୁନିକ ଯୁଗରେ ସମସ୍ତଙ୍କୁ ଅଭାବ ରହିଲା। ବୁଦ୍ଧଦେବଙ୍କ କଥାକୁ ମନେ ପକାଇଲେ ସବୁ ଜାଣି ପାରିବେ। ପିଲାଙ୍କ ପାଠ ପଢ଼ାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଶେଷରେ ହାହୁତାଶନରେ ଜର୍ଜରିତ ହୋଇ ଚାକିରି ପଛରେ ଦୌଡ଼ି ନିକଟ ରାଜ୍ୟ ବାଙ୍ଗାଲୁରୁ, ମୁମ୍ବାଇ ଓ ଚେନ୍ନାଇ ପରି ଜାଗାରେ ରହି କାମ କରି କେବଳ ଆକାଶରେ ଉଡ଼ିବାର ସ୍ୱପ୍ନ ଦେଖିଲେ। ଯନ୍ତ୍ର ମାନବ ହୋଇ ସବୁ ପ୍ରକାର ଅଙ୍ଗ ନଷ୍ଟ କରି ଦିନ ବିତାଇଲେ। ନିରାଶ ହୋଇ ମରୁଭୂମିରେ ବୁଲି ବୁଲି ହାଅନ୍ନ ଚିତ୍କାର କରି ଲୋଟି ଯାଆନ୍ତି ବାଉଁଶ କାଠର ଖୋଲା ପଡ଼ିଆରେ। ତେଣୁ ବାଧ ହୋଇ ଅଫିସରମାନେ ଅଭାବ ନଥିଲେ ମଧ ଗଳା ବାଟରେ ଚାଲିଲେ। କୌଣସି କାମରେ ଅଗ୍ରଗତି ହେଲା ନାହିଁ। ବିନା ଦକ୍ଷିଣାରେ ମନ୍ତ୍ରପାଠ ହେଲା ନାହିଁ। ଦକ୍ଷିଣାର ପରିମାଣ ହଜାର ଓ ଲକ୍ଷରର ଟପିଗଲା। ଲୋକେ ଦୀର୍ଘ ନିଶ୍ୱାସ ତ୍ୟାଗ କଲେ ଏବଂ କାମ କରିବାକୁ ଡରିଗଲେ। କାହାକୁ କିଛି ନ କହି ଘରେ ଦୁଆର ଦେଇ ଶୋଇଲେ। ଉଚ୍ଚ ପାହ୍ୟା ଶାସକମାନେ ଯଦି ପଛ ପାଖ ଦେଖିବେ ମାଙ୍କଡ଼ ଓ ଭାଲୁ ଉପାଖ୍ୟାନ ହେଲା। ତେବେ ଦେଶର ଉନ୍ନତି ହେବା ପଛେଇ ଗଲା। ଅସମୟରେ କେହି କାହାକୁ କହିବା ପାଇଁ ମଧ ଡରିଲେ। କେହି କାହାକୁ ସାହାଯ୍ୟ କରିବା ଉଭେଇ ଗଲା।

ବର୍ତମାନ ଦେଖାଯାଉଛି ସବୁ ପ୍ରଶାସକଗଣ ନିଜର ଉନ୍ନତିରେ ଲାଗି ପଡ଼ିଲେ। ଲୋକଙ୍କ ସେବା କରିବା ମନୋଭାବ ରହିଲା ନାହିଁ। ସେମାନେ ଅର୍ଥ ପଛରେ ଦୌଡ଼ିଲେ। କେହି ଶୁଣିବାର ନାହିଁ। କାମ ଆଉ ହେବାର ନାହିଁ। କଣ କରିବେ କାହାକୁ କିଛି ଦେଖିବାର ନାହିଁ। ତେଣୁ ଦେଶର ଅଗ୍ରଗତି ପରିବର୍ତେ ଅଧୋଗତି ହେଲା। ଭିକାରୀ ଓ ବେକାରୀ ବଢ଼ିଗଲା। ସରକାର ଅତିଷ୍ଠ ହୋଇ ଗରିବ ହଟାଇବା ପାଇଁ ଟଙ୍କିକିଆ ଚାଉଳ ପ୍ରଚଳନ, ଛତା, ଯୋତା ଓ ସାଇକେଲ ବଂଟନ, ଗରିବ ନଥାଇ ଭତା ବଂଟନ, ଅନ୍ୟାନ୍ୟ ଏହିପରି କେତେ ଯୋଜନାର ପ୍ରଚଳନ ହେଲା ଯାହା ଫଳରେ ଦେଶର ବେକାରୀ ଓ ଅଳସୁଆ ବଢ଼ିଲେ। ସବୁ ପଛାଇଲା। କୌଣସି ଦିଗରେ ଉନ୍ନତି ହେଲା ନାହିଁ। ପ୍ରଶାସକ ଗଣ କୁପଥରେ ଧାବିତ ହେଲେ। ଅଜସ୍ର ଅର୍ଥ ରୋଜଗାର କଲେ। ବିନା ଦ୍ୱିଧାରେ ଦିବାଲୋକରେ ବୀର ଦର୍ପରେ କି ରାଜରାସ୍ତା କି ବେଳାଭୂମି ସବୁ ନିଜର କରିଗଲେ।

ତେଣୁ ହେ ପ୍ରଶାସକ ଗଣ ଓ ରାଜନେତାମନେ ଏହି ନୀତିକୁ ଛାଡ଼ି କାମକୁ ଧନ-ପରିଶ୍ରମକୁ ଦେଖି ମୂଳ ଅଳସୁଆକୁ ଖଟିଲା ଭଳି କାମ ଦେଲେ ଦେଶରେ ସବୁ ହଟିବ। ଲୋକ ସୁଖରେ ରହିବେ ଓ ଦେଶ ଘିଅ ସରରେ ଭାସିବ। ସମସ୍ତେ ଖୁସିରେ ପରିଶ୍ରମ କରି ଖାଇବେ। କୁଟି ଖାଅ- କାଟି ପିନ୍ଧ ବାପୁଙ୍କ ନୀତି ଥିଲା। ବର୍ତମାନ ଅତ୍ୟାଧୁନିକ ଯୁଗର 'ବିନା ପରିଶ୍ରମେ ବଂଚ- ମାଗି ଖଅ ଭାତ ଡାଲମା'। ଦିନରାତି କଣ ଜାଣନି। ଶୋଇ ରୁହ ସବୁଦିନ ପାଇଁ। ଆଖିଖୋଲି କେବଳ ଦେଖୁଥାଅ ଜଗତକୁ । ବିଲୁଆ କଇଁଆ ଗଛର କୋରଡରେ ରହି ବର୍ଷା ଭୟରେ ଯେପରି ନଖାଇ ନପିଇ ଗାତ ଭିତରେ ଲୁଚି ରହିଥାଏ। ତୁମେ ଶ୍ରେଷ୍ଠ ପ୍ରାଣୀ ହୋଇ ସେହିଭଳି ରୁହ। ଡାକିଲେ କହିଲେ ଟେକି ଆଣିଲେ ରିକ୍ସାରେ ବସି ବଳ ଥିଲେ ମଧ ନ ଓହ୍ଲାଇ ଭୋଟ କେନ୍ଦ୍ରକୁ ଆସି ଆମକୁ ଭୋଟ ଦିଅ ଓ ପୂନର୍ବାର ମାଗି ଖାଅ ଓ ଏଥିପାଇଁ ଗାଁର ଟାଉଟର ଠାରୁ ଟଙ୍କା ନେଇ ସେହି ମାସର ମାସିକିଆ ଚାଉଳ କିଣି ବା ନିକଟ କାରଖାନାର ଫୁଟି ପିଇ ପୁନର୍ବାର ନିଜ ଘରେ ଶୋଇଯାଅ। କାମର ଆଉ ଆବଶ୍ୟକ ନାହିଁ ଦୀର୍ଘ ବର୍ଷ ପାଇଁ। ଧନ୍ୟ ଭାଇ ତୁମର ମଣିଷପଣିଆ। ଶତବାରଧିକ ତୁମର ନାଗରିକତ୍ୱକୁ। ଶିକ୍ଷା ନାହିଁ ଦିକ୍ଷା ନାହିଁ ମଣିଷ ହୋଇ ପଶୁପକ୍ଷୀଙ୍କ ଠାରୁ ବି ହୀନ। ପୋଷା ପଶୁମାନେ ମାଲିକର ଖାଦ୍ୟ ଖାଇ ତାର ଋଣୀ ହୁଏ ନାହିଁ। ପକ୍ଷୀ ଘରର ସୌନ୍ଦର୍ଯ୍ୟ ବଢ଼ାଇବା ସଂଗେ ସଂଗେ ବାବୁ ମାଆ ଭାଇ ଅତି ଗେଲରେ ଡାକେ। ଘରକୁ ଅତିଥି ଆସିଲେ ଅତି ଆଦରରେ ଓ ସ୍ନେହରେ ଡାକ ଦିଏ। ଅଜଣା ଲୋକ ପ୍ରବେଶ ହେଲେ ସେ ଅନ୍ୟକୁ ଜଣାଇ ଦିଏ ଓ ବିଶ୍ରାମ ନନେଇ ତାରି କାମ କରିଚାଲେ। କିନ୍ତୁ ତୁମେ ମନୁଷ୍ୟ ଜନ୍ମ ପାଇ କିଛି ପରିଶ୍ରମ ନକରି ମାରି ଖାଇବାକୁ ତୁମକୁ ଲାଜ ଲଜ୍ଜର ନାହିଁ? କି ଦୁଃଖୀ ଏ ମଣିଷ । କାହିଁକି ଏପରି ଯୋଜନା କରି ଲୋକଙ୍କୁ ମୁର୍ଖାମୀ କରୁଛ କିଛି ଜଣା ପଡୁନାହିଁ। ଦେଶ ଆଗେଇବ ଆଉ କ'ଣ?

କୃଷି ନଷ୍ଟ ହେଲା- କେହି କାମକୁ ଗଲେ ନାହିଁ। କାମ କରିବାକୁ କୁଣ୍ଠା ବୋଧ କଲେ।

ଶିକ୍ଷା- ପାଠ ନପଢ଼ି ବଡ଼ ହାକିମ ହେଲେ, ମନ୍ତ୍ରୀ ହେଲେ, ଗୁଣ୍ଡା ହେଲେ- ସରପଂଚ ହେଲେ ବଡ଼ ଲୋକ ବନାଇଲେ। ଶିକ୍ଷିତ ଲୋକଙ୍କୁ ନିଜ ପଛରେ ଦଉଡ଼ାଇଲେ। ସ୍ୱାସ୍ଥ୍ୟ ଅବସ୍ଥା ମଧ ତଦ୍ରୁପ। ୯୦ ପାଇବା ପିଲା ଘରେ ରହିଲା। ୩୦ ଆଣିବା ଡାକ୍ତର ହେଲା, ଅଫିସର ହେଲା, ହାକିମ ହେଲା। ସିଂହାସନରେ ବସି ଲୋକଙ୍କୁ ନିଜ ମନ ମୁତାବକ ଶାସନ ଚଳାଇଲା। ପଦେ ଲେଖି ଆସିବାର ନାହିଁ କି ବୁଝିବାର ନାହିଁ। ସେ ହେବ କ'ଣ? ଜଣା ଥିଲେ କରିବ। ତାକୁ ତ ଜଣା ନାହିଁ କରିବ କ'ଣ? ସେ ଔଷଧ ଦେଲେ ବି ରୋଗୀ ହେବ ନା ଦିନରାତି ଗଂଜେଇ ଖାଇଲା ଭଳି ହାଉଳି ବାଉଳି ହେବ। ପରିଶେଷରେ ତାହାର ଜଗତ ଦେଖିବାକୁ ଆଉ ସମୟ ନଥିବ। ଏହି ସବୁ ଭୁଲ ପାଇଁ ଆମେ ଦାୟୀ। ନିଜର ଭୁଲ- ଯାହା କରୁଛେ ମନ୍ଦ କାମରେ ଦିନ ବିତାଉଛେ। ବନ୍ୟା, ବାତ୍ୟା ହେଲେ ଯେଉଁ ଯୋଜନା ହେଉଛି ତାହାର କାର୍ଯ୍ୟକାରୀ କରିବା ମୁଣ୍ଡର ଦହି ଖରାପ ହୋଇଯାଇଥାଏ। ସେ କରିବ କ'ଣ? ଏ ଭୁଲ କାହାର? ଶାସନ ଓ ନୀତି ନିୟମ ପ୍ରଣୟନ କରିବା ନୀତିବାନ ଲୋକର। ଡକାୟତି ହେଲା। କରିବା ଲୋକମାନେ ଖୁସି ବୁଲି ବଡ଼ ଲୋକ ହେଲେ। ନୀତିବାନ ଅଫିସର ସହ ମିଶି ଅତି ଆନନ୍ଦରେ ଦିନ ଅତିବାହିତ କରୁଛି ଓ କଛି କିଛି ଅର୍ଥ ପ୍ରଚୁର ପରିମାଣରେ ଦେଉଛି ଯାହା ଫଳରେ ସେ ନିଜ ଉଚ୍ଚ ଶିକ୍ଷା, ବିବେକ ଓ ଜ୍ଞାନକୁ ଭୁଲି ତାକୁ ସମର୍ଥନ କରି ଏବଂ ନିରୀହ ଜନତା କାରଗାରରେ ରହି ଯନ୍ତ୍ରଣା ଅନୁଭବ କରୁଛି। ଏହି ସବୁ ପାଇଁ ଶିକ୍ଷା ନିହାତି ଦରକାର। ଅସାର ସଂସାରରେ ରହି ଛଟପଟ ହୋଇ ମାଛ ସଦୃଶ ଶୁଖିଲା ମରୁଭୂମିରେ ଜଳ ଟୋପାଏ ନପାଇ ଜୀବନ ଚାଲିଯାଏ। ସତ ଲେଖିବାକୁ ଲେଖକ ଡରୁଛି। ସାମ୍ବାଦିକ ଲୁଚୁଛି। ଜ୍ଞାନୀଜନମାନେ ଶୁଣି ନଶୁଣିଲା ଭଳି ରହୁଛନ୍ତି। ଖବର କାଗଜର ସଂପାଦକ ପଛରେ ପକାଉଛି। ଦେଖି ବି ନଜାଣିଲା ପରି ରହୁଛି।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


## କବିତା କୋଣାର୍କ

### ବିବାହ ...

**ଭରତ ଚନ୍ଦ୍ର ଦାଶ**

ଅମୃତବେଳା, ମାହେନ୍ଦ୍ର ଲଗ୍ନ
ପ୍ରତ୍ୟେକ ଘର ସମ୍ମୁଖରେ
ପୂର୍ଣ୍ଣକୁମ୍ଭ ନାରିକେଳ
ଚୂତପତ୍ର ସହ ସଜେଇ ହୋଇଛି
ପଲ୍ଲୀ ନବବଧୂର
ଭ୍ରମ ସୃଷ୍ଟି କରି ଘର
ଚୂଆ ଚନ୍ଦନ ଅଗୁର ବାସ୍ନାରେ
ମହକି ଉଠୁଛି
ଅରୁଆ ଚାଉଳର ଝୋଟି
ମହୁରିଆର ମଙ୍ଗଳ ସାହାନାଇ
ଯୋଡି ନାଗରାର ମଧୁର ଶବ୍ଦ
ଗୃହବଧୁର କର୍ଣ୍ଣରେ
ନିନାଦିତ ହେଉଛି
ବାହାରୋ ଫୁଲ ବରଷାଅ.... ର ଧୂନ୍
ଶଙ୍ଖ ହୁଳହୁଳିରେ ଫାଟିପଡୁଛି
ପଲ୍ଲୀର ଧୂଳି ଧୂସରିତ ଦାଣ୍ଡ
କାନ୍ଥରେ ଚିତ୍ରକର ଆଙ୍କିଛି
ଶୁଭ ବିବାହର ଚିତ୍ର
ମଙ୍ଗଳ ମୁହୂର୍ତ୍ତରେ ବେଦୀରେ
ଶବ୍ଦ ସହ ଅର୍ଥର ପାଣିଗ୍ରହଣ
କର୍ତ୍ତା ଭାବେ କବି
ବେଶ୍ ଭାବପ୍ରବଣ
ପ୍ରାରବ୍ଧ ନ ଥିଲେ
ଏ ବିବାହ ଅସମ୍ଭବ
ଉପସ୍ଥିତ ସ୍ରଷ୍ଟାମାନଙ୍କ
ତୁଣ୍ଡରେ ଚର୍ଚ୍ଚା ଧରିଛି
ଶତାବ୍ଦୀର ସର୍ବ ଶ୍ରେଷ୍ଠ
ବିବାହ ମଣ୍ଡପେ ।
ବିବାହ
ମର୍ତ୍ତ୍ୟରେ ହୁଏନା
ସ୍ୱର୍ଗରେ ବିବାହର ଶୁଭ ନିରାଜନା
ଏହା ବିଧି ନିରୂପିତ ।
ବିବାହ ବନ୍ଧନର ରଜ୍ଜୁ
ବାନ୍ଧିଦେବ ମନ ସହ ମନ
ଦେହ ସହ ଦେହ
ପ୍ରାଣ ସହ ପ୍ରାଣ
ଆତ୍ମା ସହ ପରମାତ୍ମାର
ସୂକ୍ଷ୍ମାତିସୂକ୍ଷ୍ମ ସତ୍ତା
ଯାହା ଅଦୃଶ୍ୟ ଅସ୍ପଷ୍ଟ
କେବଳ ଆତ୍ମିକ
ଅନୁଭବ ହିଁ ଯଥେଷ୍ଟ ।
ଦେହରେ ଯନ୍ତ୍ରଣା
ବିଦେହରେ ପ୍ରେମର
ପରିତୃପ୍ତି ନିର୍ବାଣର ପଥ
ସଦା ଉନ୍ମୁକ୍ତ,ପୁଷ୍ପିତ
ଜୀବନ୍ମୁକ୍ତର ପଥ ବେଶ୍ ପରିଦୃଷ୍ଟ।
ବିବାହ ସୃଜନ ଅମୃତର ପାତ୍ର
କାମନାର ଉତ୍ତରଣେ
ପୂର୍ଣ୍ଣ ହେଉ
ଦେହ ଦେଉଳର ଗାତ୍ର ।


+ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ,ଭୁବନେଶ୍ୱର
ମାର୍କୋଣା,
ବାଲେଶ୍ୱର- ୭୫୬ ୧୨୬
ମୋ: ୯୪୩୭୩୭୨୧୬୬


### ପରଶ୍ରୀକାତରତା

**ଅନିଲ କୁମାର ଲେଙ୍କା**

ଜୀବନରେ ଯଦି ଆଗକୁ ଯିବାକୁ
ଚାହୁଁଥାଏ ଆମ ମନ
ପରାପର ତେଜି କରିବାକୁ ହେବ
ଆଦରେ ସଭିଙ୍କ ଯତ୍ନ ।
ହିଂସାବାଦ ଆମେ ରଖିବାନି ଜମା
ଭାବିକି ଏହାକୁ ଖୁଣ
ପରଶ୍ରୀକାତର କେବେ ହେବାନାହିଁ
ପତନ ହେବ କାରଣ ।
ନିଜ ନିଜ ମଧେ କଳିଗୋଳ କଲେ
ପାଇବା ନାନାଦି ଦୁଃଖ
ପରସ୍ପର ସାଥେ ସହଯୋଗ ଥିଲେ
ନିଶ୍ଚିନ୍ତ ଲଭିବା ସୁଖ ।
ପୁଣ୍ୟ ଚିନ୍ତା କରି ପରିଶ୍ରମ ବଳେ
ସୁଫଳ ଲବ୍ଧ ହେଇବ
ଗୋଡଟଣା ନିତି ରଖିଲେ ମନରେ
ଯାତନା ଯାହା ମିଳିବ ।
ଅଳ୍ପ ହେଉ ପଛେ ନିଜ ଜିନିଷରେ
ସନ୍ତୁଷ୍ଟ ହୋଇବା ଭଲ
ପର ଦରବରେ ଆଶକ୍ତି ରହିଲେ
ଦେବାକୁ ପଡିବ ମୂଲ୍ୟ ।
କାହାପାଇଁ କେବେ ମନ୍ଦ ଚିନ୍ତିବାନି
ରଖିବା ମଣିଷ ପଣ
ଉପକାର ଦ୍ୱାରା ସଭିଁଙ୍କ ପ୍ରାଣରୁ
ଲାଘବ ହେବ କଷଣ ।
ଇତର ଜନରେ ସାନ ବଡ ଭାବ
କରନ୍ତି ଶିକ୍ଷିତ ମୂର୍ଖ
ବେଶୀ ବଡ ପରା କେହିନୁହଁ ଏଠି
ବିଧାତା ଦେଇଛି ଭେକ ।
ଈର୍ଷା ଦ୍ୱେଷ ଗୁଣ ରହିଲେ ମାନବେ
ସଂସାର ହୋଇବ ନଷ୍ଟ
ଏହି ରିପୁଟିକୁ ଛାଡି ଦେଲେ ଜନେ
ସମାଜ ଲାଗିବ ହୃଷ୍ଟ ।


+ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ, ନୂଆପଡା


## କବିତା କୋଣାର୍କ



### ତୋ.....

**ସୁବ୍ରତ ମଲିକ**

ତୋ ଦେହ ଚମକେ
ଚାନ୍ଦିନୀ ଚମକେ
ହଳଦୀମା ଦିଶେ କ୍ଷେତ...
ତୋ ଦେହ ମହକେ
ମଳୟ ମହକେ
ହେନା ମଲ୍ଲୀ ପାରିଜାତ...।

ତୋ ଲାଜେ ଝାଉଁଳେ
ଲାଜକୁଳୀ ଲତା
ନବବଧୂ ନବବେଶ..
ତୋ ଲାଜେ ଦୀପାଳି
ଯାଏ ଫିକା ପଡି
ଜହ୍ନ ହୁଏ ଉପହାସ...।

ତୋ କୁଆଁରୀ ପରଶ
ପ୍ରାପ୍ତେ ଭ୍ରମବର
ଫୁଲକୁ ବି କରେ ପର...
ତୋ ପରଶେ ତଟିନୀ
ହୁଏ ସ୍ରୋତସ୍ୱିନୀ
ଛାଡି ତା ଆଳସ ବେଶ..।

ତୋ ଆଖି ଖୋଲିଲେ
ହୁଏ ସୂର୍ଯ୍ୟୋଦୟ
ମୁଦିଦେଲେ ହୁଏ ଅସ୍ତ...
ତୋ ଆଖି ନୀଳରେ
ଆକାଶ ନିଳୀମା
ଆଉ ସାଗରର ବକ୍ଷ..।

ତୋ ଓଠ ରଙ୍ଗରେ
ଗୋଲାପ ପାଖୁଡା
ନିଇତି ହୁଅଇ ସଜ...
ତୋ ଓଠ ନିଶାରେ
ପ୍ରେମୀ ମତୁଆଲା
ବଢ଼େ ତା ଯୌବନ ଶୋଷ ...।

ତୋ ନାଁ ଧରି
କାହାଣୀ, କବିତା
କେତେ ଯେ ହୁଅଇ ଲେଖା...
ତୋ ନାଁ ନେଇ
ପୁଣି ମନ୍ଦିରରେ
କେ ଜାଳେ ଦୀପ ସଳିତା..।


+ମଙ୍ଗଳପୁର, ଅସୁରାଳି, ଭଦ୍ରକ
୭୨୦୫୫୩୦୯୨୬

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

**ଭାଗ-୧୫**

ଏକଲବ୍ୟ ପ୍ରତି ସ୍ୱତଃ ମୋର ମୁଣ୍ଡ ନଇଁ ଯାଉଥିଲା । ସେଦିନ ମୁଁ ତାକୁ ମନେମନେ ଅନେକ ଶୁଭେଚ୍ଛା ଜଣାଇଥିଲି । ସ୍ୱାଗତ କରୁଥିଲି ତାର ବଳିଷ୍ଠ ବ୍ୟକ୍ତିତ୍ୱକୁ । ନିଜକୁ ତା ସହ ସାମିଲ୍ କରି ନେଇଥିଲି । ମୋର ଯେମିତି ମନେ ହେଉଥିଲା ଏକଲବ୍ୟର ଆତ୍ମା ମଧ୍ୟରେ ମୋ ଆତ୍ମା ବି ଏକାକାର ହୋଇଯାଉଛି । ମୋ କାନରେ ପ୍ରତିଧ୍ୱନିତ ହେଉଥିଲା ଗୁରୁଦେବଙ୍କ ତାଚ୍ଛଲ୍ୟଭରା ସୂତପୁତ୍ର ଡାକ । ଏକପଟେ ଗୁରୁଦେବ ଅନ୍ୟାୟ ପ୍ରତି କ୍ଷୋଭ ଓ ଅନ୍ୟଦିଗରେ ଏକଲବ୍ୟର ଭକ୍ତି, ନିଷ୍ଠାର ଦୃଷ୍ଟାନ୍ତ ମୋ ମନକୁ ଅଧିକ ଭାରାକ୍ରାନ୍ତ କରି ତୋଳୁଥିଲା । ସାରାଟି ଦିନ ଅନ୍ୟ କୌଣସି କାମରେ ମନ ମୋର ଲାଗୁ ନଥିଲା । ଘରେ ଆସି ଚୁପ୍‌ଚାପ୍ ବିଛଣାରେ ଶୋଇଶୋଇ ଅନେକ କିଛି ଭାବି ଯାଉଥିଲି ।

– ତେର –

ଆଶ୍ରମ ଜୀବନ ଏକ ଶୃଙ୍ଖଳିତ ଜୀବନ । ବେଶ୍ ସୁରୁଖୁରୁରେ କଟି ଯାଉଥିଲା ଦିନଗୁଡ଼ିକ । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସୀମିତ ସମୟ ମଧ୍ୟରେ କେମିତି ରାତିପାହି ସକାଳ ଆସୁଥିଲା, ତାହା ଜଣା ପଡୁନଥିଲା ।

ପ୍ରତ୍ୟେକ ରାଜକୁମାର ମାନଙ୍କର ଭିନ୍ନଭିନ୍ନ ରୁଚି । ଭିନ୍ନଭିନ୍ନ ଚଳଣି । ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର ଅନ୍ୟମାନଙ୍କ ଠାରୁ ସଂପୂର୍ଣ୍ଣ ନିଆରା । ଖୁବ୍ ଅଳ୍ପଭାଷୀ ଚୁପ୍‌ଚାପ୍ ପ୍ରକୃତିର । ମାଛିକୁ ମର ବୋଲି କହନ୍ତି ନାହିଁ । କାହାରି ପ୍ରତି ନା ଅଛି ତାଙ୍କର ବିଦ୍ୱେଷ ଅବା ରାଗ । ବରଂ ସମସ୍ତଙ୍କୁ ଆପଣେଇ ନେବାର ଭାବ ତାଙ୍କ ଠାରେ ପରିସ୍ଫୁଟ । ଖୁବ୍ ଭଲଲାଗେ ତାଙ୍କୁ । ଅସ୍ତ୍ରବିଦ୍ୟାରେ ସେ ସେତେଟା ପାରଙ୍ଗମ ନଥିଲେ ହେଲେ ତାଙ୍କର ନୀତିବତ୍ତା, ଆଉ ଧାର୍ମିକ ଗୁଣାବଳୀ ପାଇଁ ଅନେକେ ତାଙ୍କୁ ଧର୍ମପୁତ୍ର ରୂପେ ସମ୍ବୋଧନ କରୁଥିଲେ । ଆଉ ସମ୍ମାନ କରୁଥିଲେ ମଧ୍ୟ । ବାସ୍ତବରେ ତାଙ୍କ ଦର୍ଶନରେ ମନରେ ଭକ୍ତିଭାବ ସଞ୍ଚରିତ ହେଉଥିଲା । ଆଶ୍ରମ ଭିତରେ ଓ ବାହାରେ ଅନ୍ୟାନ୍ୟ କୁମାରମାନଙ୍କ ମଧ୍ୟରେ ସାମାନ୍ୟ କିଛି କଳହ ଉପୁଜିଲେ ସଂଗେସଂଗେ ସେ ସେଠାରେ ଉପସ୍ଥିତ ହୋଇ ସମସ୍ତଙ୍କୁ ନ୍ୟାୟ ବିଚାର ଦେଉଥିଲେ । ତାଙ୍କର ବିଚାରଶକ୍ତି ଏମିତି ଥିଲା ଯେ, ଅନ୍ୟମାନଙ୍କ ପାଇଁ ସେ ପାଲଟି ଯାଉଥିଲେ ଅଭିଭାବକ ଓ ଗୁରୁଜନ ମଧ୍ୟ । ବାସ୍ତବରେ ନାମରେ ସେ କେବଳ ଯୁଧିଷ୍ଠିର ନଥିଲେ କାମରେ ମଧ୍ୟ । ସ୍ଥିର ମସ୍ତିଷ୍କ, ଉଚ୍ଚ ଚିନ୍ତାଧାରା, ପ୍ରଚଣ୍ଡ ଧୀଶକ୍ତି ସହିତ ତ୍ୟାଗର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ । ଖୁବ୍ ଭଲ ଲାଗୁଥିଲା ତାଙ୍କର କଥା କହିବାର ଶୈଳୀ । ଅନ୍ୟାୟର ସେ ଥିଲେ ବଡ଼ ବିରୋଧୀ । ପାଣ୍ଡବ ଭ୍ରାତାମାନଙ୍କ ପାଇଁ ସେ ହିଁ ଥିଲେ ସହାୟ । ସମସ୍ତଙ୍କ କ୍ରୋଧକୁ ସମ୍ଭାଳି ନେଇ ଏମିତି ନ୍ୟାୟବିଚାର ଦେଉଥିଲେ ଯେ ଅନ୍ୟ ସମସ୍ତ ଭାଇମାନେ ତାଙ୍କ ନିକଟରେ ବଶ୍ୟତା ସ୍ୱୀକାର କରୁଥିଲେ । ମୋର ତେଣୁ ଜ୍ୟେଷ୍ଠପାଣ୍ଡବ ପ୍ରତି ମନରେ ଭକ୍ତି ଭରି ଯାଉଥିଲା । ଭାବୁଥିଲି ମୋର ମଧ୍ୟ ଏମିତି ଭାଇଟିଏ ଥାଆନ୍ତା କି ?

ଦ୍ୱିତୀୟ ପାଣ୍ଡବ ଭୀମସେନ କିନ୍ତୁ ଥିଲେ ତାଙ୍କର ବିପରୀତ । ଯେମିତି କ୍ରୋଧୀ, ସେମିତି ଅଧୈର୍ଯ୍ୟଶୀଳ । ଶତ୍ରୁ ପ୍ରତି ଦୟା ଦେଖାଇବା ତ ଦୂରର କଥା କାହାକୁ କ୍ଷମା କରିବା ଯେମିତି ତାଙ୍କ ଜାତକରେ ନଥିଲା । ଗଦାଯୁଦ୍ଧ ଓ ମଲ୍ଲଯୁଦ୍ଧରେ ସେ ଥିଲେ ନିପୁଣ । ନିଜର ବିଶାଳ ବପୁ, ପ୍ରଚଣ୍ଡ ଶାରୀରିକ ଶକ୍ତି ପାଇଁ ଅନେକ ଗର୍ବ, ଅହଂକାର ଥିଲା ତାଙ୍କର ।

ଆଉ ତୃତୀୟ ପାଣ୍ଡବ ଅର୍ଜୁନ । ସେ ତ ପ୍ରଚଣ୍ଡ ସ୍ୱାଭିମାନୀ । ଧନୁର୍ବିଦ୍ୟାରେ ଧୁରନ୍ଧର ଥିଲେ ବି ଅନ୍ୟାନ୍ୟ ଶିଷ୍ୟମାନଙ୍କ ଅପେକ୍ଷା ସେ ଥିଲେ ଅନନ୍ୟ, ଭିନ୍ନ । ବିଶେଷକରି ଗୁରୁଦେବଙ୍କ ପ୍ରିୟ ଶିଷ୍ୟ ଭାବେ ତାଙ୍କର ପରିଚିତି ଥିଲା । ନିଜର ପୁତ୍ରତୁଲ୍ୟ ସ୍ନେହାଶିଷ ଢାଳିଦେଇ ଗୁରୁଦେବ ତାଙ୍କୁ ଶିଖାଇ ଦେଉଥିଲେ ଅନେକ ଗୋପନୀୟ ବିଦ୍ୟା । ଗୁରୁଦେବଙ୍କ ଏକାନ୍ତ ଅନୁଗତ ଭାବେ ଅର୍ଜୁନ ହିଁ ରହୁଥିଲେ ତାଙ୍କ ପାଖେପାଖେ । ନିଜର ଅସାମାନ୍ୟ ବୁଦ୍ଧିମତ୍ତା, ପ୍ରଚଣ୍ଡ ଧୀଶକ୍ତି ପାଇଁ ଆଶ୍ରମର ଅନ୍ୟାନ୍ୟ ଶିଷ୍ୟମାନଙ୍କ ଠାରୁ ସେ ଥିଲେ ଅନେକ ଊର୍ଦ୍ଧ୍ୱରେ । ସ୍ଥାନ, କାଳ, ସମୟ ବିଶେଷରେ ଗୁରୁଦେବ ତାଙ୍କୁ ହିଁ ଲୋଡୁଥିଲେ ।

ମୁଁ କିନ୍ତୁ ଅର୍ଜୁନଙ୍କ ସମକକ୍ଷ ହେବାକୁ ଚାହୁଁଥିଲି । ତେଣୁ ଗୁରୁଦେବଙ୍କ ଏହି ପାତର ଅନ୍ତର ନୀତିର ମୁଁ ଥିଲି ବିରୋଧୀ । ନୀଚକୁଳରେ ଜନ୍ମିତ ଅନ୍ଧକାରମୟ ଦିଗଟି ମୋତେ ଏ ଦିଗରୁ କରୁଥିଲା ବଞ୍ଚିତ । ଈର୍ଷା ଜାଗୁଥିଲା ଅର୍ଜୁନଙ୍କ ଉପରେ । ମୋତେ ଯଦି ଗୁରୁଦେବ ସେମିତି ଭଲପାଇ ପାରନ୍ତେ, ତେବେ ମୁଁ ବି ଦେଖାଇ ଦିଅନ୍ତି ଅର୍ଜୁନଙ୍କ ସହ ମୁଁ ସମକକ୍ଷ କି ନୁହେଁ ? ଗୁରୁଦେବଙ୍କ ଏହି ପାତର ଅନ୍ତର ନୀତିଟା ହିଁ ମୋର ମଧ୍ୟମ ପାଣ୍ଡବଙ୍କ ପ୍ରତି ଈର୍ଷାର କାରଣ ଥିଲା । ଅନ୍ୟପକ୍ଷରେ ମୋତେ ଆଗେଇ ଯିବା ପାଇଁ ପ୍ରେରଣା ମଧ୍ୟ ଦେଉଥିଲା । ଅନ୍ୟମାନଙ୍କ ସ୍ନେହରୁ ବଞ୍ଚିତ ମୁଁ । କେହି ମୋତେ ବୀର ବୋଲି କହନ୍ତୁ, କି ନ କହନ୍ତୁ ମୋ ନିଜସ୍ୱ ବାହୁବଳ ଉପରେ ମୋର ଯଥେଷ୍ଟ ଆସ୍ଥା ଥିଲା । ଆଉ ତାରି ଉପରେ ନିର୍ଭର କରି ଜୀବନରେ ସିଦ୍ଧିଲାଭ ପାଇଁ ମୁଁ ଆଗେଇ ଯାଉଥିଲି । ମନ କହୁଥିଲା ଭବିଷ୍ୟତରେ ଦିନେ ଅର୍ଜୁନଙ୍କ ସମକକ୍ଷ ବୀର ହୋଇ ଛିଡ଼ାହେବି । ଅର୍ଜୁନଙ୍କ ପ୍ରତିଦ୍ୱନ୍ଦ୍ୱୀ ସାଜିବି । ପାଣ୍ଡବମାନଙ୍କ ପ୍ରତି ମୋ ମନରେ ଯେ ଅସୂୟା ଭାବ ଥିଲା ଠିକ୍ ତା ନୁହେଁ । ହେଲେ ତାଙ୍କ ସହ ମୁଁ ନିଜକୁ ସାମିଲ୍ କରି ପାରୁ ନଥିଲି କି ସେମାନଙ୍କୁ ମୋର ଶୁଭାକାଂକ୍ଷୀ ବୋଲି ଭାବି ମଧ୍ୟ ପାରୁନଥିଲି ।

ରାଜକୁମାର ଦୁର୍ଯ୍ୟୋଧନ କିନ୍ତୁ ଥିଲେ ମୋ ପାଇଁ ବେଶି ପ୍ରେରଣା ଓ ଆକର୍ଷଣ । ସେ ଯେ ପ୍ରଚଣ୍ଡ ଅଭିମାନୀ, ଅହଂକାରୀ ଓ କ୍ରୋଧୀ ଥିଲେ ଏହା ସତ । ଆଉ ତାଙ୍କର ବଡ଼ପଣିଆ ସମସ୍ତଙ୍କ ପାଇଁ ଅସହ୍ୟ ଥିଲା । ତାଙ୍କ ପକ୍ଷରେ ଅନ୍ୟ କାହାରି ଆଧିପତ୍ୟ, ପ୍ରତିପତ୍ତିକୁ ସହ୍ୟ କରିବା ତ ଦୂରର କଥା କାହାରି ବିଶେଷ ଭଲଗୁଣକୁ ସେ ଗ୍ରହଣ କରିପାରୁ ନଥିଲେ ସହଜରେ । ଗୁରୁଦେବଙ୍କ ସବୁ ଶିଷ୍ୟମାନଙ୍କ ମଧ୍ୟରେ ସେ ହିଁ ଥିଲେ ବେଶି ଅହଂକାରୀ, ଅଭିମାନୀ । ଭୀମସେନଙ୍କ ସହ ତାଙ୍କର ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହୁଏ । କଥାରେ କଥାରେ ହାତାହାତି । ଆଉ କଳହ କରିବା ସେ ଦୁହିଁଙ୍କର ଥିଲା ଯେମିତି ବଦଭ୍ୟାସ । କେହି ତାଙ୍କୁ ଟପିଯାଆନ୍ତୁ ଏହା ତାଙ୍କ ପାଇଁ ଥିଲା ଅସହ୍ୟ । ମୁଁ କିନ୍ତୁ ଜାଣେନା, ମୋ ପ୍ରତି ସେ ଏତେ ଉଦାର କ'ଣ ପାଇଁ ? ଅନ୍ୟମାନଙ୍କ ପ୍ରତି ଈର୍ଷାନ୍ୱିତ ହୋଇ ପଡୁଥିବାବେଳେ ମୋ ପ୍ରତି ଏତେ ସ୍ନେହଶୀଳ କ'ଣ ପାଇଁ, ମୋ ପାଖରେ ତାଙ୍କର ଅହଂଭାବ ଯେମିତି ଚୂର୍ଣ୍ଣ ହୋଇଯାଏ । ଆଉ ସେଇଥିପାଇଁ ସେ ମୋତେ ସୂତପୁତ୍ର ନ ଡାକି କର୍ଣ୍ଣ ବୋଲି ସମ୍ବୋଧନ କରନ୍ତି । ମୋ ହାତ ସହ ହାତ ମିଳାଇ ବନ୍ଧୁତ୍ୱର ସ୍ପର୍ଶ ଦିଅନ୍ତି । ତାଙ୍କର ସ୍ନେହପୂର୍ଣ୍ଣ ସମ୍ଭାଷଣରେ ମୁଁ ଆପେଆପେ ଟାଣି ହୋଇ ଯାଉଥିଲି ତାଙ୍କରି ଆଡ଼େ । ଆମେ ଦୁହେଁ ଏକାତ୍ମ ହୋଇ ଉଠୁଥିଲୁ । ଭବିଷ୍ୟତ ଜୀବନରେ ଦୁର୍ଯ୍ୟୋଧନ ଆଉ ମୋ ଭିତରେ ମିତ୍ରତାର ବନ୍ଧନ ଅନେକ ଦୃଢ଼ ହୋଇ ଯାଉଥିଲା । ଅନ୍ୟମାନଙ୍କ ପାଇଁ ସେ ଯାହା ହୁଅନ୍ତୁ ନା କାହିଁକି ସେ ଥିଲେ ମୋର ପରମ ମିତ୍ର । ତାଙ୍କର ରୁକ୍ଷ, କର୍କଶ ବାହ୍ୟ ଆବରଣ ମଧ୍ୟରେ ଲୁକ୍କାୟିତ ହୋଇ ରହିଥିଲା ଏକ କୋମଳ ହୃଦୟଟିଏ । ତାହା ମୁଁ ମର୍ମେମର୍ମେ ଅନୁଭବ କରିଥିଲି । ଦୁର୍ଯ୍ୟୋଧନ ମୋ ପାଇଁ କେବଳ ପରମ ମିତ୍ର ନଥିଲେ, ଥିଲେ ମୋର ପ୍ରାଣର ସ୍ପନ୍ଦନ । ତାଙ୍କର ସେଇ ମିତ୍ରତା ମୋ ଭବିଷ୍ୟତ ଜୀବନର ପଥକୁ ବଦଳାଇ ଦେଇଥିଲା । ଗୁରୁ ଆଶ୍ରମରେ ମୋର କେବଳ ଗୋଟିଏ ମାତ୍ର ସାନ୍ତ୍ୱନା ଥିଲା ଦୁର୍ଯ୍ୟୋଧନଙ୍କ ମିତ୍ରତା । ତାଙ୍କୁ କ୍ଷଣଟିଏ ପାଖରୁ ଅନ୍ତର କରିବା ମୋ ପାଇଁ କଷ୍ଟକର ଥିଲା । ଭାବିପାରୁ ନଥିଲି ସ୍ୱୟଂ ମହାରାଜ ଧୃତରାଷ୍ଟ୍ରଙ୍କର ଜ୍ୟେଷ୍ଠପୁତ୍ର ସେ । ଅଥଚ ମୋ ଭଳି ଜଣେ ସୂତପୁତ୍ର ପ୍ରତି ତାଙ୍କର ଏତେ ଆକର୍ଷଣ କ'ଣ ପାଇଁ ? ସେ ମୋ ପାଖରୁ କ'ଣ ପାଉଥିଲେ ମୁଁ ଜାଣେନା, ହେଲେ ତାଙ୍କ ସହ ମିତ୍ରତାରୁ ମୁଁ ପାଇଥିଲି ଅନେକ କିଛି ।



ଲକ୍ଷ୍ୟ କରୁଥିଲି ପାଣ୍ଡବମାନଙ୍କ ସହ ଦୁର୍ଯ୍ୟୋଧନଙ୍କ ଶତ୍ରୁତା ସବୁଦିନେ । ବିନା କାରଣରେ ଯେକୌଣସି କଥାର ଆଳ ଦେଖାଇ ସେ କଳିକରି ବସନ୍ତି ସେମାନଙ୍କ ସହ । ବିଶେଷକରି ଭୀମସେନଙ୍କ ପ୍ରତି ତାଙ୍କର ପ୍ରଚଣ୍ଡ ଅସୂୟା ଭାବ । ଏମିତି ବେଳେବେଳେ ପରିସ୍ଥିତି ଉପୁଜେ ଦୁହିଁଙ୍କ କଳି ମେଣ୍ଟାଇବା ପାଇଁ ଯୁଧିଷ୍ଠିରଙ୍କୁ ଆସିବାକୁ ପଡ଼େ । ତାପରେ ଯାଇ ଅବସ୍ଥା ଶାନ୍ତ ପଡ଼େ । ଦୁର୍ଯ୍ୟୋଧନଙ୍କ ଏଭଳି ବିରୋଧୀ ଚରିତ୍ର ପାଇଁ ଅନେକଙ୍କର ସେ ଅପ୍ରିୟ । ହେଲେ, ଏମିତି ଏକ ଚରିତ୍ରର ବ୍ୟକ୍ତିତ୍ୱଟି ମୋ ପାଇଁ ତାଙ୍କ ମନରେ ଏତେ ଦୁର୍ବଳତା କାହିଁକି ? ତାଙ୍କ ଆଖିରେ ମୁଁ କ'ଣ ତାଙ୍କ ସହ ସମକକ୍ଷ ? ଗୁରୁଦେବଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ୟ କୁମାରମାନେ ଯେଉଁଠି ମୋ ଠାରୁ ଦୂରତା ବଜାୟ ରଖୁଥିଲେ ସେଠି ସବୁ ନିୟମକୁ ଉଲ୍ଲଙ୍ଘନ କରି ମୋ ସହ ଅନାୟସରେ ମିଶୁଥିଲେ । ସତେ ଯେମିତି ମୁଁ ହିଁ ତାଙ୍କର ବେଶି ବିଶ୍ୱସ୍ତ ବନ୍ଧୁ । ଅତି ଆପଣାର ଲୋକ । ମୋ ପାଖରେ ତାଙ୍କର କିଛି ଅବ୍ୟକ୍ତ ନଥାଏ । ଆଉ ମୁଁ ତାଙ୍କର ଏହି ଉଦାର ପଣିଆରେ ଆପେଆପେ ବାନ୍ଧି ହୋଇଯାଏ ତାଙ୍କଠାରେ । ଆମ ଦୁହିଁଙ୍କର ମନର ଦୂରତା ଦିନକୁ ଦିନ କମି ଆସୁଥିଲା । କେହି କାହାକୁ କ୍ଷଣେ ଛାଡ଼ି ରହିପାରୁ ନଥିଲୁ । ବେଳେ ବେଳେ ଭାବେ, ଦୁର୍ଯ୍ୟୋଧନଙ୍କୁ କହିବି କି ଆଉ ତାଙ୍କର ଅହଂ, ଦର୍ପ ଭାବ କମେଇ ଦେବାକୁ କିନ୍ତୁ ପରମୁହୂର୍ତ୍ତରେ ସାହସ ହୁଏନି । ଯଦି ସେ ମୋତେ ତ୍ୟାଗ କରିଦିଅନ୍ତି । ଯେତେହେଲେ ବି ସେ ଜ୍ୟେଷ୍ଠ କୌରବ କୁମାର । ମହାରାଜଙ୍କ ପ୍ରିୟ ପୁତ୍ର । ଭବିଷ୍ୟତରେ ହୁଏତ ସେ ହିଁ ହେବେ ଯୁବରାଜ । ଆଉ ମୁଁ ତ ଜଣେ ସାମାନ୍ୟ ରାଜସାରଥି ପୁତ୍ର । ଆଜି ଯଦି ତାଙ୍କର କୃପା ଲାଭ କରିପାରେ ତେବେ, ଭବିଷ୍ୟତ ଜୀବନରେ ମୋର ଅନେକ କାମରେ ଲାଗିବ । ତେଣୁ ମୁଁ ତାଙ୍କ ବିପକ୍ଷରେ ଯିବି କାହିଁକି ବରଂ ତାଙ୍କର ଅସୀମ ସ୍ନେହ ଓ ଶ୍ରଦ୍ଧାର ଚୁମ୍ବକୀୟ ଶକ୍ତିରେ ସ୍ୱତଃ ଆକର୍ଷିତ ହୋଇପଡ଼େ । ରାଜକୁମାର ସହ ମିତ୍ରତା ହେବାରେ ମୋର ତ ଅନେକ ଲାଭ । ବରଂ ଏହି ମିତ୍ରତା ଭବିଷ୍ୟତରେ ମୋ ପାଇଁ ଆଶୀର୍ବାଦ ଯେ ନହେବ, ଏହା କିଏ କହିପାରେ ?

ସେଦିନ ଥିଲା ଏକ ଆଳସ୍ୟ ଅପରାହ୍ଣ । ଆଶ୍ରମର ଏକ ପାଦପର ଛାୟା ତଳେ ଏକୁଟିଆ ମୁଁ ବସିଥାଏ । ଘରକଥା ବହୁତ ମନେ ପଡୁଥାଏ । ମାଆ, ଗାଁ, ନଈକୂଳ, ସୂର୍ଯ୍ୟମନ୍ଦିର ସବୁ ମୋ ମାନସପଟରେ ଗୋଟିଗୋଟି କରି ଉଙ୍କି ମାରୁଥାଏ । ମନ ବି ଅସ୍ଥିର ହେଉଥାଏ । ଭାବୁଥିଲି ଏତେଦିନ ଧରି ଏଠି ବିଦ୍ୟାଶିକ୍ଷା କଲି । ଅସ୍ତ୍ରବିଦ୍ୟା ଅଭ୍ୟାସ କଲି । ହେଲେ ସତରେ କ'ଣ ମୁଁ କାହାରି ଠାରୁ ସ୍ନେହ, ଶ୍ରଦ୍ଧା ପାଇ ପାରିଲି । ଏଠି କେବଳ କର୍ତ୍ତବ୍ୟ ଆଉ କର୍ମ ସଂପାଦନ ପାଇଁ ପଡ଼ିରହିଛି ସିନା, ନହେଲେ ଏଠି ଆଉ କ'ଣ ଅଛି । ମୋ ନିଜସ୍ୱ ଲକ୍ଷ୍ୟପୂରଣ ପାଇଁ ମୁଁ ସବୁକିଛି କରିବାକୁ ପ୍ରସ୍ତୁତ । ତଥାପି ଅବୁଝା ମନଟା ମୋର ବୁଝୁ ନଥାଏ ।

କାନ୍ଧରେ କାହାର କୋମଳ ସ୍ପର୍ଶରେ ପଛକୁ ଫେରି ଚାହିଁଲି ।

କ'ଣ ଏତେ ଭାବୁଛ ଯେ, ଏଠି ଏକୁଟିଆ ।

ବାସ୍ତବରେ ଖୁବ୍ କୋମଳ । ସ୍ନେହଶୀଳ ଭାଷା ଥିଲା ଦୁର୍ଯ୍ୟୋଧନଙ୍କର । ତାଙ୍କ ମୁହଁରୁ ଏସବୁ ଶୁଣିଲେ ସେ ଯେ ପ୍ରଚଣ୍ଡ ସ୍ୱାଭିମାନୀ, ଆତ୍ମଗର୍ବୀ ଏହା ମୁଁ ଆଦୌ ଭାବି ପାରେନି ।

ମୋ ହାତ ପାପୁଲିରେ ତାଙ୍କ ହାତକୁ ଥାପି ଦୁର୍ଯ୍ୟୋଧନ କହୁଥାନ୍ତି । କୁହ କର୍ଣ୍ଣ, କାହିଁକି ଏମିତି ନିଜକୁ ଆମଠାରୁ ଦୂରେଇ ରଖ ? କଣ ସୂତପୁତ୍ର ବୋଲି ମନରେ କ୍ଷୋଭ ହେଉଛି ତୁମର । ହେଲେ, ତୁମେ ଆମଠାରୁ କେଉଁ ଗୁଣରେ ଅଯୋଗ୍ୟ ଯେ । ବରଂ ମୁଁ ତ କହିବି, ତୁମେ ଆମଠାରୁ ଯଥେଷ୍ଟ ଗୁଣୀ । ଶ୍ରେଷ୍ଠ ମଧ୍ୟ । ତୁମର ବୀରତ୍ୱ ଦେଖିଲେ କିଏ ତୁମକୁ ସୂତପୁତ୍ର କହିବ ଯେ, ଗୁରୁଦେବ ତ ସ୍ୱୟଂ ସେଦିନ ତୁମ ବୀରତ୍ୱକୁ ପ୍ରଶଂସା କରୁଥିଲେ । ମୋତେ ତ ଲାଗୁଛି, ତୁମେ ଦିନେ ବଡ଼ହେଲେ ବୀର ଯୋଦ୍ଧାଟିଏ ହେବ, ରାଜା ହେବ । ସୂତପୁତ୍ର ହୋଇ ବି କ୍ଷତ୍ରିୟ ବୀରମାନଙ୍କୁ ଟପିଯିବ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ପିଲାଙ୍କୁ ବୁଝିବାରେ ଆମେ ଭୁଲ୍ କରୁନାହାନ୍ତି ତ ?

## ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**



ଆମ ପିଲା ଆମକୁ ପାଠ ପଚାରିବା ବେଳେ ଆମେ ତଳକୁ ମୁଣ୍ଡ ମାଡି ମୋବାଇଲରେ ବ୍ୟସ୍ତ ନାହାନ୍ତି ତ ? 'ମୁଁ ବ୍ୟସ୍ତ ଅଛି ତୁ ଯାହା ଯେତିକି ପାଠ ବୁଝିଛୁ କର' କହି ଆମ ପ୍ରାଇଭେସିଠୁ ଦୂରେଇ ଦେଉ ନାହାନ୍ତି ତ ? ପିଲାଟି ଯେତେବେଳେ ଏକା ରହିବା ପସନ୍ଦ କରୁଛି, ନୀରବ ରହୁଛି, ସାମାନ୍ୟ କଥାରେ ଡରି ଯାଉଛି ବା କାନ୍ଦି ପକାଉଛି, ଆମେ ସେତେବେଳେ ଆମ ପିଲାର ଏଭଳି ସ୍ୱଭାବକୁ ଅଣଦେଖା କରୁନାହାନ୍ତି ତ ? ଆମର ବ୍ୟସ୍ତ ବହୁଳ ଜୀବନରୁ ଫୁରସତ୍ ନାହିଁ କହି ପିଲାଙ୍କ ହସଖୁସି, ପିଲାଳିଆମିକୁ ମାରି ଦେଉ ନାହାନ୍ତି ତ ? ଧନୀ, ପ୍ରତିପତ୍ତି ଓ ଆଧୁନିକତା ଦେଖେଇବାକୁ ଯାଇ ଛୋଟ ପିଲାଙ୍କ ପାଇଁ ଏକ ସ୍ୱତନ୍ତ୍ର ରୁମ୍ କରି ସେମାନଙ୍କୁ ନିସଙ୍ଗ କରି ଦେଉନାହାନ୍ତି ତ ? ସମୟ, ଶ୍ରଦ୍ଧା ଦେବା ସ୍ଥାନରେ ଅତ୍ୟଧିକ ଅର୍ଥ ଦେଇ ପିଲାଙ୍କ ଜଞ୍ଜାଳରୁ ଖସି ଆସି ନିଜେ ଆମୋଦ ପ୍ରମୋଦରେ ମାତି ପିଲାଙ୍କୁ ଅସମାଜିକ କରି ଗଢିତୋଳିବାରେ ଆମର ଭୂମିକା ମୁଖ୍ୟ ନୁହେଁ ତ ? ପିଲାଟିଏ ଯଦି କୌଣସି ପରିସ୍ଥିତିରେ ଆତ୍ମହତ୍ୟା କରୁଛି, ଆତ୍ମହତ୍ୟା ଭଳି ମାନସିକତା ଆସିବାଯାଏ କ୍ଷଣ କ୍ଷଣ ପିଲା ନିଜ ଭିତରେ ଏକାକୀତ୍ୱ, ହତାସ, ଉଦାସ ଅନୁଭବ କରି ଭାଙ୍ଗି ପଡିବାର କାରଣ ଆମେ ନୁହନ୍ତି ତ ? ଚାଲନ୍ତୁ ଆମ ଆତ୍ମାକୁ ପଚାରିବା ଆମ ପିଲାର ବିଫଳତାର କାରଣ ଆମେ ନୁହନ୍ତି ତ ?

ନିଜକୁ ପଚାରିଲେ ଆମେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ କେତେ ସମୟ ଦିଅନ୍ତି ପିଲାଙ୍କୁ ! ପ୍ରାୟ ଦେଖାଯାଏ ସକାଳୁ ଉଠି ମାଆଟିଏ ତରତରରେପିଲାକୁ ଟାଣି ଓଟାରି ଉଠାଇ ପିଲାର ଦାନ୍ତ ଘଷେଇ, ଡ୍ରେସ୍ ପିନ୍ଧେଇ, ଦୁଇ ମିନିଟ୍ ବାଲା ମ୍ୟାଗି ନହେଲେ ଟିକେ ଛତୁଆ ଚୁନା ଖୁଆଇ, ବସ୍ତା ଭଳି ଗୋଟେ ବ୍ୟାଗ୍ କାନ୍ଧରେ ପକେଇ ଧରେଇଦିଏ ବାପାକୁ । ଆଉ ନିଦ ଛାଡି ନଥିବା ବାପାଟି ବିଳି ବିଳି ହୋଇ ପିଲାଙ୍କୁ ନେଇ ସ୍କୁଲ ବସରେ ଚଢେଇ ଦେଲେ ଯେମିତି ଗୋଟେ ବିରାଟ ଦାୟିତ୍ୱ ସରିଯାଏ । ପିଲାଟି ସ୍କୁଲ ଯିବା ପରେ ବୋଝରୁ ମୁକ୍ତି ମିଳିବା ପରି ଦୀର୍ଘଶ୍ୱାସ ଛାଡି ନିଜ ନିଜ ମୋବାଇଲରେ ବ୍ୟସ୍ତ ହୋଇଯାଆନ୍ତି । ଯଦି କେବେ ଟିକେ ବିଳମ୍ବ ଯୋଗୁଁ ବସ୍ ଚାଲିଯାଏ, କାହିଁକି ଶୀଘ୍ର ଉଠିଲାନି ବୋଲି ପିଲାକୁ ମାଡ ଗାଳି ବି ଦେଇଥାନ୍ତି ।

ପିଲାଟିର ମନକୁ ବୁଝନ୍ତୁ ସକାଳୁ ଉଠି ସ୍କୁଲ ଯିବା ଭିତରେ ଆମେ ତାକୁ ଏତେ ବ୍ୟସ୍ତ ବିବ୍ରତ କରିଦିଅନ୍ତି ଯେ ସେ ଏକପ୍ରକାର ଭୟଭିତ ହୋଇଯାଏ । ସ୍କୁଲରେ ପାଠ ପଢିବା ବେଳେ ମଧ୍ୟ ତା ମସ୍ତିଷ୍କରେ ସେ ଭୟ, ଆଶଙ୍କା ସେମିତି ରହିଥାଏ ଯେଉଁଥିପାଇଁ ଶିକ୍ଷକ ପଢାଉଥିବା ପାଠ ପିଲାଟି ଅନ୍ୟମନସ୍କ ହୋଇ ଶୁଣେ ଓ ବୁଝି ପାରିନଥାଏ କି ଠିକ୍ ଉତ୍ତର ଦେଇ ପାରିନଥାଏ । ଫଳରେ ଶିକ୍ଷକ ମଧ୍ୟ ପିଲାଟି ଉପରେ ବିରକ୍ତ ହୁଅନ୍ତି ଓ ବାଡା ବାଡି କରିଥାନ୍ତି । ଘରୁ ପ୍ରଥମେ ପିଲାଟି ଭୟ ନେଇ ସ୍କୁଲ ଯାଇଥାଏ, ସ୍କୁଲରେ ଶିକ୍ଷକଙ୍କ ଦ୍ୱାରା ଲଜ୍ଜିତ, ଅପମାନିତ ଓ ଭୟଭୀତ ହୋଇ ପୁଣି ଘରକୁ ଫେରେ । ଫେରିବା ପରେ ସନ୍ଧ୍ୟାରେ ପୁଣି ଟିଉସନ୍ ହୋମୱାର୍କ ପାଇଁ ଆମେ ତାକୁ ବ୍ୟସ୍ତ କରି ଦିଅନ୍ତି । ସାରାଦିନ ଯଦି କଅଁଳ ପିଲାଟି ଏତେ ଭୟ ଓ ଭାରାକ୍ରାନ୍ତ ମସ୍ତିଷ୍କ ନେଇ ଗତିକରେ ତା ଭିତରେ ପିଲାଳିଆମି, ଆନନ୍ଦ, ଖୁସି ମରି ମରି ଯାଏ । ଘରେ ବାପା ମାଆଙ୍କୁ ଭୟ, ସ୍କୁଲରେ ଶିକ୍ଷକଙ୍କୁ ଭୟ, ବାହାରେ ସାଙ୍ଗସାଥିଙ୍କ ଥଟ୍ଟା, ଉପହାସକୁ ଭୟ,ଏତେ ଭୟର ସଂସ୍କାର ନେଇ ଆମ ପିଲା କଣ ପାଠ ବୁଝିବ ବା ମନେରଖିବ ? ସେ ଆମର ବୋଝ କି ଦାୟିତ୍ୱଟିଏ ନୁହେଁ କର୍ତ୍ତବ୍ୟ ସାରିଦେଇ ବସିଯିବା । ଆମ ପିଲା ଆମ ଜୀବନ ଭଳି । ତାକୁ ପ୍ରତି ମୁହୂର୍ତ୍ତରେ ଖୁସି ରଖିବା, ସମୟ ଦେବା, ତା ମନକୁ ବୁଝିବା, ତାକୁ ଠିକ୍ ଭାବେ ଗଢି ତୋଳିବାର ଦାୟିତ୍ୱ ଆମର । ଆମ ପିଲା ସହିତ ଆମେ ଯେତେ ଶ୍ରଦ୍ଧାରେ ସାଥିଟିଏ ଭଳି ମିଶି ପାରିବା, ସେ ତାର ପ୍ରତିଟି ସମସ୍ୟା ଆମ ସହିତ ବାଣ୍ଟି ପାରିବ । ଚାପଗ୍ରସ୍ତ ହେବନାହିଁ କିମ୍ବା କୁସଙ୍ଗରେ ପଡିବ ନାହିଁ ।


+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,
ଭୁବନେଶ୍ୱର-୬
ମୋ-୯୪୩୯୭୨୬୦୬୦


## ଆଜିର କବିତା

### ସକାଳ ଓହ୍ଲାଇ ଆସେ...

**ନମିତା ପାଇକରାୟ**



ଗୋବର ଲିପା ଓଦା ଚୂଲୀରେ
ମାଆ ଯେତେବେଳେ ନଡ଼ା ପୁରାଇ
ନିଆଁ ଲଗାଏ
ସକାଳ ଆଗେ ଆଗେ ଓହ୍ଲାଇ ଆସେ
ପିଢ଼ା ଦେଇ ଦୁଆରକୁ
ଚୂଲୀ ଭିତରେ ଯେତେବେଳେ
ଦେହକୁ ଦେହ ଲଗାଇ
କାଠମାନେ ଜଳନ୍ତି
ଚା' ଡେକଚିରୁ ଚା' ଉତୁରି ଆସେ
ସକାଳକୁ ସ୍ୱାଗତ କରିବାକୁ
ଚା' କପ୍ ମାଆ ସମସ୍ତଙ୍କୁ
ଧରାଇ ଦେଲାବେଳେ
ଚା'ର ବାସ୍ନା ଚୁମ' ଦିଅନ୍ତି ଓଠକୁ
ନିଚିପର କରି ଓଳିତଳ
ଓଳେଇ ଆଣେ ସନିଆ ମା'
ଖରା ଆସନ ପକାଇବା ଆଗରୁ
କଅଁଳ ପାଳ ପାକୁଳି ପାଇଁ
ଅପେକ୍ଷା ରତ କାଳିଆ କଷରା
ସକାଳ ବିରାଜିବା ପୂର୍ବରୁ
ଖେଳିଯାଏ ଗାଁ ଦାଣ୍ଡରୁ
ଓଦା ଧୂଳିର ବାସ୍ନା
ମନ୍ଦିରରୁ ଶଙ୍ଖ ଧ୍ୱନିର
ପବିତ୍ର ସ୍ୱର
ଘଂଟିର ଘନଘନ ଶବ୍ଦ ସହ
ମନ୍ତ୍ର ଧ୍ୱନି ଓଂକାର
ଏମାନଙ୍କ ଏକାଠି ହେବା
ସକାଳର ଦିବ୍ୟ ଆସର
ସକାଳ ବିଛେଇ ହୋଇପଡ଼େ
ଅନୂଢ଼ା ପୋଖରୀ ପଣତରେ
ଆବାଳ ବୃଦ୍ଧ ବନିତା
ଶୁଦ୍ଧପୂତ ପାଲଟନ୍ତି
ପୋଖରୀରର ସ୍ୱଷ୍ଟ ଜଳରେ
ତଟିନୀରେ ତନୁ ଧୋଇ
ସକାଳ ଓହ୍ଲେଇ ଆସେ
ପ୍ରତି ଅଗଣାରେ
ଫୁଲରେ ପତ୍ରରେ
ଖରା ଖେଳୁଥାଏ
ଛାଇ ସହ କାନ୍ଥ ଓ ବାଡ଼ରେ
ଅକୂପାର ପାହାଚରୁ
ଧୂଳିବାଲି ଆସିଥାନ୍ତି
ମନ୍ଦିର ପାହାଚଯାଏ
କୁଳବଧୂଙ୍କ ପାଦରେ
ପ୍ରତି ସକାଳରେ
ପ୍ରତିଦିନ କେତେ ଧୂଳିବାଲି
ମୋକ୍ଷ ପାଆନ୍ତି ବଧୂଙ୍କ ପାଦରେ
ନା' ବଧୂ ଜାଣେ ନା ଧୂଳିବାଲି
ସକାଳ ଆସେ ଏମିତି
ଧିରେ ଧିରେ ଚାଲି
ସାରା ପ୍ରକୃତି ହସେ
ଖିଲି ଖିଲି ।


ମୋ: ୯୮୬୧୩୮୫୦୪୬


### ଏବେ ଏବେ ...

**ସ୍ନିଗ୍ଧା. ଜି. ମହାପାତ୍ର,**

ଏବେ ଏବେ ଫୋନଟେ କୋଉଠୁ ଆସିଲେ
ଭାରି ଭୟ ଲାଗୁଛି..
ଏକ ଅଜଣା ଆତଙ୍କ ମନ ନଈରେ
ସତେ ଭଉଁରୀ ମାରୁଛି...
କେହି ଅକାଳରେ ଅବହେଳା ଅଣଦେଖା
ପାଇଁ ସତ୍ତା ହଜାଉ ନି ତ ?
ଏମିତି କେତେ ପ୍ରଶ୍ନ ମୋ ଭୟାତୁର
ବୁକୁ ତଳେ ଉଙ୍କି ମାରୁଛି....
ଏବେ ଏବେ କେହି ବନ୍ଧୁ ବାନ୍ଧବଙ୍କ
ନିମନ୍ତ୍ରଣ ପାଇଲେ ଲାଗୁଛି..
ମୋତେ କେହି ଶୂନ୍ୟତାରେ ଆବୋରିବାକୁ
ମୋ ଅଜଣା ଶତ୍ରୁକୁ ଡାକୁନିତ ? ?
ଏବେ ଏବେ ଘରକୁ କେହି ଆସିଲେ
କୋଉଠି ସେ ଆସି ଭୁତାଣୁ ବୋମାକୁ
ଖଞ୍ଜି ଯାଇନିତ ? ?
ପ୍ରଶ୍ନ ପରେ ପ୍ରଶ୍ନ ଲହଡି ହୋଇ
ମୋ ହୃଦୟରେ ମଥା ପିଟୁଛି..
କେତେ ଅଜଣା ସନ୍ଦେହେ
କଳୁଷିତ ହଉଛି ଏଇ ମନ..
ସାଇତି ଥିଲି ଯାହାକୁ କରି ବୃନ୍ଦାବନ..
କାରଣ ମୋ ଚାରିକଡେ
ଏବେ କୁଢ଼ କୁଢ଼ ମଢ଼
ଚାରିଆଡେ ନିସ୍ପନ୍ଦ ରକ୍ତ, ମାଂସ ହାଡ଼
ଆଉ ହା ହା କାର କ୍ରନ୍ଦନ ରୋଳ
ଏବେ ଏବେ ମୋ କଠୋର ହୃଦୟଟା
ତରଳି ଛଳ ଛଳ ହଉଛି...
ହୃଦୟ ତରଳି ଉଛୁଳି ଆସୁଛି
ନୟନ ପାରାବାର ଦେଇ...
ଏବେ ମୋ ଭିତରେ ଥିବା ସବୁ ଅହଂ
ଭସ୍ମ ହୋଇ ନିଜର କରୁଛି...
ଏ ସମଗ୍ର ମାନବ ସମାଜକୁ...
ମୋର ମମତା ଢାଳି ସଭିଙ୍କୁ...


+ବାରିପଦା


### ଇଚ୍ଛା ...

**ଡଃ ମାଙ୍ଗଳିକା ମହାପାତ୍ର**

ଅଶାନ୍ତ ସମୁଦ୍ରର ବାଲୁକା ରାଶିରେ
ଘରଟିଏ ତୋଳିବାର ଇଚ୍ଛାକୁ ...
ଯେବେ ତୁମ ଆଗେ କହିଥିଲି
ତୁମେ ଆଗ୍ରହରେ କଥା ଦେଇଥିଲ
ମୋ ଇଚ୍ଛା ପୂରଣ କରିବାକୁ ...

ସ୍ୱପ୍ନର ବାଲିଘର ତୋଳି ବାରେ
ଥିଲ ତୁମେ ମୋ ସାଥିରେ ..
ପାପୁଲିରେ ଥାପି ଥାପି...
ବାଲୁକା ରାଶିକୁ ଥିଲେ ଯେ ମାପି
ସୁନ୍ଦର ଘରଟିଏ ତୋଳି ତ ଦେଲ
ତୁମେ ମୋ ପାଇଁ ...

ସେ ଘରେ ଥିଲା ମନ୍ଦିରଟିଏ
ସଜାଇଲି ସେ ମନ୍ଦିରକୁ
ଗଭରୁ ଫୁଲଟିଏ ଦେଇ ..

ଘର ଥିଲା ମୋ ରାଜପ୍ରସାଦ ପରି
ଥିଲି ମୁଁ ସେଥିରେ ...
ସପନ ରାଇଜର ନିଳପରୀ
ସାମ୍ନାରେ ଥିଲା ସୁନ୍ଦର ବଗିଚାଟିଏ
ସେ ବଗିଚାରେ ଗୋଲାପ ଗଛଟିଏ
ସେ ଗଛରେ ସୁନେଲି
ରଙ୍ଗର ପରଜାପତି
ଭାବି ଭାବି ଏ ସବୁ ମନ ମୋ
ଉଠୁଥିଲା ଯେ ମାତି
ସତରେ କଣ ମୁଁ ଏତେ ଭାଗ୍ୟବତୀ
ହଠାତ୍ ସପନ ମୋ ଗଲା ଭାଙ୍ଗି
ଯେବେ ସାଗର ଲହରୀ ଆସି
ନେଲା ଧୋଇ ମୋ ବାଲିଘର
ଅମାନିଆ ମନ ମୋ ଯାଇଥିଲା ରାଗି
ସେ ଘରେ ତ ଲେଖା ଥିଲା
ନାଁ ତୁମର ମୋର..
ଲହରୀ ଆସି କୋଳେଇ ନେଲା
ମିଶେଇ ଦେଲା ବୁକୁରେ ତାର ...




+ପ୍ଲଟ ନଂ ୩୫୩,
ପ୍ରଶାନ୍ତି ବିହାର
କିଟ୍ ବିଶ୍ୱବିଦ୍ୟାଳୟ

# କରୋନାର ସଂକ୍ରମଣ ଦୃଷ୍ଟିରୁ ଜନଜାତି ସଂଗ୍ରହାଳୟ ବନ୍ଦ

ଭୁବନେଶ୍ୱର,୨୮/୪ (ନି.ପ୍ର): ଦେଶରେ କରୋନାର ଦ୍ୱିତୀୟ ସଂକ୍ରମଣ ଭୟଙ୍କର ରୂପ ନେଇଛି। ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟକୁ ଅପ୍ରେଲ ୨୬ ତାରିଖ ଠାରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ କରାଯାଇଛି। ତେବେ ଭର୍ଚୁଆଲ୍ ମୋଡ଼ରେ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରାଯାଇପାରିବ। ଆସନ୍ତା ରବିବାର ଠାରୁ ଦର୍ଶକ ଓ ପର୍ଯ୍ୟଟକମାନେ ଭର୍ଚୁଆଲ୍ ମୋଡ଼ରେ ଜନଜାତି ସଂଗ୍ରହାଳୟକୁ ବୁଲି ଦେଖିବାର ସୁଯୋଗ ପାଇବେ ଏବଂ ବିଭିନ୍ନ ଜନଜାତି ବର୍ଗଙ୍କ ଜୀବନଶୈଳୀ ଓ ସଂସ୍କୃତି ସମ୍ପର୍କରେ ଅବଗତ ହୋଇପାରିବ। ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଓଏସ୍‌ଟିଏମ୍.ଇନ୍ ମାଧ୍ୟମରେ ମଧ୍ୟ ଘରେ ବସି ପ୍ରତିଦିନ ଜନଜାତି ସଂଗ୍ରହାଳୟ ସମ୍ପର୍କରେ ତଥ୍ୟ ଜାଣିହେବ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି।

# ଘରେ ରହି ଅନ୍‌ଲାଇନ୍ କ୍ଲାସ ନେବେ ଦୃଷ୍ଟିବାଧିତ ଅଧ୍ୟାପକ

ଭୁବନେଶ୍ୱର ,୨୮/୪ (ନି.ପ୍ର): କରୋନା ସଂକ୍ରମଣକୁ ନଜରରେ ରଖି ଦୃଷ୍ଟିବାଧିତ ଅଧ୍ୟାପକଙ୍କ କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗ କୋହଳ ମନୋବୃତ୍ତି ପୋଷଣ କରିଛି। ବିଭାଗ ଅଧୀନ ସରକାରୀ ବିଶ୍ୱବିଦ୍ୟାଳୟ ଓ କଲେଜରେ ସ୍ନାତକ(ୟୁଜି) ଓ ସ୍ନାତକୋତ୍ତର(ପିଜି) ଶିକ୍ଷା ଦେଉଥିବା ଉକ୍ତ ବର୍ଗର ଅଧ୍ୟାପକ ଘରେ ରହି ପିଲାଙ୍କୁ ଅନ୍‌ଲାଇନ୍‌ରେ ଶିକ୍ଷା ଦେଇପାରିବେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେମାନେ ଅନ୍‌ଲାଇନ୍ କ୍ଲାସ ନେଇପାରିବେ। ଯଦି କୌଣସି କାର୍ଯ୍ୟରେ ଯୋଗଦେବା ଲାଗି କ୍ୟାମ୍ପସକୁ ଆସିବାକୁ ଶିକ୍ଷାନୁଷ୍ଠାନ ମୁଖ୍ୟ ନିର୍ଦ୍ଦେଶ ଦିଅନ୍ତି ତେବେ ଯାଇ ସେମାନେ ଆସିବେ। ଏନେଇ ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ଆଜି ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ଡିଗ୍ରି କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି।




# କୋଭିଡ୍ ସଂକ୍ରମଣ ଦୃଷ୍ଟିରୁ କଳାଭୂମି ବନ୍ଦ

ଭୁବନେଶ୍ୱର,୨୮/୪ (ନି.ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ କଳାଭୂମି-ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟକୁ କୋଭିଡ୍ ସଂକ୍ରମଣର ଦ୍ରୁତ ବୃଦ୍ଧି ଓ ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ବନ୍ଦ କରାଯାଇଛି। ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ କଳାଭୂମି-ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟକୁ କିଛିଦିନ ପାଇଁ ବନ୍ଦ କରାଯାଇଛି। କଳାଭୂମିରେ ଥିବା ବିକ୍ରୟ କେନ୍ଦ୍ର ମଧ୍ୟ ଦର୍ଶକମାନଙ୍କ ନିମନ୍ତେ ସାମୟିକ ଭାବେ ବନ୍ଦ କରାଯାଇଛି ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

# ଟିକା ନେବା ପରେ ସଂକ୍ରମିତ ହେଲେ ଗୁରୁତର ସମ୍ଭାବନା କମ୍

ଭୁବନେଶ୍ୱର,୨୮/୪ (ନି.ପ୍ର): ଯେଉଁମାନେ ଟିକା ନେଇଛନ୍ତି ସେମାନେ ବି ସଂକ୍ରମିତ ହୋଇପାରିବେ କିନ୍ତୁ ସେମାନେ ଗୁରୁତର ହେବାର ସମ୍ଭାବନା କମ୍। ସେହିପରି ଯେଉଁମାନେ କପଡ଼ା ମାସ୍କ ପିନ୍ଧୁଛନ୍ତି ସେମାନେ ଡବଲ ମାସ୍କ ପିନ୍ଧନ୍ତୁ ବୋଲି କହିଛନ୍ତି ରାଜ୍ୟ ସରକାରଙ୍କ କୋଭିଡ୍ ସଂପର୍କିତ ବୈଷୟିକ ପରାମର୍ଶଦାତା ଡ.ଜୟନ୍ତ ପଣ୍ଡା। କରୋନାର ୨ୟ ଲହର ନେଇ ମଙ୍ଗଳବାର ରାଜ୍ୟସରକାରଙ୍କ ପକ୍ଷରୁ ଆୟୋଜିତ ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ୨ୟ ଲହର ଅଧିକ ସଂକ୍ରାମକ ରହିଛି। ସବୁ ବର୍ଗର ଲୋକଙ୍କୁ ଏହି ଷ୍ଟ୍ରେନ ସଂକ୍ରମିତ କରୁଛି । ଯୁବବର୍ଗ ଓ ଶିଶୁମାନଙ୍କୁ ମଧ୍ୟ ଏହା ସଂକ୍ରମିତ କରୁଛି । ତେବେ ଆଶ୍ୱସ୍ତିର କଥା ହେଉଛି ମୃତ୍ୟୁ ହାର ଏପର୍ଯ୍ୟନ୍ତ ସୁଦ୍ଧା କମ ରହିଛି। ସେ କହିଛନ୍ତି ଯେ ଏହି ମ୍ୟୁଟାଂଟ ଷ୍ଟ୍ରେନ ବାୟୁମଣ୍ଡଳରେ ଅଧିକ ସମୟ ରହୁଛି । ଏଣୁ କାର ଭିତରେ, ଥିଲେ ବା ଘରେ ଥିଲେ ବି ମାସ୍କ ପିନ୍ଧନ୍ତୁ । କରୋନା ସଂକ୍ରମିତ ହେବାର ଲକ୍ଷଣ ଦେଖାଦେଲେ ନିଜକୁ ଘରେ ସଂଗରୋଧ କରିବା ଓ ଘର ଲୋକଙ୍କୁ ଯେପରି ସଂକ୍ରମଣ ନ ବ୍ୟାପେ ସେଥିପ୍ରତି ଧ୍ୟାନ ରଖିବା ଉଚିତ ବୋଲି ସେ କହିଛନ୍ତି । ସେହିପରି ଡାକ୍ତର ସମ୍ପଦ ଦାସଙ୍କ କହିବା ଅନୁସାରେ କରୋନାର ଦ୍ୱିତୀୟ ଲହର ବୟସ୍କଙ୍କ ସହ ଶିଶୁ ଓ କିଶୋରମାନଙ୍କୁ ଆକ୍ରାନ୍ତ କରୁଛି। ବାୟୁ ଚଳାଚଳ କରୁନଥିବା କୋଠରୀରେ ସଂକ୍ରମଣର ଭୟ ଅଧିକ। ପୂର୍ବ ବର୍ଷ ଆକ୍ରାନ୍ତ ହୋଇଥିବା ଲୋକ ଏବର୍ଷ ମଧ୍ୟ ପୁଣି ସଂକ୍ରମିତ ହେଉଛନ୍ତି। ତେବେ ମୃତ୍ୟୁହାର କମ ଥିବା ଆମ ପାଇଁ ଏକ ଆଶ୍ୱସ୍ତିର ବିଷୟ। ଏବର୍ଷ ରୋଗୀଙ୍କଠାରେ ନୂଆ ଲକ୍ଷଣ ଦେଖାଯାଉଛି କହିଲେ ଡାକ୍ତର ଦାସ। ତେବେ ବାନ୍ତି ହେବା, ପତଳା ଝାଡ଼ା ହେବା ଲକ୍ଷଣ ରୋଗୀଙ୍କଠାରେ ଦେଖାଯାଉଥିବା ସେ କହିଛନ୍ତି। ସ୍ୱଳ୍ପ ଲକ୍ଷଣ ଥିଲେ ଗୃହ ପୃଥକବାସରେ କୋଭିଡ୍ ରୋଗୀ ରହିପାରିବେ। ଏପରି କ୍ଷେତ୍ରରେ ରୋଗୀ ଘରେ ରହି ମଧ୍ୟ ଚିକିତ୍ସିତ ହୋଇପାରିବ। ମଧ୍ୟମ ଓ ଗୁରୁତର ଲକ୍ଷଣ ଥିବା ରୋଗୀ ଡାକ୍ତରଖାନାରେ ଚିକିତ୍ସିତ ହେବା ଆବଶ୍ୟକ । ଡାକ୍ତରଖାନାରେ ରହି ଚିକିତ୍ସିତ ହେବାକୁ ହେଲେ ରୋଗୀକୁ କୋଭିଡ୍ ପଜିଟିଭ୍ ରିପୋର୍ଟ ସାଙ୍ଗରେ ଆଣିବା ଜରୁରୀ। ଅନ୍ୟ କୌଣସି କାଗଜାତର ଆବଶ୍ୟକତା ନାହିଁ। ଜନସାଧାରଣ ୧୦୪କୁ କିମ୍ବା ସହରାଂଚଳରେ ୧୯୨୯କୁ ଫୋନ କରି ଆମ୍ବୁଲାନ୍ସ ସହାୟତା ପାଇପାରିବେ। ଶତକଡ଼ା ୯୦ ଭାଗ ରୋଗୀଙ୍କର ଚିକିତ୍ସା ଗୃହ ପୃଥକବାସରେ ରହି କରାଯାଇ ପାରିବ। ତେଣୁ ଅଯଥା ଡାକ୍ତରଖାନାରେ ଭିଡ଼ ଜମାଇବାର ଆବଶ୍ୟକତା ନାହିଁ ।

# ଅଯଥାରେ ହସ୍ପିଟାଲ ବେଡ ଅକ୍ତିଆର କର ନାହିଁ ଓ ଔଷଧ କିଣି ରଖ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୮/୪ (ନି.ପ୍ର): ଆବଶ୍ୟକ ନଥିଲେ ହସ୍ପିଟାଲ ବେଡ ଅକ୍ତିଆର ନକରିବାକୁ ସରକାରଙ୍କ ପରାମର୍ଶ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଅଯଥାରେ ହସ୍ପିଟାଲ ବେଡ ଅକ୍ତିଆର ନକରି ଘରେ ରହି ଚିକିତ୍ସିତ ହୁଅନ୍ତୁ । ସେହିପରି ରାଜ୍ୟରେ ଟେଷ୍ଟିଂ କିଟର ଅଭାବ ନଥିବା ସେ କହିଛନ୍ତି । ଆବଶ୍ୟକ ଲୋକଙ୍କର ଟେଷ୍ଟ କରାଉନ୍ତୁ । ଟେଷ୍ଟିଂର ଡିମାଣ୍ଡ ଏବେ ଅଧିକା ରହୁଛି ତେଣୁ ଲୋକେ ସ୍ୱତଃ ପ୍ରବୃତ୍ତ ଭାବେ ଟେଷ୍ଟ କରାଉଛନ୍ତି ।

ସେହିପରି ରେମଡିସିଭର ମେଡିସିନ୍ ରାମବାଣ ନୁହେଁ । ଏହି ମେଡିସିନ୍ କେବଳ ସିରିୟସ ରୋଗୀଙ୍କୁ ଦିଆଯାଏ । କିନ୍ତୁ କିଛି ଲୋକ ରେମଡିସିଭର କିଣି ଘରେ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଆବଶ୍ୟକ ପରିମାଣର ମେଡିସିନ୍ ମହଜୁଦ ଅଛି । ବେଡର ଅଭାବ ନାହିଁ ଏବଂ ଆଗକୁ ୪ଟି ଲେଖାଏଁ ଜିଲ୍ଲାକୁ ମିଶାଇ ଗୋଟିଏ କ୍ଲଷ୍ଟର କରାଯିବ ଓ ସେହି ଜିଲ୍ଲା ଭିତରେ ହିଁ ରୋଗୀଙ୍କୁ ବେଡ ଯୋଗାଇଦିଆଯିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର ।

# ରାଜ୍ୟରେ ଟେଷ୍ଟିଂ କିଟ୍ ଅଭାବ, ଦୈନିକ ୫୦ହଜାର ନମୁନା ପରୀକ୍ଷା ଲକ୍ଷ୍ୟ ବିଫଳ

ଭୁବନେଶ୍ୱର ,୨୮/୪ (ନି.ପ୍ର): ରାଜ୍ୟରେ କୋଭିଡ୍ ଟେଷ୍ଟିଂ କିଟ୍‌ର ଅଭାବ ଦେଖା ଦେଇଛି। ବିଶେଷକରି ଜିଲ୍ଲାୱାରୀ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଅଧିକାଂଶ ଜିଲ୍ଲାକୁ ଆବଶ୍ୟକ ସଂଖ୍ୟକ କିଟ୍ ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ଯାହାଫଳରେ ରାଜ୍ୟ ସରକାର ଦୈନିକ ୫୦ହଜାର ନମୁନା ପରୀକ୍ଷା ପାଇଁ ଲକ୍ଷ୍ୟ ରଖିଛନ୍ତି ତାହା ନିକଟରେ ହାସଲ ହେବା ନେଇ ଆଶଙ୍କା ଦେଖା ଦେଇଛି। ରାଜ୍ୟରେ ଏବେ ଦୈନିକ ୬ହଜାରରୁ ଅଧିକ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏଥିପାଇଁ ୩୯ହଜାରରୁ ଅଧିକ ନମୁନା ପରୀକ୍ଷା କରାଯାଇଛି। ଯଦିଓ ରାଜ୍ୟରେ ଏବେ ଆରଟି-ପିସିଆର ନମୁନା ପରୀକ୍ଷା ସଂଖ୍ୟା ବଢ଼ିଛି ତଥାପି ରାଜ୍ୟ ସରକାର ରୋଗୀଙ୍କ ପାଇଁ ରାପିଡ୍ ଆଣ୍ଟିଜେନ୍ କିଟ୍ ଉପରେ ଅଧିକ ନିର୍ଭରଶୀଳ। ହେଲେ ପ୍ରାୟ ସପ୍ତାହେ ହେବ ରାଜ୍ୟରେ ରାପିଡ୍ କିଟ୍ ?ର ଅଭାବ ସୃଷ୍ଟି ହୋଇଛି। ଯାହାଫଳରେ ଦିନକୁ ଦିନ ନମୁନା ପରୀକ୍ଷା ସଂଖ୍ୟା କମିବାରେ ଲାଗିଛି। ଜିଲ୍ଲାକୁ ଅଧିକ ସଂଖ୍ୟାରେ କିଟ୍ ଯୋଗାଇ ଦେବା ଲାଗି ବାରମ୍ବାର କୁହାଯାଉଥିଲେ ହେଁ, ରାଜ୍ୟ ଔଷଧ ନିଗମ କିଟ୍ ଯୋଗାଇବାରେ ବିଫଳ ହୋଇଛି। ସୂଚନା ଅନୁସାରେ, ଔଷଧ ନିଗମ ପକ୍ଷରୁ ଯେଉଁ କମ୍ପାନିକୁ ଟେଷ୍ଟିଂ କିଟ୍ ଦେବା ଲାଗି ଟେଣ୍ଡର ଦିଆଯାଇଛି। ସଂପୃକ୍ତ କମ୍ପାନି ଆବଶ୍ୟକ ସଂଖ୍ୟକ କିଟ୍ ଯୋଗାଇ ପାରୁନାହିଁ। ଯେତିକି ସଂଖ୍ୟକ କିଟ୍ ଆସୁଛି ତାହା ଦୈନିକ ପରୀକ୍ଷା ପାଇଁ ଜିଲ୍ଲାସ୍ତରରେ ଯଥେଷ୍ଟ ହେଉନାହିଁ। ଗୋଟିଏ ପଟେ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଅଧିକରୁ ଅଧିକ ନମୁନା ପରୀକ୍ଷାର ଆବଶ୍ୟକତା ରହିଛି। ଅଧିକ ସଂଖ୍ୟାରେ ନମୁନା ପରୀକ୍ଷା କରାଗଲେ ରୋଗୀଙ୍କୁ ଚିହ୍ନଟ କରିବା ସହିତ ଟ୍ରାକିଂ କରିବା ସହଜ ହେବ ବୋଲି ବିଶେଷଜ୍ଞମାନେ କହୁଥିବା ବେଳେ ରାଜ୍ୟରେ ତାହାର ଓଲଟା ଦେଖିବାକୁ ମିଳିଛି। ସେହିପରି ଆରଟି-ପିସିଆର ଓ ରାପିଡ୍ କିଟ୍‌କୁ ବାଦ୍ ଦେଲେ ରାଜ୍ୟରେ ଟ୍ରୁନାଟ୍ ମେସିନ୍‌ରେ ମଧ୍ୟ ପରୀକ୍ଷା କରାଯାଉଛି। ମାତ୍ର ଏହା ବିଶେଷ ଫଳପ୍ରଦ ହେଉନାହିଁ। ଗତ ୨୪ଘଣ୍ଟାରେ ରାଜ୍ୟରେ ମାତ୍ର ୪୪ଟି ନମୁନା ଟ୍ରୁନାଟ୍‌ରେ ପରୀକ୍ଷା ହୋଇଛି। ଟ୍ରୁନାଟ୍‌ର ୨ଚ୍ୟାନେଲ ଓ ୪ଚ୍ୟାନେଲ୍ ମେସିନ୍ ରହିଛି। ୨ଚ୍ୟାନେଲରେ ମାତ୍ର ୨ଟି ଓ ୪ଚ୍ୟାନେଲରେ ୪ଟି ନମୁନା ପରୀକ୍ଷା ହୋଇପାରିବ। କେବଳ ଖୋର୍ଦ୍ଧା ଓ ଭୁବନେଶ୍ୱରକୁ ବାଦ୍ ଦେଲେ ଜିଲ୍ଲାରେ ଏହି ପରୀକ୍ଷା କରାଯାଉନାହିଁ। ରାଜ୍ୟର ସବୁ ଜିଲ୍ଲାରେ ଏହି ମେସିନ୍ ରହିଥିଲେ ହେଁ, ପରୀକ୍ଷା ପାଇଁ ଅଧିକ ସମୟ ଲାଗୁଥିବାରୁ ଏଥିପାଇଁ ଜିଲ୍ଲାସ୍ତରରେ ଏହାକୁ ପରୀକ୍ଷା କରିବା ଲାଗି ଆଗ୍ରହ ପ୍ରକାଶ କରୁ ନାହାନ୍ତି।

ଏ ସଂପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ, କୌଣସି ଉତ୍ତର ମିଳିପାରି ନାହିଁ। ଏହାସହ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ମଧ୍ୟ କୌଣସି ଉତ୍ତର ଦେଇ ନାହାନ୍ତି।



# ବିଜେଡ଼ିରେ ସାମିଲ୍ ହେଲେ ୪ ଗ୍ରାମପଂଚାୟତର କଂଗ୍ରେସ ସଭାପତି

ଭୁବନେଶ୍ୱର,୨୮/୪ (ନି.ପ୍ର): ପିପିଲି ନିର୍ବାଚନ ମଣ୍ଡଳୀର ୪ଟି ଗ୍ରାମପଂଚାୟତର କଂଗ୍ରେସ କମିଟି ସଭାପତି ମଙ୍ଗଳବାର ବିଜୁ ଜନତା ଦଳରେ ସାମିଲ୍ ହୋଇଛନ୍ତି। ପିପିଲି ବ୍ଲକ ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମପଂଚାୟତର କଂଗ୍ରେସ କମିଟି ସଭାପତି ବାଲୁକେଶ୍ୱର ମହାପାତ୍ର, ରୁପୁଦେଇପୁର ଗ୍ରାମପାୟତର ସଭାପତି ନୃସିଂହ ବେହେରା, ଯଶୁଆପୁର ଗ୍ରାମପଂଚାୟତର ସଭାପତି କାଳୁଚରଣ ପ୍ରଧାନ ଏବଂ ରଥ- ପୁରୁଷୋତମପୁର ଗ୍ରାମପଂଚାୟତର କଂଗ୍ରେସ କମିଟି ସଭାପତି ଜୟନ୍ତ କୁମାର ପରିଡ଼ା ବିଜେଡ଼ିରେ ଯୋଗ ଦେଇଛନ୍ତି। ଏମାନଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ମଧ୍ୟ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ୍ ହୋଇଛନ୍ତି। ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ପ୍ରତାପ କେଶରୀ ଦେବ ଉପସ୍ଥିତ ଥିଲେ।

# କୋଭିଡ୍ ମୁକାବିଲା ପାଇଁ ଦିନକର ଦରମା ଦେବେ ରାଜ୍ୟର ସବୁ ଆଇଏଏସ ଓ ଆଇଏଫଏସ୍

ଭୁବନେଶ୍ୱର,୨୮/୪ (ନି.ପ୍ର): କୋଭିଡ୍ ମୁକାବିଲା ପାଇଁ ରାଜ୍ୟର ସମସ୍ତ ଆଇଏଏସ୍ ଓ ଆଇଏଫଏସ୍ ଅଫିସରମାନେ ନିଜର ଦିନକର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି(ସିଏମଆରଏଫ)କୁ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ଆଇଏଏସ୍ ସଂଘ ପକ୍ଷରୁ ଏକ ରିଲିଜ୍ ଜାରି କରାଯାଇ ରାଜ୍ୟରେ କୋଭିଡ୍ ମହାମାରୀ ପରିସ୍ଥିତିର ମିଳିତ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅତିକମରେ ନିଜର ଦିନକର ଦରମା ଦେବାକୁ ଅନୁରୋଧ କରାଯାଇଛି। ସେହିପରି ରାଜ୍ୟ ଆଇଏଫଏସ୍ (ଭାରତୀୟ ଜଙ୍ଗଲ ସେବା) ସଂଘ ପକ୍ଷରୁ ମଧ୍ୟ ଦିନକର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେବାକୁ ଘୋଷଣା କରାଯାଇଛି। ଯଦି କୌଣସି ସଦସ୍ୟ ଚାହିଁବେ ତା'ହେଲେ ଅଧିକ ସହାୟତା ଦେଇପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୮ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ମାଗଣାରେ କୋଭିଡ୍ ଟିକା ପ୍ରଦାନ କରାଯିବ ବୋଲି ଘୋଷଣା କରିବା ପରଠୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ସୁଅ ଛୁଟୁଛି । ଆଜି ଏମଜିଏମ୍ ଖଣି ପକ୍ଷରୁ ମଧ୍ୟ ଏକ କୋଟି ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି।

# ଅନଲାଇନରେ ଜାଣିହେବ କୋଭିଡ ହସପିଟାଲରେ ଖାଲିଥିବା ଶଯ୍ୟା ସଂଖ୍ୟା

ଭୁବନେଶ୍ୱର ,୨୮/୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏଣିକି ଅନଲାଇନରେ ମିଳିବ କୋଭିଡ୍ ହସପିଟାଲରେ ଥିବା ଖାଲି ଶଯ୍ୟା ସଂଖ୍ୟା । ଏଥିପାଇଁ ରିଅଲ ଟାଇମ ବେଡ ମ୍ୟାନେଜମେଣ୍ଟ ସିଷ୍ଟମ ଲାଗୁ କରାଯିବ ।

ରାଜ୍ୟରେ କୋଭିଡ୍ ନିୟମର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହା ସହିତ ସମୟାନୁସାରେ ଆବଶ୍ୟକ ପରିମାଣରେ ଅମ୍ଳଜାନ ଓ ଔଷଧ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ଏହି କୋଭିଡ ସମୀକ୍ଷା ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି ଯେ ରାଜ୍ୟରେ କୋଭିଡ କେୟାର ସେଣ୍ଟର ସହ କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି । ମେଡିକାଲ କଲେଜର ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି । ବେସରକାରୀ ହସ୍ପିଟାଲକୁ କୋଭିଡ ହସ୍ପିଟାଲ କରିବାକୁ ପଦକ୍ଷେପ ନିଆଯାଇଛି । ୩୦% ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା ହୋଇଛି ।

# ସବ୍‌ରେଜିଷ୍ଟ୍ରୀ କାର୍ଯ୍ୟାଳୟ ପକ୍ଷରୁ କରୋନା ସଚେତନତା

ଭୁବନେଶ୍ୱର,୨୮/୪ (ନି.ପ୍ର): ଭୁବନେଶ୍ୱର ଓ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରୀ କାର୍ଯ୍ୟାଳୟ ପକ୍ଷରୁ କରୋନା ସଚେତନତା କରାଯାଇଥିଲା। ମେସିନ୍ ଦ୍ୱାରା ପରୀକ୍ଷା କରାଇବା, ହାତକୁ ସାନିଟାଉଜ୍ କରିବା, ନିୟମିତ ମାସ୍କ ପିନ୍ଧିବା ଓ ୬ଫୁଟ୍ ଦୂରତା ରକ୍ଷା କରିବା ନେଇ ଲୋକମାନଙ୍କୁ ବୁଝା ଯାଇଥିଲା। କରୋନାର ଦ୍ୱିତୀୟ ଲହରୀକୁ ମୁକାବିଲା ପାଇଁ ଆମ୍ଭକୁ ସତର୍କ ରହିବାକୁ ହେବ ବୋଲି ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର୍ ପବିତ୍ର କୁମାର ସାମଲ, ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ମୃତ୍ୟୁୟ ତ୍ରିପାଠୀ, କାର୍ଯ୍ୟାଳୟ ହେଡ୍ କ୍ଲର୍କ ସୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଲୋକଙ୍କୁ ସଚେତନ କରିଥିଲେ।

# କୋଭିଡ୍ ସ୍ଥିତିରେ ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି: ମନ୍ତ୍ରୀ

ଭୁବନେଶ୍ୱର ,୨୮/୪ (ନି.ପ୍ର): ସମ୍ପ୍ରତି ରାଜ୍ୟରେ କୋଭିଡ୍-୧୯ର ଦ୍ୱିତୀୟ ଲହର ବ୍ୟାପକତାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ରାଜ୍ୟର ସମସ୍ତ ହିତାଧିକାରୀଙ୍କ ନିକଟରେ ଯେପରି ଠିକ୍ ସମୟରେ ରାସନ୍ ସାମଗ୍ରୀ ପହଞ୍ଚିପାରିବ, ସେଥିନିମନ୍ତେ ବିଶେଷ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ଜଣେ ବି ଗରିବ ଲୋକ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଅନ୍ତି, ସେଥି ପ୍ରତି ବିଭାଗୀୟ ଅଧିକାରୀମାନେ ସତର୍କ ରହିବାକୁ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସୋମବାର ଭର୍ଚୁଆଲ୍ ପ୍ଲାଟ୍‌ଫର୍ମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। କୋଭିଡ୍-୧୯ର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ଖାଉଟିମାନେ ଯେପରି ସହଜ ଓ ସୁବିଧାରେ ସାମାଜିକ ଦୂରତ୍ୱ ରକ୍ଷା କରି ସେମାନଙ୍କ ପିଡିଏସ୍ ରାସନ୍ ସାମଗ୍ରୀ ପାଇପାରିବେ, ସେ ଦିଗରେ ଅଧିକ ଧ୍ୟାନ ଦେବା ପାଇଁ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରବି ଧାନ ସଂଗ୍ରହର ପ୍ରସ୍ତୁତି ଉପରେ ସମୀକ୍ଷା କରାଯାଇଥିଲା। ମେ' ପ୍ରଥମ ସପ୍ତାହରୁ ୧୭ଟି ଜିଲ୍ଲାରେ ରବି ଧାନ ସଂଗ୍ରହ ହେବ। ଏହାକୁ ସୁସଂହତ କରିବା ଦିଗରେ ବିଭାଗୀୟ ଅଧିକାରୀ ଓ କ୍ଷେତ୍ରରେ କାମ କରୁଥିବା ପ୍ୟାକ୍ସ/ ଲ୍ୟାମ୍ପସର ଅଧିକାରୀମାନଙ୍କୁ ତତ୍ପର ହେବାକୁ କୁହାଯାଇଥିଲା। ମୂଲ୍ୟ ସହାୟକ ଯୋଜନାରେ ଡାଲି, ତୈଳବୀଜ, ଚିନାବାଦାମ ଇତ୍ୟାଦିକୁ ସୁଚାରୁରୂପେ ସଂଗ୍ରହ କରି ଏହାର ଲାଭ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ମନ୍ତ୍ରୀ କହିଥିଲେ। ସେହିପରି ସମବାୟ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଚାଷୀମାନଙ୍କୁ ସହଜରେ କୃଷି ଋଣ ଯୋଗାଣ ସହିତ ଯୁଗ୍ମଦେୟ ଗୋଷ୍ଠୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇଦେବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା।



ବିଭାଗର ସମସ୍ତ କାର୍ଯ୍ୟକ୍ରମରେ ୫-ଟି କୁ କଡ଼ାକଡ଼ିଭାବେ ଅନୁପାଳନ ପୂର୍ବକ ଧାର୍ଯ୍ୟ ଲକ୍ଷ ହାସଲ ସହିତ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରିବା ପାଇଁ ମନ୍ତ୍ରୀ କହିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ସମବାୟ ସମିତି ସମୂହର ନିବନ୍ଧକ ସୁଶାନ୍ତ କୁମାର ବାରିକ, ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀଙ୍କ ସମେତ ମାର୍କଫେଡ଼ର ପରିଚାଳନା ନିର୍ଦ୍ଦେଶକ, ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ, ଓସାମ୍ ବୋର୍ଡର ସଦସ୍ୟ ସଚିବଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।

# ଲୋକଙ୍କ ଧନ ଜୀବନର ସୁରକ୍ଷା ସରକାରଙ୍କ ଦାୟିତ୍ୱ ସି.ପି.ଆଇ (ଏମ୍‌ଏଲ୍) ଲିବରେସନ

ଭୁବନେଶ୍ୱର,୨୮/୪ (ନି.ପ୍ର): ଲୋକଙ୍କ ଧନ, ଜୀବନର ସୁରକ୍ଷା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଦାୟିତ୍ୱ। ପୁଣି କରୋନାର ଦ୍ୱିତୀୟ ଲହର ବେଳେ ଏ ଦାୟିତ୍ୱ ବେଶି ବଢିଯାଇଛି। କାରଣ ଲୋକଙ୍କର ଆୟ ବ୍ୟାହତ ହେଉଥିବା ବେଳେ ଗରୀବ, ଶ୍ରମଜୀବୀଙ୍କ ଅବସ୍ଥା ସଙ୍ଗୀନ ହେବାରେ ଲାଗିଛି। ତେଣୁ ପ୍ରତି ପରିବାରକୁ ୭୫୦୦ ଟଙ୍କା ଦେବା ସହ ଖାଦ୍ୟ ବଦଳରେ କାମର ବ୍ୟବସ୍ଥା କରନ୍ତୁ। ଡ଼ାକ୍ତରଖାନାରେ ଶଯ୍ୟାର ଅଭାବ ଦୂର ପାଇଁ ପ୍ରତି ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଓ ସରକାରୀ ମଣ୍ଡପଗୁଡ଼ିକୁ ଅସ୍ଥାୟୀ ଡ଼ାକ୍ତରଖାନାରେ ପରିଣତ କରି ସେଠାରେ ଡ଼ାକ୍ତର, ଔଷଧ ଓ ଅମ୍ଳଜାନର ବ୍ୟବସ୍ଥା କରନ୍ତୁ। ସେ ପର୍ଯ୍ୟନ୍ତ ସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କ ଖର୍ଚ୍ଚ ସରକାର ବହନ କରନ୍ତୁ ବୋଲି ସି.ପି.ଆଇ (ଏମ୍.ଏଲ୍) ଲିବରେସନ ପକ୍ଷରୁ ଦାବି କରାଯାଇଛି। ଅନ୍ୟ ରାଜ୍ୟରେ ଥିବା ଶ୍ରମଜୀବୀ ଲୋକଙ୍କୁ ସେହି ସ୍ଥାନରେ ରହିବା, ଖାଇବା ଓ ଚିକିତ୍ସାର ବ୍ୟବସ୍ଥା କରନ୍ତୁ। ନଚେତ ସରକାରୀ ଖର୍ଚ୍ଚରେ ଓଡ଼ିଶା ଫେରାଇ ଆଣନ୍ତୁ। ଏହି ସଙ୍କଟଜନକ ଅବସ୍ଥାର ମୁକାବିଲା ପାଇଁ ସର୍ବଦଳୀୟ ବୈଠକ ଡ଼ାକନ୍ତୁ। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଗ୍ରହୀ ବ୍ୟକ୍ତିବିଶେଷ ଓ ଦଳଗତ ମିଳିମିଶି ଲଢିବାର ବାତାବରଣ ସରକାର ସୃଷ୍ଟି କରିପାରିଲେ ଆମେ କରୋନାକୁ ଜିତିପାରିବା।

# ସମାଜସେବୀ ପ୍ରତାପ ସାହୁ ପିପିଇ କିଟ୍ ପରିଧାନ କରି କରୋନା ସେବା ଯୋଗାଇଲେ

ଭୁବନେଶ୍ୱର,୨୮/୪ (ନି.ପ୍ର): ବର୍ତ୍ତମାନ ସାରା ରାଜ୍ୟରେ କରୋନାର ଦ୍ୱିତୀୟ ଲହରୀ ତାର କାୟାବିସ୍ତାର କରିଚ୍ଛଲିଛି। ଗତ ୨୦୨୦ ମସିହା ଫେବୃୟାରୀ ମାସରେ ଦେଖା ଦେଇଥିବା କରୋନା ପ୍ରଥମ ଲହରୀର ଭୟ ଲୋକଙ୍କ ମନରୁ ଲିଭିନଥିବା ବେଳେ କରୋନାର ଦ୍ୱିତୀୟ ଲହରୀରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା କ୍ଷିପ୍ରଗତିରେ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କରୋନା ଦିନକୁ ଦିନ ଭୟଙ୍କର ରୂପ ଧାରଣ କରୁଛି ଯାହା ସାଧାରଣ ଜନତାଙ୍କୁ ଚିନ୍ତାରେ ପକାଇ ଦେଇଛି। ଓଡ଼ିଶାରେ ଦୈନିକ ୬ ହଜାରରୁ ୭ହଜାର ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୭ଶହରୁ ୮ଶହ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ଯାହାକୁ ନେଇ ଲୋକମାନେ ଏକ ଭୟର ବାତାବରଣ ମଧ୍ୟରେ ଗତିକରି ଚ୍ଛଲିଛନ୍ତି। କରୋନାର ଏଭଳି ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ସମାଜସେବୀ ପ୍ରତାପ ସାହୁ ପିପିଇ କିଟ୍ ପରିଧାନ କରି ରାଜଧାନୀର ବିଭିନ୍ନ ଅଞ୍ଚଳ ବୁଲି ସରକାରୀ ଓ ବେସରକାରୀ ଅଫିସ୍, ବସଷ୍ଟାଣ୍ଡ, ସରକାରୀ, ବେସରକାରୀ ବସ୍, ରେଲୱେ ଷ୍ଟେସନ, ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀମାନଙ୍କ ରହଣୀସ୍ଥଳୀ, ସୂଚନା ଭବନ, ସାମ୍ବାଦିକ ଭବନ, ରବୀନ୍ଦ୍ର ମଣ୍ଡପ, ବସ୍ତିଅଞ୍ଚଳ, ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ମାଗଣାରେ ସାନିଟାଇଜ କରିବା ସହିତ ଲୋକଙ୍କୁ ମାସ୍କ, ସାନିଟାଇଜର, ସାବୁନ ବଣ୍ଟନ କରି କରୋନା ଠାରୁ ଦୂରେଇ ରହିବା ପାଇ ସଚେତନ କରିବା ସହିତ ଅକ୍ସିମିଟର ଦ୍ୱାରା ଲୋକମାନଙ୍କ ଅମ୍ଳଜାନ ପରୀକ୍ଷା କରାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ମହାମାରୀ କରୋନା ପ୍ରଥମେ ଯେତେବେଳେ ଓଡ଼ିଶାରେ ପ୍ରବେଶ କଲା, ସେବେଠାରୁ ପ୍ରତାପ ପ୍ରତ୍ୟେକ ଦିନ ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ସାନିଟାଇଜ କରିବା ସହିତ, ଗରିବ ଅସହାୟ ଲୋକମାନଙ୍କୁ ମାଗଣାରେ ମାକ୍ସ, ସାନିଟାଇଜର, ସାବୁନ ଓ ରନ୍ଧାଖାଦ୍ୟ ଆଦି ପ୍ରଦାନ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ହେଲେ କରୋନାର ଦ୍ୱିତୀୟ ଲହରୀ ଏବେ ଜାରି ରହିଥିବାରୁ ପୂର୍ବପରି ତାଙ୍କର କାର୍ଯ୍ୟ ଜାରି ରଖିବେ ବୋଲି ଶ୍ରୀଯୁକ୍ତ ସାହୁ ପ୍ରକାଶ କରିଛନ୍ତି।



## ପ୍ରଶାସନ ଅଧିକାରୀ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଛାପିବା କଥା ଦୂରେ ଥାଉ ପରିଶେଷରେ ଉତମ ଲେଖାଗୁଡ଼ିକୁ ଚିରି ଡଷ୍ଟବିନ୍‌ରେ ନପକାଇ ତାକୁ ଟୁକୁରା ଟୁକୁରା କରି ଅଳିଆ ଗଦାରେ ପକାଇ ଅଗ୍ନି ସଂଯୋଗ କରୁଛି ଏବଂ ତାହାର ଅନ୍ତ ହେଲା ପର୍ଯ୍ୟନ୍ତ ଅପେକ୍ଷା କରି ଦେଖୁଛି। ଏ ହେଲା ଜଗତର ନୀତି। ଲେଖିବା ଲୋକ ଲେଖୁଛି ପଚାରେ ଯଦି, ଉତର ପାଏ ସେ ଲେଖାଟି ଠିକ ନୁହଁ ତେଣୁ ତୁମ ଲେଖା ଖବର କାଗଜ ପୃଷ୍ଠା ମଣ୍ଡନ ହେଲା ନାହିଁ। ଭାଷା ଓ ଲେଖାର ଶୈଳୀ ନାହିଁ। ତେଣୁ ତାର ଉତର ପାଇବ ନାହିଁ।

ଦେଶ ଦେଶର ଉନ୍ନତି ପାଇଁ ମହାପୁରୁଷମାନେ ଜନ୍ମ ହୋଇଥିଲେ ସେମାନଙ୍କର ସ୍ମୃତି ବା ସେମାନଙ୍କର କାର୍ଯ୍ୟପନ୍ଥା ନଦେଖି ଅତ୍ୟାଧୁନିକ ଶବ୍ଦରେ କହି ଦିଅନ୍ତି ସଭ୍ୟତାର ଆଢୁଆଳରେ ଥିବା ଜୀବଙ୍କ କଥା ଛାଡ଼। ବର୍ତମାନ ମଦ, ମାଂସ ଓ ନାରୀ ମାଂସ ଭକ୍ଷଣ କରି ଦେଶର ଅବସ୍ଥା ଯାହା ହେଉ ନା କାହିଁକି ଆମର ସେ ସବୁ ଦେଖିବାକୁ ସମୟ ନାହିଁ ବୋଲି ବ୍ୟାଖ୍ୟା କରନ୍ତି।

ଧନ୍ୟ ତୁମ ଶାସନ ଓ ଧନ୍ୟ ତୁମର ଗାରିମାପଣିଆ। ଦୁଃଖ ଲାଗେ- ଭଗବାନ ସ୍ମରଣ କରି ପାଟି ନଖୋଲି ଡରିମରି ରହିଥାଏ ନତୁବା ଏ ଧରା ଧାମରେ ତୁମର ପରିବାରର ଚିହ୍ନ ରହିବ ନାହିଁ।

କ୍ଷମତା ସଂପନ୍ନ ଅଧିକାରୀମାନେ ଯଦି ଅବାଟରେ ଗତି କରିବେ ଜନତାଙ୍କ ଅପୂରଣୀୟ କ୍ଷତି ଘଟିବ। ମୋର ମନେ ଅଛି ମହାମାରୀ ସମୟରେ ଦୀର୍ଘ ଦିନ ଧରି ଡାକ୍ତରଖାନା, ପୁଲିସ୍ ଥାନା, ଔଷଧ ଦୋକାନ ବ୍ଲକ୍ ଓ ତହସିଲ ଅଫିସ୍ ବିନା କାରଣରେ କରୋନାର ପ୍ରକୋପ ଦେଖାଇ ତାଲା ଝୁଲା ହେଲା। ଲୋକଙ୍କ ମନରେ କୋକୁଆଭୟ ସୃଷ୍ଟି ହେଲା। ପାରାସିଟାମଲ ଔଷଧ ବ୍ୟାନ୍ କରାଗଲା। ଭଗବାନ ଭରସାରେ ଲୋକେ ଘରେ କବାଟ ଦେଇ ନଖାଇ ଡର ଭୟରେ ରହିଲେ। ଆଖିକୁ ଆଖି ମିଶାଇ କଥା ହେବାକୁ ମନା କଲେ। ରାସ୍ତାଘାଟରେ ବାଡ଼ବନ୍ଦୀ ହେଲା। ବାହାରକୁ ନବାହାରିବା ଘୋଷଣା ହେଲା। କରୋନା ରୋଗର ଭୟାବହ ସଂପର୍କରେ ଘୋଷଣା ହେଲା। ସ୍ନେହ ସଂପର୍କ ଦୂରେଇ ଗଲା। ଦୋକାନ ବଜାର ପୂରା ବନ୍ଦ ହେଲା। ଯିବା ଆସିବାରେ କଟକଣା ଲାଗୁହେଲା। ପୁଲିସର ଅତ୍ୟାଚାର ବଢ଼ି ଚାଲିଲା। ଲୋକମାନେ ଭୟରେ ପାଟି ଓ ନାକ ଘୋଡାଇ ଚାଲିଲେ। ଏସବୁ ପ୍ରଶାସକ ଅଧିକାରୀଙ୍କ ଭୁଲ ନୁହେଁ କି?

+ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ
ବାଣୀବିହାର, ଆସିକା, ଗାମ
ମୋ: ୯୪୩୮୩୨୩୮୨୨

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜଭବନସ୍ଥିତ ଉତ୍କଳ ଗୌରବଙ୍କ ପ୍ରତିମୂର୍ତିରେ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୭.୩୦ ମିନିଟ୍ ସମୟରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମଧୁବାବୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଭାଷାର ସୁରକ୍ଷା ଏବଂ ଓଡ଼ିଶାରେ ଶିକ୍ଷାଠାରୁ ଆରମ୍ଭ କରି ଶିଳ୍ପାୟନ ପର୍ଯ୍ୟନ୍ତ ସମାଗ୍ରିକ ବିକାଶ ପାଇଁ ମଧୁବାବୁ ଯେଉଁ ପ୍ରଦର୍ଶିତ ମାର୍ଗ ଦେଖାଇଥିଲେ, ଆଜି ତାହା ସମସ୍ତେ ସ୍ମରଣ କରି ରାଜ୍ୟର ପ୍ରଗତି ନିମନ୍ତେ ସମ୍ମିଳିତ ପ୍ରୟାସ କରିବାକୁ ମନ୍ତ୍ରୀ ଶ୍ରୀ ଦାସ ଏହ ଅବସରରେ ପ୍ରକାଶ କରିଥିଲେ। କୋଭିଡ଼ ମାର୍ଗଦର୍ଶିକାର ସମ୍ପୂର୍ଣ୍ଣ ଅନୁପାଳନ ସହ ସ୍ୱଳ୍ପ ସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ନିର୍ଦ୍ଦେଶକ ନିରଂଜନ ସେଠୀ, ଯୁଗ୍ମ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ, ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଉତ୍କଳ ସମ୍ମିଳନୀର କର୍ମକର୍ତା ପ୍ରମୁଖ ଉତ୍କଳ ଗୌରବଙ୍କ ପ୍ରତିମୂର୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାତାରାତି କୋଟିପତି ହେବାର ....

୨ କନଷ୍ଟେବଲ ଓ ଜଣେ ହାବିଲଦାର। ନଗଦ ୯୯ ଲକ୍ଷ ୫୦ ହଜାର ଟଙ୍କା। ଭୁବନେଶ୍ୱରର ଏକ ଓୟୋ ହୋଟେଲରେ ବେଟିଂ ଚାଲିଛି କହି ପୋଲିସ ରେଡ କରିବା ପରେ ଏହି ଟଙ୍କା ଜବତ କରିଥିଲା। ହେଲେ କରଞ୍ଜିଆର ଜଣେ ବ୍ୟବସାୟୀଙ୍କୁ ଲୁଟିବା ପାଇଁ କିଛି ପୁଲିସ କର୍ମଚାରୀ ଯେଉଁ ମାଷ୍ଟର ପ୍ଲାନ କରିଥିଲେ, ତାହା ଶୁଣିଲେ ଆପଣଙ୍କ ମୁଣ୍ଡ ଘୁରାଇଦେବ। ଠକାମୀର ଶିକାର ହୋଇଛନ୍ତି କରଞ୍ଜିଆର କମଳ ସାହା ନାମକ ବ୍ୟବସାୟୀ। କୋଟିଏ ଟଙ୍କାକୁ ଦେଢ କୋଟି ଟଙ୍କା କରିଦେବାର ଲୋଭ ଦେଖାଇ ତାଙ୍କୁ ଭୁବନେଶ୍ୱର ଡାକିଥିଲେ ପ୍ରଶାନ୍ତ ପଣ୍ଡା, ପ୍ରଶାନ୍ତ ପାଢୀ ଓ ରାଜ ରାଇ ବାହାଦୂର। ଲୋଭର ବଶବର୍ତୀ ହୋଇ କମଳ ୧ କୋଟି ଟଙ୍କା ନେଇ ଭୁବନେଶ୍ୱର ଆସିଥିଲେ। ୪୦ଟି ପ୍ୟାକେଟରେ କୋଟିଏ ଟଙ୍କା ଥିବା ବେଳେ ପ୍ରତି ପ୍ୟାକେଟରେ ରହିଥିଲା ଅଢେଇ ଲକ୍ଷ ଟଙ୍କା। ଓୟୋ ହୋଟେଲରେ କାରବାର ଚାଲିଥାନ୍ତା, ହେଲେ ଷଡଯନ୍ତ୍ରରେ ସାମିଲ ପୋଲିସ ଅଧିକାରୀ ସେଠାରେ ବେଟିଂ ଚାଲୁଥିବା କହି ରେଡ କରାଇଥିଲେ। ଉଦ୍ଦେଶ୍ୟ ଥିଲା ବ୍ୟବସାୟୀଙ୍କ ଟଙ୍କା ହଡପ କରିବା। ପୋଲିସ ୩୧ଟି ଟଙ୍କା ପ୍ୟାକେଟ ଜବତ କରିଥିବା ବେଳେ ୯ଟି ପ୍ୟାକେଟ୍ ନେଇ ଚମ୍ପଟ ମାରିଥିଲେ ହାବିଲଦାର ଦିଲ୍ଲିପ ମଲ୍ଲିକ ସମେତ ୨ କନେଷ୍ଟବଳ ସନ୍ଦୀପ ପୃଷ୍ଟି, ଓ ପ୍ରଫୁଲ୍ଲ ଭୂୟାଁ।

### ୫ ଦିନ ଯାଏଁ କାଳବୈଶାଖୀ....

କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସହିତ ବିଜୁଳି ଓ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ୩୦ରୁ ମଇ ୧ ତାରିଖ ମଧ୍ୟରେ ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଗଜପତି, ମାଲକାନଗିରି ଓ କୋରାପୁଟ ଆଦି ଜିଲ୍ଲାରେ , ମଇ ୧ରୁ ୨ ତାରିଖ ମଧ୍ୟରେ ରାୟଗଡା , କୋରାପୁଟ , ଗଜପତି , କନ୍ଧମାଳ , ବୌଦ୍ଧ , କେନ୍ଦୁଝର , ମୟୁରଭଂଜ ଓ ବାଲେଶ୍ୱର ଏବଂ ୨ ରୁ ୩ ତାରିଖ ମଧ୍ୟରେ ମାଲକାନଗିରି , କୋରାପୁଟ , ନବରଙ୍ଗପୁର, ଗଜପତି , ଗଂଜାମ , କନ୍ଧମାଳ , କଳାହାଣ୍ଡି , କେନ୍ଦୁଝର, ମୟୁରଭଂଗ ଓ ବାଲେଶ୍ୱର ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ସମ୍ଭାବନା ରହିଛି। ଏହାସହ ୩୦ରୁ ୪୦କିମି ବେଗରେ ପବନ ବହିପାରେ। ଏହି ସବୁ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ତୃତୀୟ ପର୍ଯ୍ୟାୟ ଟିକାକରଣ....

ଅଧିକ ବୟସବର୍ଗଙ୍କ ନିମନ୍ତେ ପଞ୍ଜିକରଣ ଆରମ୍ଭ ହେବ। ମେ ପହିଲାରେ ଆରମ୍ଭ ହେଉଥିବା ଏହି ଟିକାକରଣ ନିମନ୍ତେ କେତେ ଟିକାକରଣ କେନ୍ଦ୍ର ପ୍ରସ୍ତୁତ ରହିଛି ଏବଂ ଟିକା ନେବା ପାଇଁ କେବେ ସୁବିଧା ମିଳିବ ତାହା ରାଜ୍ୟ ସରକାରଙ୍କ କେନ୍ଦ୍ର ଏବଂ ଘରୋଇ କେନ୍ଦ୍ରମାନଙ୍କ ଉପରେ ନିର୍ଭର କରେ। ମେ ୧ ତାରିଖରୁ ୧୮ ବର୍ଷ ଏବଂ ତାହାଠୁ ଅଧିକ ବୟସ୍କ ବୟସବର୍ଗଙ୍କ ନିମନ୍ତେ କେନ୍ଦ୍ର ସରକାର କୋଭିଡ୍-୧୯ ଟିକାକରଣ ଅଭିଯାନ ସମ୍ପ୍ରସାରିତ କରିଛନ୍ତି।

### କୋଭିସିଲ୍ଡ ଟିକାର ଦର କମାଇଲା....

ପାଇଁ ଦର ପୂର୍ବପରି ଅପରିବର୍ତ୍ତିତ ରହିଛି। ଅର୍ଥାତ୍ ଘରୋଇ ହସ୍ପିଟାଲ ମାନେ ଡୋଜ ପିଛା ୬୦୦ ଟଙ୍କାରେ କିଣିବେ। ସୂଚନା ଅନୁଯାୟୀ ୧୯ଟି ରାଜ୍ୟ ଏହି ଟିକା ନେବା ପାଇଁ ମୋଟ୍ ୩୪୦ ମିଲିଅନ ଡୋଜ ଅର୍ଡର କରିଛନ୍ତି। ଆଉ ଘରୋଇ ହସ୍ପିଟାଲ ୧୮ ମିଲିଅନ ଡୋଜ ଅର୍ଡର କରିଥିବା ସୂଚନା ରହିଛି। ସେହିଭଳି ଭାରତ ବାୟୋଟେକ୍ ରାଜ୍ୟ ସରକାର ପାଇଁ ଡୋଜ୍ ପିଛା ୬୦୦ ଟଙ୍କା ଏବଂ ଘରୋଇ ଡାକ୍ତରଖାନାକୁ ଡୋଜ ପିଛା ୧୨୦୦ ଟଙ୍କାରେ ବିକ୍ରି କରିବ ବୋଲି କହିଛି। ଯାହାକି ବହୁତ ଅଧିକ କୋଭିଶିଲ୍ଡ ତୁଳନାରେ। ହେଲେ ଭାରତ ବାୟୋଟେକ ଦାମ କମାଇବ କି ନାହିଁ ସେ ନେଇ କୌଣସି ସୂଚନା ମିଳିପାରିନାହିଁ।

### ଗୋଟିଏ ଦିନରେ ୮୩୮୬ କରୋନା....

ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୮୪୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୪୭ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୦୨ ଜଣ, ବରଗଡ଼ରୁ ୨୫୭ ଜଣ, ଭଦ୍ରକରୁ ୬୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩୫୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୮୩, କଟକରୁ ୪୯୬ ଜଣ, ଦେବଗଡ ଜିଲ୍ଲାରୁ ୬୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୧ ଜଣ, ଗଜପତି ଜିଲ୍ଲାରୁ ୯୬, ଗଞ୍ଜାମରୁ ୨୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୨୯ ଜଣ, ଯାଜପୁରରୁ ୨୭୦ ଜଣ ଚିହ୍ନଟ ହୋଇଛନ୍ତି।

## ବିପଦ ସଂକୁଳ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ ତାର

ଉଦଳା, ୨୮/୦୪(ନି.ପ୍ର): କପ୍ତିପଦା ଉପଖଣ୍ଡ ଖୁଣ୍ଟା ବ୍ଲକ କରକଟିଆ ଗ୍ରାମପଞ୍ଚାୟତ ମାମୁଡ଼ିଆ ସବ୍‌ଷ୍ଟେସନ ସାନସାତଶୋଳ କେନାଲ ପୋଲ ବରଗଛ ଛକ ଠାରୁ ଗୋପିନାଥ ମହାନ୍ତ ଧାନ କଳ ପର୍ଯ୍ୟନ୍ତ ପ୍ରାୟ ୧ କିମି ଲମ୍ବି ଯାଇଛି ଏଲ.ଟି. ଲାଇନ ତାର ଉକ୍ତ ତାର ଏପରି ଅବସ୍ଥାରେ ଝୁଲି ରହିଛି ଯେ ବିପଦକୁ ସବୁବେଳେ ଡ଼ାକି ଆଣୁଛି। ହାତ ପାହାନ୍ତାରେ ତାର ଥିବା ବେଳେ ନିୟମିତ ଉକ୍ତ ରାସ୍ତା ଦେଇ ଶହ ଶହ ଲୋକ ଯାତାୟତ କରୁଛନ୍ତି। କୌଣସି ବିପଦ ଘଟିବା ପୁର୍ବରୁ ଏହାର ମରାମତି କରିବାକୁ ବିଦ୍ୟୁତ ବିଭାଗକୁ ବାରମ୍ବାର ଗୁହାରୀ କରିବା ପରେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।

## ସରକାରୀ କ୍ରିୟାନୁଷ୍ଠାନ କମିଟି ତରଫରୁ ମନୋଜ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୨୮/୦୪ (ନି.ପ୍ର): ପଦ୍ମଶ୍ରୀ ସମ୍ମାନ ସହ ବହୁ ସମ୍ମାନରେ ସମ୍ମାନିତ ବିଶିଷ୍ଟ ଦାର୍ଶନିକ, ସୁସାହିତ୍ୟିକ, ଡ. ମନୋଜ ଦାସଙ୍କ ବିୟୋଗରେ ସରକାରୀ ମେଡିକାଲ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ତରଫରୁ ସଭାପତି ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପସଭାପତି ନିରଞ୍ଜନ ରାଉତ, ସଂପାଦକ ପ୍ରଦୀପ ଦାସଙ୍କ ସମେତ ବନମାଳୀ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ଏକ ଶୋକବାର୍ତ୍ତାରେ ଓଡ଼ିଆମାନଙ୍କ ଗୌରବାନ୍ୱିତ କରିଥିବା ମନୋଜ ଦାସଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଛନ୍ତି।

## ଉଦଳାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ ତମ ଜୟନ୍ତି ପାଳିତ



ଉଦଳା,୨୮/୦୪ (ନି.ପ୍ର): ଉଦଳା ଓକିଲ ସଂଘ ଏବଂ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୪ ତମ ଜୟନ୍ତି , ସ୍ୱାଭିମାନ ତଥା ଆଇନଜୀବି ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି। ଓକିଲ ସଂଘର ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ବସନ୍ତ କୁମାର ପରିଡ଼ା, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମସ୍ତେ ଉଦଳା ସହର ମଧ୍ୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରତିଷ୍ଠା କରାଯାଇଥିବା ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇ ପୁଷ୍ପ, ଧୂପ, ଦୀପ ଅର୍ପଣ ପୁର୍ବକ ପୂଜାର୍ଚ୍ଚନା କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଉଦ୍ୟମକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ସ୍ଥିତ ଫକିର ମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ଼. କୁମାର ଗୋପାଳ, ଉଦଳା ସାମ୍ବାଦିକ ସଂଘର ସମ୍ପାଦକ ଜଗବନ୍ଧୁ ପ୍ରଧାନ, ବ୍ରାହ୍ମଣ ମହାସଭାର କପ୍ତିପଦା ଉପଖଣ୍ଡ ସଭାପତି ସତ୍ୟବ୍ରତ ମିଶ୍ର, ଜନଜାଗୃତି ମଞ୍ଚର ସଦସ୍ୟ ସୁବ୍ରତ କୁମାର ମହାନ୍ତି, ଶିକ୍ଷୟିତ୍ରୀ କଳ୍ପଲତା ଜେନା, ଭଞ୍ଜ ସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ସାମ୍ବାଦିକ ସାଲାଏ ମାର୍ଣ୍ଡି, ଶୁଭାଶିଷ ପତି, ଦିଲ୍ଲିପ ପରିଡ଼ା, ସନ୍ତୋଷ ବାଛିନୀ, ଅନାଦୀ ସାହୁ, ଆଇନଜୀବି ଦେବବ୍ରତ ମିଶ୍ର, ବିରଞ୍ଚି କର, ପ୍ରଭୁପାଦ ପରିଡ଼ା, ନିରାକାର ମହାପାତ୍ର ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କର ସ୍ୱପ୍ନକୁ ସାକାର ରୂପ ଦେବାକୁ ହେଲେ ଆମକୁ ପ୍ରଥମେ ଓଡ଼ିଆ ଅକ୍ଷର ଓ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ବ୍ୟକ୍ତ କରିଥିଲେ। ଶେଷରେ ସମସ୍ତେ ଏକସ୍ୱରରେ ‘ବନ୍ଦେ ଉତ୍କଳ ଜନନୀ...’ ଗାନ କରିବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା।

## କଲେଇ ପଞ୍ଚାୟତରେ କୋଭିଡ୍-୧୯ ସଚେତନତା ରଥର ଶୁଭାରମ୍ଭ




ଭଦ୍ରକ,୨୮/୦୪ (ନି.ପ୍ର): ଦ୍ୱିତୀୟ ପର୍ଯ୍ୟାୟ କରୋନା ମହାମାରୀ ଏବେ ଭୟଙ୍କର ରୂପ ଧାରଣ କରିଛି। ଯାହା ସମଗ୍ର ବିଶ୍ୱ ପାଇଁ ଏକ ସଂକଟମୟ ପରିସ୍ଥିତି ଆଣିଦେଇଥିବାବେଳେ ଆମ ଦେଶବାସୀଙ୍କୁ ଭିତ୍ତରସ୍ତ କରିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନତା ରହିବା ନେଇ ବିଭିନ୍ନ ଭାବେ ସତର୍କତା ମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏହି ପ୍ରସଙ୍ଗରେ ଭଦ୍ରକ ବ୍ଲକ୍ କଲେଇ ପଂଚାୟତରେ ମଧ୍ୟ ଏହି ମହାମାରୀ କବଳରୁ ରକ୍ଷା ପାଇବା ଦିଗରେ ନିଜକୁ ସୁରକ୍ଷିତ ରଖିବା ନେଇ ଏକ ସଚେତନତା ରଥର ଶୁଭ ଉଦ୍‌ଘାଟନ ହୋଇଛି। ସ୍ଥାନୀୟ ସମାଜସେବୀ ମହେଶ୍ୱର ଲେଙ୍କା ଓ କୃଷ୍ଣ ବେହେରାଙ୍କ ମିଳିତ ପ୍ରୟାସରେ ଏହି ସଚେତନତା ରଥ ସମଗ୍ର ପଂଚାୟତ ପରିଭ୍ରମଣ କରିଛି। ବିଶିଷ୍ଟ ଶିକ୍ଷାବିତ୍ ବାବୁଲା ରାଉତ ଏହି ସଚେତନତା ରଥର ଶୁଭ ଉଦ୍‌ଘାଟନ କରି ସମସ୍ତେ କୋଭିଡ୍-୧୯ ର ଦ୍ୱିତୀୟ ଲହରୀରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ଘରେ ସୁସ୍ଥ ରହିବାକୁ ଆହ୍ୱାନ ଦେଇଥିଲେ। ମହେଶ୍ୱର ଲେଙ୍କା ଜଣେ ସାମାନ୍ୟ ଅଟୋ ଚାଳକ ହୋଇ ମଧ୍ୟ ଯେଉଁଳି ନିଜର ଅଟୋଟିକୁ ଲୋକଙ୍କ ସେବାରେ ଲଗାଇଛନ୍ତି, ତାହାକୁ ସ୍ଥାନୀୟ ଅଂଚଳବାସୀ ଭୂୟସୀ ପ୍ରଶଂସା କରିଥିବାବେଳେ ଅନ୍ୟତମ ଯୁବ ସମାଜସେବୀ କୃଷ୍ଣ ବେହେରାଙ୍କ ସହଯୋଗକୁ ମଧ୍ୟ ସାଧୁବାଦ ଜଣାଇଛନ୍ତି।

## ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଶୋକ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଲେଖକ, ପଦ୍ମଭୂଷଣ ଡଃ ମନୋଜ ଦାସଙ୍କ ବିୟୋଗରେ ସିପିଆଇର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରୁଛି। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ ସେ ଥିଲେ ଛାତ୍ର ଜୀବନରେ ଆନ୍ତର୍ଜାତୀୟ ସ୍ତରରେ ଛାତ୍ରସଂଘକୁ ପ୍ରତିନିଧିତ୍ୱ କରିଥିବା ଛାତ୍ରନେତା ଏବଂ ପରବର୍ତୀ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱର୍ଦ୍ଧିତ ସ୍ୱର। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା ଏବଂ ଉତ୍କଳ ଜନନୀ ଜଣେ ବିଶିଷ୍ଟ ଚିନ୍ତାନାୟକ ଓ ମହାନ୍ ସାରସ୍ୱତ ସାଧକଙ୍କୁ ହରାଇଲା। ଓଡ଼ିଶା ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୨୮/୦୪ (ନି.ପ୍ର): ଉତ୍କଳ ସମ୍ମିଳନୀ ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ମଧୁବାବୁଙ୍କ ୧୭୪ତମ ଜୟନ୍ତୀ କୋଭିଡ଼ କଟକଣାରେ ନିରାଡମ୍ବର ଭାବେ ପାଳନ କରାଯାଇଛି। ସମ୍ମିଳନୀର ସମ୍ପାଦକ ଅଜୟ ନାୟକ ଅସୁସ୍ଥ ଥିବାରୁ ସଭାପତି ଝରଣା ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯୁଗ୍ମ ସମ୍ପାଦକ ବାବୁଲାଲ ଦାସ ଅନ୍ୟ ସଦସ୍ୟମାନଙ୍କ ସହିତ ଭଦ୍ରକ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଉପସଭାପତି ଅନାଦି ଦାସଙ୍କ ପୌରୋହିତ୍ୟରେ ମଧୁବାବୁଙ୍କ ସ୍ମୃତି ଚାରଣ କରାଯାଇଥିଲା। ସମ୍ମିଳନୀ ସମ୍ପାଦକ ଅଜୟ ନାୟକ ଗୁରୁତର ପୀଡ଼ିତ ଥାଇ ଅସ୍ତ୍ରୋପଚାର ଜନିତ ହସ୍ପିଟାଲରେ ଚିକିତ୍ସାଧୀନ ଥିବାରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଓଡ଼ିଶା ମାଟିର ଗର୍ବ ଗୌରବ ପଦ୍ମଭୂଷଣ କଥାକାର ମନୋଜ ଦାସଙ୍କ ଦେହାନ୍ତ ଜନିତ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ନିବେଦନ କରାଯାଇଥିଲା।

## ସେ ଥିଲେ ସାହିତ୍ୟ ଜଗତର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା

### ଖଇରାରେ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ଖଇରା,୨୮/୦୪ (ନି.ପ୍ର): ଓଡିଆ ଓ ଇଂଲିସ ସାହିତ୍ୟର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ଯଶସ୍ୱୀ ସାଧକ ତଥା ପୁଡୁଚେରୀ ଅରବିନ୍ଦ ଅନ୍ତର୍ଜାତୀୟ ବିଶ୍ୱ ବିଦ୍ୟାଳୟର ପ୍ରଧ୍ୟାପକ ମନୋଜ ଦାସଙ୍କ ବିୟୋଗରେ ଖଇରା ର ବିଭିନ୍ନ ସଂଗଠନ ତରଫରୁ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ଖଇରା ସାମ୍ବାଦିକ ସଂଘ ତଥା ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଶାଖାର ମିଳିତ ସହଯୋଗରେ ଖଇରା କଲେଜ ଛକରେ ଆୟୋଜିତ ସଭାରେ ଗଙ୍ଗାଧର ରାଉତ ପୌରହିତ୍ୟ କରିଥିଲେ। ଖଇରା କଲେଜର ପ୍ରାଣୀ ବିଜ୍ଞାନ ପ୍ରଧ୍ୟାପକ ପ୍ରବୋଧ କୁମାର ମହାପାତ୍ର ମୁଖ୍ୟବକ୍ତା, ବରିଷ୍ଠ ଖବରଦାତା ଅନାମ ଚରଣ ପଣ୍ଡା ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇ ଦାସଙ୍କର କାଳଜୟୀ ଲେଖା ଆରଣ୍ୟକ, କନକ ଉପତ୍ୟକାର କାହାଣୀ, ଶେଷ ବସନ୍ତର ଚିଠି, ଅବୋଲକରା କାହାଣୀ ଉପରେ ବର୍ଣ୍ଣନା କରିବା ଅବସରରେ ସେ ସାହିତ୍ୟ ଜଗତର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ବୋଲି କହିଥିଲେ। ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳ ବନ୍ଧୁ ପଣ୍ଡା, ସମ୍ପାଦକ ବଳରାମ ଲେଙ୍କା, କୋଷାଧକ୍ଷ ଧନଞ୍ଜୟ ପଣ୍ଡା, ଉପସଭାପତି ତପୋଧନ ବାରିକ, କିଶୋର ବେହେରା, ନିଶିକାନ୍ତ ମହାନ୍ତି, ସଞ୍ଜୟ ବେହେରା, ଆଲୋକ ପଣ୍ଡା, ପଦ୍ମଲୋଚନ ଦାସ,ନରେନ୍ଦ୍ର ପ୍ରସାଦ ବେହେରା, ଛାୟାକାନ୍ତ ମହାନ୍ତି, ରଘୁନାଥ ସାମଲ, ଲୋଚନ ରାଉତ, ହିଂମାଶୁ ଦାସ,ଉମେଶ କୁମାର ଜେନା, ଦୟାନିଧି ମହାପାତ୍ର ତଥା ଶିକ୍ଷାବିତ ଗୌରାଙ୍ଗ ପାଣି,ଚନ୍ଦ୍ରକାନ୍ତ ବେହେରା, ଶଙ୍କର୍ଷଣ ପାଢୀ, ବସନ୍ତ କୁମାର ପାତ୍ର, ବିଦ୍ୟାଧର ରାଉତ, ଅଂଶୁମାନ ପଣ୍ଡା, ଭୁବନାନନ୍ଦ ପରିଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ।

## ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ମନୋଜଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୨୮/୦୪ (ନି.ପ୍ର): ବହୁ କମ୍ ବ୍ୟକ୍ତି ନିଜ ଜୀବନକାଳରେ କିଂବଦନ୍ତୀରେ ରୂପାନ୍ତରିତ ହୋଇଥାନ୍ତି। ସାରସ୍ୱତ ସାଧନାର ଶ୍ରଦ୍ଧାଶୀଳ ଉଚ୍ଚାରଣ ପଦ୍ମଭୂଷଣ ମନୋଜ ଦାସ ସେହି ସଂଖ୍ୟାଲଘୁଙ୍କ ମଧ୍ୟରୁ ଅନ୍ୟତମ। ଆଜି ସେ ଆଲୋକ-ଆନନ୍ଦର ମାର୍ଗରେ ‘ଶେଷ ତାନ୍ତ୍ରିକର ସନ୍ଧାନରେ’ ଅଗ୍ରସର ହୋଇଛନ୍ତି। ୧୯୫୨ ମସିହାରେ ପ୍ରଥମ ଗଳ୍ପ ସଂକଳନ ‘ସମୁଦ୍ରର କ୍ଷୁଧା’ ରୁ ୨୦୧୯ ମସିହାରେ ସଦ୍ୟତମ ପ୍ରକାଶିତ ଉପନ୍ୟାସ ‘ଶେଷ ତାନ୍ତ୍ରିକର ସନ୍ଧନେରେ’, ବାମପନ୍ଥୀ ଆନ୍ଦୋଳନର ପୁରୋଭାଗରୁ ଶ୍ରୀ ଅରବିନ୍ଦ ଆଶ୍ରମରେ ଦୀର୍ଘ ପାଞ୍ଚ ଦଶନ୍ଧି ବ୍ୟାପୀ ସାଧନାରତ ମନୋଜ ଦାସଙ୍କ ଜୀବନକୁ ଆମେ ଆଧ୍ୟାତ୍ମିକ ଉତ୍ତରଣର ପ୍ରତୀକ ଭାବେ ଗ୍ରହଣ କରିପାରିବା। ଏହି ଛ ଦଶନ୍ଧି ମଧ୍ୟରେ ଓଡିଆ ଏବଂ ଇଂରାଜୀ ଭାଷାରେ ସେ ଆମକୁ ଅଜସ୍ର ଗଳ୍ପ, କବିତା, ସ୍ତମ୍ଭ, ଉପନ୍ୟାସ, ଭ୍ରମଣ କାହାଣୀ , ଶିଶୁ ସାହିତ୍ୟ ଆଦି ଅର୍ପଣ କରି ଓଡ଼ିଆ ଭାଷା ସମେତ ଜାତୀୟ ସଂସ୍କୃତିକୁ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଆଣିପାରିଛନ୍ତି। ତାଙ୍କ ଦ୍ୱାରା ବ୍ୟବହୃତ କେତୋଟି ଇଂରାଜୀ ଶବ୍ଦକୁ କନ୍‌ସାଇଜ୍ ଅକ୍ସଫୋର୍ଡ ଡିକ୍ସିନାରୀ ଦୃଷ୍ଟାନ୍ତ ଭାବେ ଗ୍ରହଣ କରିଛନ୍ତି। ସଂପାଦନାକ୍ଷେତ୍ରରେ ତାଙ୍କର ଅବଦାନ ଅତ୍ୟନ୍ତ ସୁସ୍ପଷ୍ଟ। ‘ଦିଗନ୍ତ’ ଏବଂ ‘ହେରିଟେଜ୍’ ନାମ ସ୍ମରଣ କରିବା ମାତ୍ରେ ଏବେ ମଧ୍ୟ ପ୍ରାଣରେ ଶିହରଣ ସୃଷ୍ଟି ହୁଏ। ଏକଦା ତାଙ୍କ ସଂପାଦନାରେ ଇଂରାଜୀ ‘ଚନ୍ଦାମାମା’ର ପ୍ରସାରଣ ଦୁଇ ହଜାରରୁ ଏକ ଲକ୍ଷ ପହଞ୍ଚି ପାରିଥିଲା। ପ୍ରଫେସର ମନୋଜ ଦାସଙ୍କ ମତରେ ସାହିତ୍ୟର ସ୍ରୋତ ଚାରୋଟି ଧାରାରେ ପ୍ରବାହିତ। ପ୍ରେରଣା-ସମ୍ଭୁତ ସାହିତ୍ୟ। ଏହି ପର୍ଯ୍ୟାୟର ସାହିତ୍ୟ, ଜୀବନ ଓ ଜଗତର ଯନ୍ତ୍ରଣାକୁ ଅସ୍ୱୀକାର କରେ ନାହିଁ , ବରଂ ତାହା ଅତିକ୍ରମ କରିଯିବା ସକାଶେ ଯୁଗ ଯୁଗ ପାଇଁ ମାନବସମାଜକୁ ଶକ୍ତି ଏବଂ ସାମର୍ଥ୍ୟ ଯୋଗାଇଥାଏ। ରାମାୟଣ, ମହାଭାରତ, ସାବିତ୍ରୀ ମହାକାବ୍ୟ ଇତ୍ୟାଦି ଏହି ପର୍ଯ୍ୟାୟର। ଦ୍ୱିତୀୟ -ସାମାଜିକ ଅଙ୍ଗୀକାରବଦ୍ଧ ସାହିତ୍ୟ। ଏହା ସମାଜର ଅନ୍ଧକାରାଚ୍ଛନ୍ନ ଦିଗକୁ ସିନ୍ଦୂରା ଫାଟିବାର ମୁହୂର୍ତ୍ତରେ ପରିଣତ କରିଦିଏ। ପଞ୍ଚତନ୍ତ୍ର, ଜାତକ ଗଳ୍ପ, ଟମ କକାଙ୍କ କୁଟୀର, ଲକ୍ଷ୍ମୀ ପୁରାଣ ଆଦି ଏହି ବିଭବର ସର୍ବକାଳୀନ ଶ୍ରେଷ୍ଠ କୃତି। ତୃତୀୟ -ଉତ୍ତେଜନା ପ୍ରବଣ ସାହିତ୍ୟ ଏବଂ ଚତୁର୍ଥ ବିଜ୍ଞାପନ ସାହିତ୍ୟ। ଶେଷ ଦୁଇ ପର୍ଯ୍ୟାୟ ଯଥାର୍ଥ ଭାବେ ସାହିତ୍ୟ ପଦବାଚ୍ୟ ନୁହେଁ। କାରଣ ଜନ୍ମ ନେବାର କିଛି ମୁହୂର୍ତ୍ତ ପରେ ଏଗୁଡିକ ସମୟର ମହାସ୍ରୋତରେ ନିଶ୍ଚିହ୍ନ ହୋଇଯାଆନ୍ତି। କେବଳ କ୍ଷଣିକ ପାଇଁ ହଟଚମଟ ସୃଷ୍ଟି କରିବା ଏହାର ଏକମାତ୍ର ଆଭିମୁଖ୍ୟ। ସାରସ୍ୱତ ସାଧକ ମନୋଜ ବିଶ୍ୱାସ କରନ୍ତି ଦୁଇଟି ଶକ୍ତି ସର୍ବଦା ମଣିଷକୁ ନିୟନ୍ତ୍ରିତ କରିଆସିଛି - ଆଧ୍ୟାତ୍ମିକ ଶକ୍ତି ଓ ଆସୁରିକ ଶକ୍ତି। ମଣିଷ ଯେତେବେଳେ ଦିବ୍ୟ କୃପା ବଳରେ ଆଧ୍ୟାତ୍ମିକ ଶକ୍ତିର ପ୍ରଭାବରେ ଥାଏ, ସେତେବେଳେ ତାର ଚେତନାର ଦିଗ୍‌ବଳୟ ଅତିନ୍ଦ୍ରିୟ ଶୂନ୍ୟଭୂମିକୁ ପ୍ରଲମ୍ବିତ ହୋଇଯାଏ। ସେହି ମୁହୂର୍ତ୍ତରେ ସେ କେବଳ ନିଜର ନୁହେଁ, ସମଗ୍ର ମାନବ ସମାଜର ଅତୀତ, ବର୍ତ୍ତମାନ ସଂପର୍କରେ ଅବଗତ ହୋଇ ଭବିତବ୍ୟର ମାର୍ଗଦର୍ଶନ କରେ। କିନ୍ତୁ ଅନେକ ସମୟରେ ମଣିଷ ଆସୁରିକ ଶକ୍ତିର ପ୍ରଭାବରୁ ମୁକ୍ତ ହୋଇପାରେ ନାହିଁ। ଜୀବନର ପ୍ରତିଟି ଦୋଛକିରେ ସେହି ଶକ୍ତି ତାକୁ ପ୍ରଲୋଭିତ କରେ। ବେଳେବେଳେ ଏହି ଶକ୍ତି ଜଣେ ବ୍ୟକ୍ତି ମାଧ୍ୟମରେ ଗୋଟାଏ ଜାତିକୁ ମଧ୍ୟ ମାଡ଼ିବସେ। ହିଟଲର ହେଉଛନ୍ତି ଏହାର ଦୃଷ୍ଟାନ୍ତ। ପଦ୍ମଭୂଷଣ ମନୋଜ ଦାସଙ୍କ ମହାପ୍ରୟାଣରେ ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଏହି ମତ ବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ହରେକୃଷ୍ଣ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସୁଧାକର ରାଉତ, ଶାନ୍ତନୁ ରାଉତ, ଶ୍ରୀହର୍ଷ ସ୍ୱାଇଁ, ତ୍ରୈଲୋଚନ ବେହୁରିଆ, ଇଂ ମହେଶ ଦାସ, ରାମଚନ୍ଦ୍ର ବେହେରା, ସୀତାକାନ୍ତ ଦାସ, ବାବୁଲାଲ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ।

## ସତର୍କ ନହେବାରୁ ସଂକ୍ରମଣ ବଢୁଛି : ଆରଏମଆରସି ନିର୍ଦ୍ଦେଶିକା

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଭୂତାଣୁର ରୂପରେ ଭିନ୍ନତା କାରଣରୁ କୋଭିଡ୍ ଦ୍ୱିତୀୟ ଲହରି ଅବଧିରେ ସଂକ୍ରମଣର ହାର ବୃଦ୍ଧି ପାଇଛି। ଅଧିକାଂଶ ସମୟରେ ଦେଖାଯାଇଛି ଗୋଟିଏ ମହାମାରୀର ପ୍ରଥମ ଲହର ଅପେକ୍ଷା ୨ୟ ଲହରର ବେଗ ଅଧିକ ଥାଏ। ଲୋକଙ୍କ ସତର୍କତା କମିବା ମଧ୍ୟ ସଂକ୍ରମଣ ବଢିବାର କାରଣ। କିନ୍ତୁ ଆମେ ପୂର୍ବ ଭଳି ସତର୍କ ରହିଲେ ସଂକ୍ରମଣର ଶୃଙ୍ଖଳା ଭାଙ୍ଗିବ। କୋଭିଡ୍ ନିୟମାବଳୀ ପାଳନ କରିବାରେ କୌଣସି ପ୍ରକାର ଉଦାସୀନତା ଅବଲମ୍ବନ କରିବା ଉଚିତ ନୁହେଁ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମଆରସି)ର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି କହିଛନ୍ତି।। ବୁଧବାର ଦିନ କୋଭିଡ୍ ସଂପର୍କରେ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖି ଡ.ପତି କହିଛନ୍ତି ଯଦି କେହି କୋଭିଡ୍ ପଜିଟିଭ୍ ରୋଗୀଙ୍କ ସଂସ୍ପର୍ଶରେ ଆସନ୍ତି ସେ ସେହିଦିନ ନିଜର ପରୀକ୍ଷଣ କରାଇବା ନିହାତି ଜରୁରୀ। ଅନ୍ୟ ପକ୍ଷରେ ଯଦି ତାଙ୍କର ଲକ୍ଷଣ ପ୍ରକାଶ ପାଇ ନଥାଏ ତେବେ ସେ ୩ରୁ ୫ ଦିନ ମଧ୍ୟରେ ପରୀକ୍ଷା କରାଇବା ଦରକାର। କୋଭିଡ୍ ପରୀକ୍ଷଣ ଫଳାଫଳ ନପାଇବା ପର୍ଯ୍ୟନ୍ତ ସଂପୃକ୍ତ ବ୍ୟକ୍ତି ନିଜେ ପୃଥକବାସରେ ରହିବା, ମାସ୍କ ପିନ୍ଧିବା ଓ କୋଭିଡ୍ ନିୟମାବଳୀ ଅନୁପାଳନ କରିବା ଆବଶ୍ୟକ। କୋଭିଡ୍ ଟିକାର ଦୁଇଟି ଯାକ ମାତ୍ରା ଗ୍ରହଣ କରିଥିବା ଲୋକମାନେ ମଧ୍ୟ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ସହିତ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ କରିବା ଜରୁରୀ।

## ସାହିତ୍ୟ ସଂସ୍କୃତି ପକ୍ଷରୁ ମଧୁଜୟନ୍ତୀ ଓ ମନୋଜ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୨୮/୪ (ନିପ୍ର) : ଆଜି ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି ଅବସରରେ ଆର୍ନ୍ତଜାତୀୟ ଖ୍ୟାତିସମ୍ପନ୍ନ କଥାକାର ସାରସ୍ୱତ ସାଧକ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଦିଲ୍ଲୀପ ଗିରିଙ୍କ ପୌରହିତ୍ୱରେ ସଂସଦର ସଂପାଦକ ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, ସୀତାଂଶୁ ସେନାପତି, ଡ. ଅଜିତ୍ କୁମାର ମହାନ୍ତି, ଦୀପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ଗଗନ ପରିଡା ପ୍ରମୁଖ ଯୋଗ ଦେଇ ମନୋଜ ବାବୁ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଦର୍ଶନ ତଥା ଲବ୍ଧ ଅଭିଜ୍ଞତାରୁ ତାଙ୍କ ସାରସ୍ୱତ ସାଧନା ବଳରେ ସମାଜପ୍ରତି ତାଙ୍କର କୃତିରାଜୀ ବାସ୍ତବିକ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ତାଙ୍କୁ ଜ୍ଞାନପୀଠ ପୁରସ୍କାର ଦେବାକୁ ଦାବି କରିଥିଲେ । ସେହିପରି ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ୧୨୨ ତମ ମଧୁଜୟନ୍ତୀ ଓ କଥାକାର ମନୋଜ ଦାସଙ୍କ ମହାପାଳନ ଅବସରରେ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ବ୍ରଜେନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଓଡିଆ ଜାତିର ଅସ୍ମିତା, ଓଡିଆ ଭାଷାଭାଷୀ ଅଂଚଳକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ମଧୁବାବୁଙ୍କର କୃତିରାଜି ସଂପର୍କରେ ବକ୍ତମାନେ କହିଥିବା ବେଳେ ମନୋଜ ବାବୁଙ୍କ ତିରୋଧାନ ଓଡିଆବାସୀଙ୍କ ଅପୂରଣୀୟ କ୍ଷତି ବୋଲି କହିଥିଲେ । ଏଥିରେ ବିପିନ ବିହାରୀ ବିଶ୍ୱାଳ, ସୁକୁମାର ପ୍ରଧାନ, ରହିମ୍ ରଂଜନ ଦେ, କୁମାର ସାହୁ, ରୁଦ୍ରକାନ୍ତ ଘୋଷ, ପାର୍ଥକୁମାର ବାରିକ, ସୁଶାନ୍ତ ଘୋଷ, ସଂଜୟ ପାଳ, ତରୁଣ କୁମାର ସାହୁ ପ୍ରମୁଖ ଦୀନକୃଷ୍ଣଙ୍କ ଜନ୍ମପୀଠରେ ଅଭିଭାଷଣ ରଖିଥିବା ବେଳେ ଜଗଦୀଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରାମାଂଚଳ ବରିଷ୍ଠ ନାଗରିକ ପରିଷଦର ସାପ୍ତାହିକ ମନୋଜ ସାହିତ୍ୟ ପରିକ୍ରମା ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସଂପାଦକ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ସୁଧାଂଶୁ ଶେଖର ପ୍ରଧାନ ଶୋକବକ୍ତ କରିଥିଲେ । ପୁରୁଣା କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର, ସଂପାଦକ ଚିନ୍ମୟ କୁମାର ଦାସ ପ୍ରମୁଖ ମାର୍ଲ୍ୟାର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ।

## ପାତ୍ରପଡ଼ା ଛକରେ ପ୍ରସ୍ତାବିତ ମଦ ଦୋକାନ ବିରୋଧରେ ପ୍ରତିବାଦ ସଭା

ବାଲେଶ୍ୱର, ୨୮/୪(ନି.ପ୍ର): ପାତ୍ରପଡ଼ା ଛକ ଏବଂ ଆଖପାଖ ଅଞ୍ଚଳରେ ମଦଦୋକାନକୁ ଘୋର ବିରୋଧ କରାଯାଇଛି । ଚଳିତ ବର୍ଷ ଜିଲ୍ଲାରେ ଅନେକ ସ୍ଥାନରେ ନୂଆ ମଦଦୋକାନକୁ ଅନୁମତି ଦେବାକୁ ଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପାତ୍ରପଡ଼ା ଛକ ନିକଟରେ ଏକ ବିଦେଶୀ ମଦ ଦୋକାନକୁ ଆରମ୍ଭ କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ଖବର ପାଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏବଂ ଅନେକ ବୁଦ୍ଧିଜୀବୀ ଏକ ପ୍ରତିବାଦ ସଭାରେ ଯୋଗ ଦେଇ ଏହାର ତୀବ୍ର ବିରୋଧ କରିଛନ୍ତି । ସ୍ଥାନୀୟ ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣଠାରେ କବି ତଥା ସମାଜସେବୀ ଅଭୟ ଦାସଙ୍କ ସଭାପତିତ୍ୱରେ ୨୫ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଚିନ୍ମୟ ବିଶ୍ୱାଳ, ରାଜେନ୍ଦ୍ର ରାଉତ, ବିଶ୍ୱନାଥ ରାଉତ, ଶ୍ରଦ୍ଧାଞ୍ଜଳି ରାୟ ଓ ସିଦ୍ଧେଶ୍ୱର ବିନ୍ଧାଣି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପ୍ରସ୍ତାବିତ ମଦଦୋକାନଟି ଇତିହାସ ପ୍ରସିଦ୍ଧ ସୁବର୍ଣ୍ଣଶ୍ୱର ମହାଦେବ ମନ୍ଦିରର ଅତିନିକଟରେ ଆରମ୍ଭ ହେବାକୁ ଥିବାରୁ ଏହା ପ୍ରଶାସନର ଏକ ଅପରିଣାମଦର୍ଶୀ ନିଷ୍ପତ୍ତି ବୋଲି କହିଥିଲେ । ଏହା ଭିନ୍ନ ନିକଟରେ ସୁନହଟ ମ.ଇ ସ୍କୁଲ, ଭୁଜାଖିଆ ପୀର ମସଜିଦ ଓ ବଳାଙ୍ଗୀ ମହାବିଦ୍ୟାଳୟ, ପାତ୍ରପଡ଼ା ପ୍ରାଥମିକ ବିଦ୍ୟାଳୟ ରହିଥିବା ଯୋଗୁ ଏବଂ ଅତୀତରେ ଦଙ୍ଗା ଭଳି ଘଟଣା ଏହି ଅଞ୍ଚଳରେ ଘଟିଥିବା ଯୋଗୁଁ ଏଭଳି ସମ୍ବେଦନଶୀଳ ଅଞ୍ଚଳରେ ମଦଦୋକାନକୁ ଅନୁମତି ଦେଇ ସରକାର ଓ ଜିଲ୍ଲା ପ୍ରଶାସନ ଏକ ମସ୍ତବଡ଼ ଭୁଲ ନିଷ୍ପତ୍ତି ନେଇଛନ୍ତି ବୋଲି ବକ୍ତାମାନେ ବିରୋଧ ପ୍ରକାଶ କରିଥିଲେ । ତେବେ ପ୍ରଶାସନ ତାଙ୍କର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିନେବା ଲାଗି ଏହି ପ୍ରତିବାଦ ସଭାରେ ଯୋଗ ଦେଇଥିବା ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ମହିଳା, ସ୍ଥାନୀୟ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ତଥା ଅନେକ ଯୁବକ ଗଣମାଧ୍ୟମ ନିକଟରେ ସେମାନଙ୍କର ଦୃଢ଼ ଦାବୀ ଜଣାଇଛନ୍ତି । ନଚେତ୍ ଆଗାମୀ ଦିନରେ ଏହା ବିରୋଧରେ ଏକ ବଡ଼ଧରଣର ଆନ୍ଦୋଳନକୁ ପ୍ରଶାସନକୁ ସାମ୍ନା କରିବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସଭା ଶେଷରେ ନଳିନୀ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିବାଦ ସଭାରେ ଭୁଜାଖିଆ ପୀର ଶାନ୍ତି କମିଟିର ସଭାପତି, ସେକ୍ ରଫିକ୍, ନନ୍‌ଷ୍ଟପ୍ କ୍ଲବର ସମସ୍ତ ସଦସ୍ୟ ଓ ସୁନହଟ, ବଡ଼ଖୁଆ ଓ ପାତ୍ରପଡ଼ା ଅଞ୍ଚଳର ବହୁ ଲୋକ ଯୋଗ ଦେଇଥିଲେ ।

## ସବ୍‌ଜେଲ ପରିସରରେ ରକ୍ତଦାନ ଶିବିର ଓ ପାଠାଗାର ପ୍ରତିଷ୍ଠା

ଜଳେଶ୍ୱର, ୨୮/୪ (ନିପ୍ର) : ବାଲେଶ୍ୱର ଜିଲାର ଉତ୍ତର ସୀମାନ୍ତ ଜଳେଶ୍ୱର ମ୍ୟୁନିସିପାଲଟିରେ ଥିବା ସବ୍‌ଜେଲ ମଧ୍ୟରେ ପରିବର୍ତ୍ତନର ସ୍ରୋତ ଆରମ୍ଭ ହୋଇଛି । ବିଭିନ୍ନ ସମୟରେ ବହୁ ସାମାଜିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସେଠାରେ ବିଭିନ୍ନ ମନୋରଂଜନ କାର୍ଯ୍ୟକ୍ରମ, ଆଧ୍ୟାତ୍ମିକ ପ୍ରବଚନ, ସଂଗୀତ ବିଚିତ୍ରା ଇତ୍ୟାଦି ଅନୁଷ୍ଠିତ ହୋଇ ଆସୁଛି । ଅନ୍ତେବାସୀମାନେ ମାନସିକ ଚାପରେ ନ ରହି ମାନସିକ ପରିବର୍ତ୍ତନ ଓ ସୁଧାର ଲାଗି ଜେଲ କର୍ତ୍ତୃପକ୍ଷ ଚେଷ୍ଟା ଅବ୍ୟାହତ ରଖିଛନ୍ତି । ଆଜି ବୁଧବାର ଜେଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚକ୍ରବର୍ତ୍ତୀ ପାଠାଗାର ପ୍ରତିଷ୍ଠା ହୋଇଯାଇଛି । ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ବିଚାରାଧିନ କଏଦି ମାନଙ୍କ ଠାରୁ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଜେଲ ମଧ୍ୟରେ ଥିବା ବିଚାରାଧିନ କଏଦି ମାନଙ୍କ ପାଠପଢା ଲାଗି ଏକ ଦାତବ୍ୟ ପାଠାଗାର ଓ ରକ୍ତଦାନ ଶିବିରକୁ ଆଇଆଇସି ମାନସ କୁମାର ଦେଓ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମାଜସେବୀ କମଳ ଚକ୍ରବର୍ତ୍ତୀଙ୍କ ପକ୍ଷରୁ ଏହି ପାଠଗାର ଲାଗି ୪୦୦ରୁ ଉର୍ଦ୍ଧ୍ୱ ବହି, ଚେୟାର, ଟେବୁଲ, ରେକ୍ ଇତ୍ୟାଦି ଯୋଗାଇ ଦିଆଯାଇଛି । ସବ୍‌ଜେଲର ଅନୁସୂୟା ଷଡଙ୍ଗୀ ଏହି ଜେଲକୁ ଏମ ମଡେଲ ଜେଲରେ ପରିଣତ କରିବାଲାଗି ଆପ୍ରାଣ ଚେଷ୍ଟା ଅବ୍ୟାହତ ରଖିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ମହେଶ ବିଶ୍ୱାଳ ଯଗେଶ୍ୱର ଦାସ, ଲକ୍ଷ୍ମୀଧର ବାରିକ, ସବ୍‌ନମ ମହାପାତ୍ର, ମନୋରଂଜନ ଦାସ, ସତ୍ୟନାରାୟଣ ବେହେରା, ସଂଜୟ ମହାନ୍ତି, ଆଶିଷ ଗିରି ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତର ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏହି ଜେଲକୁ ସ୍ୱେଚ୍ଛାରେ ଆବଶ୍ୟକୀୟ ଜିନିଷ ଯୋଗାଇ ଦେବାକୁ ଆହ୍ୱାନ କରିଥିଲେ ।

## ମୋନା ପକ୍ଷରୁ ମନୋଜ ଦାସଙ୍କ ବିୟୋଗରେ ଶୋକବାର୍ତ୍ତା

ବାଲେଶ୍ୱର,୨୮/୦୪ (ନି.ପ୍ର): ବାଲେଶ୍ୱର ମାଟିର ଜଣେ ସୁଯୋଗ୍ୟ ସନ୍ତାନ, ବିଶ୍ୱପ୍ରସିଦ୍ଧ ସାହିତ୍ୟିକ ମନୋଜ ଦାସଙ୍କ ବିୟୋଗରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତରଫରୁ ସଭାପତି ପ୍ରଭାକର ସାହୁ, ଉପସଭାପତି ଡ. କ୍ଷିତିଶ୍ୱର ଦାସ, ସଂପାଦିକା ମମତା ମହାପାତ୍ର, ଗୀତାଞ୍ଜଳି ସିଂହ ଓ ଗୟାଧର କର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## କଂଗ୍ରେସ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବୁଧବାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତୃବୃନ୍ଦ ରାଜଭବନ ଛକ ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଲିଙ୍ଗରାଜ ସାହୁ, ଜ୍ୟୋତିଷ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ଖଗେଶ୍ୱର ମଲ୍ଲିକ ପ୍ରମୁଖ ବହୁ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ।

## ନିୟମ ନମାନିଲେ କଡା ପଦକ୍ଷେପ ନେବାକୁ ବାଧ୍ୟ ହେବୁ : ବିଏମସି କମିଶନର

ଭୁବନେଶ୍ୱର,୨୮/୦୪ (ନି.ପ୍ର): ସଂକ୍ରମଣ ବଢୁଛି କିନ୍ତୁ ଲୋକେ ସଚେତନ ହେଉନାହାନ୍ତି । ଯଦି ନିୟମ ନମାନିବେ ତାହେଲେ କଡା ପଦକ୍ଷେପ ନିଆଯିବ । କଂଟେନମେଂଟ ଜୋନ୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମଚନ୍ଦ୍ର ଚୌଧୁରୀ । ସେ କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ବଢି ଚାଲିଛି । ଲୋକେ ସଚେତନ ହେଉନାହାନ୍ତି କି ନିୟମ ମାନୁ ନାହାନ୍ତି । ଲୋକଙ୍କୁ ସହଯୋଗ କରିବାକୁ ପଡ଼ିବ । ନିୟମ ମାନିବାକୁ ପଡିବ । ନହେଲେ ଆମେ କଡା ପଦକ୍ଷେପ ନେବାକୁ ବାଧ ହେବୁ । କଂଟେନମେଂଟ୍ ଜୋନ୍ କରିବା ପାଇଁ ଚେଷ୍ଟା ଆରମ୍ଭ କରିଦେଇଛୁ । ଆମ ପାଖେ ଏବେ ୩୦୦୦ ବେଡ୍ ଅଛି । ଆଗାମୀ ୧୦ ଦିନ ମଧରେ ଆଉ ୩୦୦୦ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତମାନ ୩୦୦୦ ବେଡ଼ରୁ ୫୦ ପ୍ରତିଶତ ଫୁଲ୍ ଅଛି, ଆଉ ୫୦ ପ୍ରତିଶତ ବେଡ୍ ଖାଲି ଅଛି । ୮୫ ପ୍ରତିଶତରୁ ଅଧିକ ଲୋକ ଘରୋଇ ସଂଗରୋଧରେ ଅଛନ୍ତି । ଏବେ ସ୍ଥିତି ନିୟନ୍ତ୍ରଣରେ ଅଛି । ଆମେ ଖରାପ ସ୍ଥିତି ପାଇଁ ପ୍ରସ୍ତୁତ ହେଉଛୁ ବୋଲି ବିଏମସି କମିଶନର କହିଛନ୍ତି ।

## ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ୧୭୪ ତମ ଜୟନ୍ତୀ ପାଳନ



ବାଲେଶ୍ୱର,୨୮/୦୪ (ନି.ପ୍ର): ଓଡ଼ିଶା ଅସ୍ମିତାର ମୁକ୍ତ ବିନ୍ଧାଣି ତଥା ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ ତମ ଜୟନ୍ତୀ ମଧୁସୂଦନ ସାଂସ୍କୃତିକ ପରିଷଦ ତରଫରୁ ପାଳିତ ହୋଇ ଯାଇଛି । ଏହି ଅବସରରେ ବାଲେଶ୍ୱର କଚେରୀ ହତା ମଧରେ ଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ତଥା ମଧୁବାବୁଙ୍କୁ ଭଲ ପାଉଥିବା ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ମୃତ୍ୟୁତୁଲ୍ୟ ପଡ଼ିରହିଥିବା ଆତ୍ମା ପ୍ରତ୍ୟୟହୀନ ଓ ଇତିହାସ ବିସ୍ମୃତ ଓଡ଼ିଆ ଜାତିକୁ ନବଜାଗରଣ ମନ୍ତ୍ରରେ ଦୀକ୍ଷିତ କରାଇ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇବାରେ ତାଙ୍କର ମହାନ ଅବଦାନ ବିଷୟରେ ଅନୁଷ୍ଠାନର ସଂପାଦକ ତଥା ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ପୁରୁଷୋତ୍ତମ ବିଶ୍ୱାଳ ଆଲୋକପାତ କରିଥିଲେ । ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି ମଧୁବାବୁଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକଲେ ନିଶ୍ଚିତ ଭାବରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଗଣିତ ହେବାରେ ତିଳେମାତ୍ର ଦ୍ୱିଧା ନାହିଁ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟମାନଙ୍କ ମଧରେ କାର୍ଯ୍ୟକର୍ତ୍ତା ଡ. ହରିଶ୍ଚନ୍ଦ୍ର ବେହେରା, ତୁଷାର କାନ୍ତି ମହାପାତ୍ର, ପର୍ଶୁରାମ ପ୍ରଧାନ, ଶୁଭେନ୍ଦୁ କୁମାର ପଟ୍ଟନାୟକ, ପ୍ରଜ୍ଞାପାରମିତା ବିଶ୍ୱାଳ, ସମରେନ୍ଦ୍ର ନାଥ ଦାସ, ଭାବଗ୍ରାହୀ ପାଣିଗ୍ରାହୀ, ସତ୍ୟପ୍ରିୟ ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା ପ୍ରମୁଖ ତାଙ୍କ ବକ୍ତବ୍ୟରେ ମଧୁବାବୁଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ସମ୍ପର୍କରେ ନିଜସ୍ୱ ଦୃଷ୍ଟି ଭଙ୍ଗୀ ପ୍ରଦାନ କରିଥିଲେ । ମଧୁବାବୁ ଥିଲେ ଓଡ଼ିଶାର ଆଲୋକ ବର୍ତ୍ତିକା ତଥା ଓଡ଼ିଆ ଜାତିର ପଥପ୍ରଦର୍ଶକ ଓ ନୂଆ ଓଡ଼ିଶାର ପ୍ରାଣପ୍ରତିଷ୍ଠାତା । ମହାଭାରତୀୟ ଆକାଂକ୍ଷା ଓ ଅଭୀପ୍ସା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭିତ୍ତି ଭୂମି ପ୍ରତିଷ୍ଠା କରାଇବାରେ ଅଗ୍ରଣୀ ଓ ଚିରସ୍ମରଣୀୟ । ଉତ୍କଳ ଗୌରବ, କୂଳବୃଦ୍ଧ, ଦେଶପ୍ରାଣ ମହାନ ଯୁଗପୁରୁଷଙ୍କୁ କଚେରୀ ହତା ମଧରେ ଉପସ୍ଥିତ ଅନ୍ୟ ପ୍ରମୁଖ ମାନଙ୍କ ମଧରେ ବାଲେଶ୍ୱର ବାର ସଂପାଦକ ସଚ୍ଚିତ ନନ୍ଦୀ, ଦୀପକ କୁମାର ଦାଶ, ଶୁଧାଂଶୁ ପାଣିଗ୍ରାହୀ, ଚକ୍ରଧର ମହାନ୍ତି, ଜିତେନ୍ଦ୍ର ରାଉତ, ଭରତ ଲେଙ୍କା, ଡ. ନିଶା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟପର୍ଣ କରିବା ସହିତ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ଶେଷରେ ସମେନ୍ଦ୍ରନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ମନୋଜ ଦାସଙ୍କ ପରିବାର ସହ କଥା ହୋଇ ସମବେଦନା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ , ଔପନ୍ୟାସିକ ସ୍ୱର୍ଗତ ମନୋଜ ଦାସଙ୍କ ସମ୍ପର୍କୀୟଙ୍କ ସହ ବୁଧବାର ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା ହୋଇ ସମବେଦନା ଜଣାଇଛନ୍ତି । ଅପରପକ୍ଷରେ ପୁଡୁଚେରୀଠାରେ ସ୍ୱର୍ଗତ ଦାସଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ପାଇଁ ମୁଖ୍ୟମନ୍ତ୍ରୀ ପୁଡୁଚେରୀ ସରକାରଙ୍କୁ ଅନୁରୋଧ କରିଥିଲେ ।

## କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ବାଲେଶ୍ୱର,୨୮/୦୪ (ନି.ପ୍ର): ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପୀନାଥ ପୁର ପଞ୍ଚାୟତ ଅଫିସ ନିକଟରେ ୩୫ ଲକ୍ଷ ଟଙ୍କାରେ ନିର୍ମିତ ଏକ କଲ୍ୟାଣ ମଣ୍ଡପକୁ ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଲୋକାର୍ପଣ କରିଛନ୍ତି । ଏହି କଲ୍ୟାଣ ମଣ୍ଡପ ଦ୍ୱାରା ଅଂଚଳବାସୀଙ୍କ ବିବାହ, ବ୍ରତ ଇତ୍ୟାଦି ମାଙ୍ଗଳିକ କାର୍ଯ୍ୟ ଶୁରୁଖୁରୁରେ ହୋଇ ପାରିବ ବୋଲି ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର କହିଥିଲେ । ଏପରି କାର୍ଯ୍ୟ ପାଇଁ ଉକ୍ତ ପଞ୍ଚାୟତ ବାସୀ କେନ୍ଦ୍ର ମନ୍ତ୍ରୀଙ୍କୁ ସାଧୁବାଦ ଜଣାଇବା ସହିତ ସମସ୍ତଙ୍କ ମନରେ ଉଲ୍ଲାସ ଦେଖା ଦେଇଛି । ସାମ୍ପ୍ରତିକ କୋଭିଡ୍ ପରିସ୍ଥିତି ପାଇଁ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସିମିତ ଆକାରରେ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗୋପୀନାଥ ପୁର ପଞ୍ଚାୟତର ସରପଞ୍ଚ ସତ୍ୟଭାମା ରାଉତ ପରିଚ୍ଛଳନା କରଇଥିଲେ । ଏଥିରେ ସମିତି ସଭ୍ୟା ଝୁନୁରାଣୀ ଦାସ ଓ ନାଏବ ସରପଞ୍ଚ ପ୍ରଦୀପ ବାସକେ ସହଯୋଗ କରିଥିଲେ ।

## ଉତ୍କଳଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର, ସ୍ୱାଭିମାନୀ ପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମଧୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କୋଭିଡ୍ କଟକଣା ଭିତରେ ପାଳିତ ହୋଇଥିବା ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଗ ଦାନ କରି ମଧୁବାବୁଙ୍କ ସ୍ମୃତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ସ୍ଥଳେ ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏସ୍‌ଏନ୍ ମହାନ୍ତି କମ୍ପାନୀ ତରଫରୁ ୧ କୋଟି ଟଙ୍କା ଦାନ

ଭୁବନେଶ୍ୱର,୨୮/୦୪ (ନି.ପ୍ର): ରାଜ୍ୟର କୋଭିଡ୍ ଲଢ଼େଇରେ ନିଜର ଯୋଗଦାନ ସ୍ୱରୂପ ଏସ.ଏନ. ମହାନ୍ତି ମାଇନିଂ ଏବଂ ଷ୍ଟିଲ୍ କମ୍ପାନୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କରିଛନ୍ତି । ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଲୋକସେବା ଭବନଠାରେ କମ୍ପାନୀର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତିଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ ସମୟରେ ଅଧ୍ୟକ୍ଷ ଶ୍ରୀ ମହାନ୍ତି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦର୍ଶୀ କୋଭିଡ୍ ପରିଚାଳନା ଯୋଗୁ ଓଡ଼ିଶାରେ କୋଭିଡ଼ ମହାମାରୀ ସ୍ଥିତି ନିୟନ୍ତ୍ରଣାଧିନ ରହିଛି । କୋଭିଡ୍ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅନେକ ରାଜ୍ୟଠାରୁ ଭଲ ସ୍ଥିତିରେ ଅଛି । ଏତାଦୃଶ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କମ୍ପାନୀ କର୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ନିଜ ଶିଳ୍ପାନୁଷ୍ଠାନ ତଥା ବ୍ୟକ୍ତିଗତ ସ୍ତରରେ କରୋନା ନିୟମ ଅନୁପାଳନ ଓ ସଚେତନତା କାର୍ଯ୍ୟ ଚଳାଇ ରଖିଥିବା ଅନୁରୋଧ କରିଥିଲେ ।

## ଦୁର୍ବୃର୍ତ୍ତଙ୍କ ଛୁରା ମାଡରେ ଜଳେଶ୍ୱର କୋର୍ଟର ମହୁର ଗୁରୁତର : ବାଲେଶ୍ୱର ସ୍ଥାନାନ୍ତର



ଜଳେଶ୍ୱର, ୨୮/୪ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ କେଶପୁରା ସାପ୍ତାହିକ ହାଟରେ ଜନୈକ ଦୁବୃତ୍ତିଙ୍କ ଛୁରାମାଡରେ ଜଳେଶ୍ୱର କୋର୍ଟରେ କାର୍ଯ୍ୟରତ ମହୁର ଗୁରୁତର ହୋଇଛନ୍ତି । ଘଟଣାରୁ ପ୍ରକାଶ ମହୁର ସେହି ହାଟକୁ ପରିବା କିଣିବାପାଇଁ ଆସିଥିବା ବେଳେ କେଶପୁରା ଗ୍ରାମର ସନ୍ୟାସୀ ଜେନା(୨୮) ପଛପଟୁ ତାଙ୍କୁ ଭୂଜାଲିରେ ଆଘାତ କରିଥିଲା । ମହୁର ଅଜୟ କୁମାର ଦେ ନିଜକୁ ବଂଚାଇବା ଲାଗି ଦୌଡୁଥିବା ବେଳେ ସନ୍ୟାସୀ ତାଙ୍କୁ ପଛପଟୁ ଆକ୍ରମଣ ଜାରି ରଖିଥିଲା । ହାଟ ଭିତରେ ଏପରି ଉନ୍ମୋକ୍ତ କାଣ୍ଡ ଘଟୁଥିଲେ ମଧ୍ୟ ତା ସାମ୍ନାକୁ କେହି ଆସିବାକୁ ସାହସ କରୁନଥିଲେ । ପରବର୍ତ୍ତୀ ସମୟରେ କିଛି ଲୋକ ସନ୍ୟାସୀକୁ ଆୟତ୍ତ କରିଥିବା ବେଳେ ତା ନିକଟରୁ ଭୂଜାଲି ଜବତ୍ କରି ଜଳେଶ୍ୱର ଥାନାକୁ ଖବର ଦେଇଥିଲେ । ମୁମୂର୍ଷୁ ଅଜୟକୁ ପ୍ରଥମେ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଜଳେଶ୍ୱର ପୁଲିସ୍ ସନ୍ୟାସୀକୁ ଅଟକ ରଖିବା ସହ ଭୁଜାଲି ଜବତ୍ କରିଛି ।

## ଜଳେଶ୍ୱରରେ ନୂତନ ଆଇଆଇସିଙ୍କ ଯୋଗଦାନ



ଜଳେଶ୍ୱର, ୨୮/୪ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଥାନାରେ ଆଇଆଇସି ମାନସ କୁମାର ଦେଓଙ୍କ ପଦୋନ୍ନତି ପରେ ଆଜି ବୁଧବାର ପୂର୍ବାହ୍ନରେ ନୂତନ ଆଇଆଇସି ରୂପେ ପରେଶ ଚନ୍ଦ୍ର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ ସାହୁ ବାଲେଶ୍ୱର ଜିଲାର ସିମୁଳିଆ ଥାନାରେ ଆଇଆଇସି ରୂପେ କାର୍ଯ୍ୟ କରୁଥିଲେ । ଶ୍ରୀ ସାହୁ ୧୯୯୮ ମସିହରେ ପୁଲିସ୍ ବିଭାଗରେ ଯୋଗଦାନ କଲାପରେ ୨୦୦୯ ମସିହାରେ ବାଲିଆପାଳ ଥାନାରେ ପଦୋନ୍ନତି ହୋଇଥିଲା । ଆଜି ଶ୍ରୀ ଦେଓ ତାଙ୍କୁ ଥାନାରେ ସ୍ୱାଗତ କଲାବେଳେ ଏଏସ୍‌ଆଇ ନରେନ୍ଦ୍ର ସେଠୀ, ସତ୍ୟନାରାୟଣ ବଳ, ନଗରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ଯୋଗଦାନ ଜଳେଶ୍ୱରର ଆଇନ୍ ଶୃଙ୍ଖଳାକୁ ପ୍ରଭାବିକ କରିବ ବୋଲି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ।

## ଭଦ୍ରକରୁ ୬୭ କରୋନା ପଜିଟିଭ୍ ଚିହ୍ନଟ

ଭଦ୍ରକ,୨୮/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ୬୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଆମ୍‌ରି ହସ୍‌ପିଟାଲରେ ୩ଜଣ, ଆପୋଲୋ ହସ୍‌ପିଟାଲରେ ୨ଜଣ ଚିହ୍ନଟ ହୋଇଛନ୍ତି । ଅନ୍ୟମାନେ ବାସୁଦେବପୁର ବ୍ଲକର ବିନାୟକପୁର ଗ୍ରାମରୁ ୨ଜଣ, ସୁଦର୍ଶନପୁର ଗ୍ରାମରୁ ଜଣେ, ବାସୁଦେବପୁର ପୌରପାଳିକାର ୧୧ ନଂ ୱାର୍ଡରୁ ଜଣେ, ୮ନଂ ୱାର୍ଡରୁ ଜଣେ, ଭଦ୍ରକ ବ୍ଲକର ସୁଶା ଗ୍ରାମରୁ ଜଣେ, ବେନ୍ତାଳ ଗ୍ରାମରୁ ଜଣେ, ଶ୍ରୀରାମପୁର ଗ୍ରାମରୁ ଜଣେ, ଚୁନିଦାରୁ ଜଣେ, ଏରେଇଁରୁ ଜଣେ, ଜଳଙ୍ଗାରୁ ଜଣେ, ରାନ୍ଦିଆରୁ ଜଣେ, ଭଦ୍ରକ ପୌରପାଳିକାର ୯ ନଂ ୱାର୍ଡ ଚାରିଘରିଆରୁ ଜଣେ, ୬ନଂ ୱାର୍ଡ ଡାହାଣିଗଡ଼ିଆରୁ ଜଣେ, ଚରମ୍ପାରୁ ଜଣେ, ହାଉସିଂବୋର୍ଡ କଲୋନୀରୁ ଜଣେ, ୧୧ନଂ ୱାର୍ଡ ଜଗନ୍ନାଥପୁରରୁ ଜଣେ, ୧୨ନଂ ୱାର୍ଡ ବଙ୍କସାହିରୁ ଜଣେ, ୧୭ ନଂ ୱାର୍ଡ କୁଆଁସ ଗ୍ରାମରୁ ଜଣେ, ୨୯ନଂ ୱାର୍ଡ ଗରଦପୁରରୁ ୨ଜଣ, ୫ ନଂ ୱାର୍ଡ ଚରମ୍ପାରୁ ଜଣେ, ୭ ନଂ ୱାର୍ଡ କଲ୍ୟାଣୀ ରେସିଡେନ୍‌ସିରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ବନ୍ତ ବ୍ଲକ ଅଣିଜୋରୁ ଜଣେ, ଆପ୍ତୀରାରୁ ଜଣେ, ଟିକିରାରୁ ୨ଜଣ, ବ୍ରହ୍ମପୁରରୁ ଜଣେ, ଶ୍ରୀରାମପୁରରୁ ୨ଜଣ, ପୁରୁଷଣ୍ଡ ଗ୍ରାମରୁ ଜଣେ, ବାଙ୍କତୀରା ଗ୍ରାମରୁ ଜଣେ, ରାମକୃଷ୍ଣପୁର ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକ ଭୁଇଁବୃତ୍ତି ଗ୍ରାମରୁ ଜଣେ, ଗୋବିନ୍ଦପୁର ଗ୍ରାମରୁ ଜଣେ, ଚଡଦିଆ ଗ୍ରାମରୁ ୨ଜଣ, ଧାମରାରୁ ଜଣେ, ନିଶ୍ଚିନ୍ତା ଗ୍ରାମରୁ ଜଣେ, ଚଷାଖଣ୍ଡ ଗ୍ରାମରୁ ଜଣେ, ହରିପୁର ଗ୍ରାମରୁ ୨ଜଣ, ନୂଆଗାଁରୁ ଜଣେ, ଚାନ୍ଦବାଲି ଏନ୍‌ଏସି ୮ନଂ ୱାର୍ଡରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ଗ୍ରାମରୁ ଜଣେ, ଝୁଟଣା ଗ୍ରାମରୁ ଜଣେ, ଧାମନଗର ବ୍ଲକ ପୁଟେଇପୁରରୁ ଜଣେ, ପଳିକିରିରୁ ଜଣେ, ଜାହାଙ୍ଗୀରରୁ ଜଣେ, ଅସ୍ତକରୁ ଜଣେ, କଲ୍ୟାଣୀରୁ ଜଣେ, ରାମରାକୁଳ ଗ୍ରାମରୁ ୨ଜଣ, ରାଧାବଲ୍ଲଭପୁର ଗ୍ରାମରୁ ୨ଜଣ ଚିହ୍ନଟ ହୋଇଛନ୍ତି । ଧାମନଗର ଏନ୍‌ଏସି ୮ ନଂ ୱାର୍ଡରୁ ଜଣେ, ତିହିଡ଼ି ବ୍ଲକ ବାରୋ ଗ୍ରାମରୁ ଜଣେ, ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ଖଇରାରୁ ଜଣେ, ସିମୁଳିଆରୁ ଜଣେ, କେନ୍ଦୁଝର ଜିଲ୍ଲା ହାଟଡିହିରୁ ଜଣେ ଚିହ୍ନଟ ହୋଇଛନ୍ତି । ଏହି ନୂତନ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୮୬୧୨ ଓ ସୁସ୍ଥ ଅଛନ୍ତି ୭୮୯୦ । ସକ୍ରିୟ ଆକ୍ରାନ୍ତ ରହିଛନ୍ତି ୬୯୪ଜଣ ।

## ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବଙ୍କ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ଧାମନଗର,୨୮/୦୪ (ନି.ପ୍ର): ଧାମନଗର ଓକିଲସଂଘ ପକ୍ଷରୁ କୋର୍ଟ ସମ୍ମୁଖରେ ଥିବା ଓଡ଼ିଆ ଜାତିର ଚିରନମସ୍ୟ, ପରମ ସ୍ୱାଭମାନୀ, ଆଧୁନିକ ଓଡ଼ିଶାର ନିର୍ମାତା, ବିଶିଷ୍ଟ ଓକିଲ, ମହାନ ସମାଜ ସୁଧାରକଙ୍କ, ଓଡ଼ିଆ ଜାତିର ଭଗୀରଥ, ଉତ୍କଳର ବରପୁତ୍ର, ଉତ୍କଳଗୌରବ କୁଳବୃଦ୍ଧ ମଧୁସୁଦନ ଦାସଙ୍କ ୧୭୪ତମ ଜନ୍ମଦିନରେ ଧାମନଗର ଓକିଲ ସଂଘପକ୍ଷରୁ ଗଭୀର ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କୋଭିଡ଼-୧୯ କଟକଣାକୁ ପାଳନ ପୂର୍ବକ ନିରାଡ଼ମ୍ବରଭାବେ ଅନୁଷ୍ଠିତ ମଧୁଜୟନ୍ତୀ ବା ଆଇନ ଦିବସରେ ଧାମନଗର କୋର୍ଟ ପରିସରରେ ଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ଓକିଲସଂଘ ଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଂଘର ସଭାପତି ଅଭିରାମ ମହାନ୍ତି, ସାଧାରଣ ସମ୍ପାଦକ ଅମରେନ୍ଦ୍ରନାଥ ମହାନ୍ତି, ପ୍ରଜ୍ଞାପରମିତା ଦାଶ, ବିଷ୍ଣୁମୋହନ ପତି, ସ୍ନେହାଶିଷ ପଣ୍ଡା, ବିଜୟକୁମାର ରାମ, ମନୋଜ ଗୁପ୍ତା, ଅଞ୍ଜନ ସାହୁ, ମିନତୀ ମଲ୍ଲିକ, ନିରଞ୍ଜନ ଦାଶ, ଜୟନୁଲ ଆବେଦିନ୍, ରାମଚନ୍ଦ୍ର ରାଉତ, ଆଶିଷ ନନ୍ଦ, ଅଜିତ ଦାସ, ରଣଜିତ୍ ମହାନ୍ତି, ଲକ୍ଷ୍ମୀନାରାୟଣ ମହାପାତ୍ର, ଦିଲ୍ଲିପ ନାୟକ, ଗୋପାଳ ବାରିକ, ବ୍ରହ୍ମାନନ୍ଦ ଯେନା, କିଶୋର ପଣ୍ଡା, ସୁବ୍ରତ ନନ୍ଦ, ଗୌତମ ଯେନା, ଉମାକାନ୍ତ ପଣ୍ଡା, ମାନସ ମହାପାତ୍ର, ସନ୍ତୋଷ ତ୍ରିପାଠୀ, ଦେବକୀ ନନ୍ଦନ ମହାପାତ୍ର ଓ ମନୋଜ ମହାନ୍ତି, ପର୍ଶୁରାମ ମହାପାତ୍ର ପ୍ରମୁଖ ଆଇନ୍‌ଜୀବୀ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo